CMYK

• Vol.- 46, Issue No. 126
• Wednesday, 5 August 2026
• ବୁଧବାର, ୫ ଅଗଷ୍ଟ ୨୦୨୬
• Bhubaneswar
• Price: Rs. 3.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

# ଓଡ୍ରାଫର ହେବ ନବକଳେବର

ଭୁବନେଶ୍ୱର,୪ ।୮(ନିପ୍ର): ଓଡ୍ରାଫକୁ ରାଜ୍ୟର ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ /ଷ୍ଟେଟ୍ ଡିଜାଷ୍ଟର୍ ରେସପନ୍ସ ଫୋର୍ସ (ଏସଡିଆରଏଫ୍) ଭାବେ ଉନ୍ନୀତ କରାଯିବ ଏବଂ ଏହାକୁ ବିପର୍ଯ୍ୟୟ ମୁକାବିଲା ପାଇଁ ଏକ ସମ୍ପୂର୍ଣ୍ଣ ସମର୍ପିତ ବାହିନୀରେ ପରିଣତ କରିବା ଦିଗରେ ପର୍ଯ୍ୟାୟକ୍ରମେ ପଦକ୍ଷେପ ଗ୍ରହଣ କରାଯିବ। ସେହିପରି, ଓଡ୍ରାଫ ପାଇଁ ସ୍ୱତନ୍ତ୍ର ବାଟାଲିଅନ୍ ଗଠନ ସହିତ ଏହାର ନେତୃତ୍ୱ ଓ ପରିଚାଳନା ପାଇଁ ଜଣେ ସ୍ୱତନ୍ତ୍ର ଅଧିକାରୀ ନିଯୁକ୍ତ କରିବାକୁ ମଧ୍ୟ ପଦକ୍ଷେପ ନିଆଯିବ। ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧକ୍ଷତାରେ ରାଜ୍ୟର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ଏବଂ ଭିତ୍ତିଭୂମି ସମ୍ପର୍କରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଓଡ୍ରାଫର ଆବଶ୍ୟକ ଦକ୍ଷତା ଏବଂ ସାମର୍ଥ୍ୟ ବୃଦ୍ଧି ନିମନ୍ତେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ବୈଠକରେ ସାମ୍ପ୍ରତିକ ବନ୍ୟା ପରିପ୍ରେକ୍ଷୀରେ ପ୍ରତିକୂଳ ପରିସ୍ଥିତିରେ ଓଡ୍ରାଫ୍ ଦ୍ୱାରା ବିଭିନ୍ନ ପ୍ରଭାବିତ ଅଞ୍ଚଳରେ ପ୍ରଦତ୍ତ ସେବା ଏବଂ ସମ୍ମୁଖୀନ ହୋଇଥିବା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଅଗଷ୍ଟ ୪ ତାରିଖ ସୁଦ୍ଧା ୯ଟି ଜିଲ୍ଲାରେ ପ୍ରାୟ ୫୮ ଘଣ୍ଟାର ରାତ୍ରିକାଳୀନ ଉଦ୍ଧାର ଅଭିଯାନ ସହ ପ୍ରାୟ ୫୯ଟି ବୋଟ୍ ବ୍ୟବହୃତ ହୋଇଛି ।



★ ସ୍ୱତନ୍ତ୍ର ବାଟାଲିଅନ୍ ହେବ ଗଠନ
★ ଏସଡିଆରଏଫ୍ ଭାବେ ବୃଦ୍ଧି ପାଇବ ଦକ୍ଷତା ଓ କ୍ଷମତା
★ ୩୦ ୟୁନିଟ୍ ରାଜ୍ୟର ବିଭିନ୍ନ ସ୍ଥାନରେ ହେବେ ନିୟୋଜିତ

ଏଥିରେ ୮୫୨ ଜଣ ପୁରୁଷ ଏବଂ ୫୪୧ ଜଣ ମହିଳାଙ୍କୁ ଓଡ୍ରାଫ୍ ଦ୍ୱାରା ସୁରକ୍ଷିତ ଉଦ୍ଧାର କରାଯାଇଛି । ପ୍ରାୟ ୫୯ଟି ଓଡ୍ରାଫ୍ ଟିମରେ ୬୭୪ ଜଣ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇ ଦିନ ରାତି ଏକ କରି ସମର୍ପିତ ହୋଇ ଜନସାଧାରଣଙ୍କୁ ସେବା ଏବଂ ସହାୟତା ଯୋଗାଇ ଦେଇଛନ୍ତି । ଓଡ୍ରାଫ୍ ଦ୍ୱାରା ବନ୍ୟା ପ୍ରଭାବିତ ଅଂଚଳରେ ପ୍ରଦତ୍ତ ବ୍ୟାପକ ସେବା କାର୍ଯ୍ୟର ସମୀକ୍ଷା କରି ମନ୍ତ୍ରୀ ଉଦ୍ଧାରକାରୀ ଦଳର ପ୍ରଶଂସା କରିବା ସହ ଏପରି ପ୍ରତିକୂଳ ପରିସ୍ଥିତିରେ ଓଡ୍ରାଫ୍ ଟିମର ସାହସିକତା ଏବଂ ସମର୍ପିତ ମନୋଭାବ ଆମକୁ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଆହୁରି ସଶକ୍ତ କରିବା ସହ ଆତ୍ମବିଶ୍ୱାସ ଯୋଗାଇଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ବୈଠକରେ ଓଡ୍ରାଫର ଦକ୍ଷତା ଏବଂ କ୍ଷମତା ବୃଦ୍ଧି ସହ ଆଗାମୀ ସମୟରେ ଏହାର ସୁବ୍ୟବସ୍ଥିତ ପରିଚାଳନା ନିମନ୍ତେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ସୂଚନାଯୋଗ୍ୟ ଯେ, ବିପର୍ଯ୍ୟୟ ପରିଚାଳନା (ସଂଶୋଧନ) ଆଇନ୍, ୨୦୨୫ ଅଧୀନରେ ପ୍ରତ୍ୟେକ ରାଜ୍ୟରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ /ଷ୍ଟେଟ୍ ଡିଜାଷ୍ଟର୍ ରେସପନ୍ସ ଫୋର୍ସ (ଏସଡିଆରଏଫ୍) ସ୍ଥାପନ ସହ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ବ୍ୟାପକ କରିବା ନିମନ୍ତେ ଅଧାଦେଶ ରହିଛି। ଏହି ପରିପ୍ରେକ୍ଷୀରେ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ତରଫରୁ ପ୍ରତ୍ୟେକ ରାଜ୍ୟରେ ଏସଡିଆରଏଫ୍ ଗଠନ ସହ ଏହାର କାର୍ଯ୍ୟପ୍ରଣାଳୀ, ତାଲିମ୍ ପ୍ରକ୍ରିୟା, ପରିଚାଳନା ସମ୍ପର୍କିତ ବିସ୍ତୃତ ରୂପରେଖ ମଧ୍ୟ ଗୃହୀତ ହୋଇଛି । ଆଗାମୀ ଦିନରେ ନିର୍ମିତ ହେବାକୁ ଥିବା ବିପର୍ଯ୍ୟୟ ପରିଚାଳନା ଭବନରେ ଏହାର ମୁଖ୍ୟାଳୟ ଅବସ୍ଥାପିତ ହେବାକୁ ଥିବା ବେଳେ ନୂତନ ୧୦ଟି ୟୁନିଟ୍ ସହ ସମୁଦାୟ ୩୦ଟି ୟୁନିଟ୍ ରାଜ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ନିୟୋଜିତ ହେବେ । ସେହିପରି ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସଡମା) ପୁଲିସ ବିଭାଗର ପରାମର୍ଶ ତଥା ସହଯୋଗ କ୍ରମେ ଓଡ୍ରାଫର କାର୍ଯ୍ୟ, ପ୍ରଶିକ୍ଷଣ, ଆବଶ୍ୟକ ଭିତ୍ତିଭୂମି, ସରଞ୍ଜାମ ଏବଂ ନିଯୁକ୍ତି ତଥା ମାନବସମ୍ବଳ ପରିଚାଳନାକୁ ଆଧାର କରି ଏକ ସମ୍ପୂର୍ଣ୍ଣ ଏସଓପି ପ୍ରସ୍ତୁତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

## ଟ୍ରେନ୍‌ରେ ବ୍ରହ୍ମପୁର ଗଲେ ରାଷ୍ଟ୍ରପତି
# କନ୍ଧୁଣୀ ଦେବୀଙ୍କ କଲେ ପୂଜାର୍ଚ୍ଚନା



ବ୍ରହ୍ମପୁର,୪ ।୮: ଓଡ଼ିଶା ଗସ୍ତରେ ଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ବ୍ରହ୍ମପୁର ରେଳ ଷ୍ଟେସନରେ ପହଞ୍ଚିବା ପରେ ସେ ସଡ଼କ ପଥରେ ତପ୍ତପାଣି ଯାଇ ମା’ କନ୍ଧୁଣୀ ଦେବୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ମା’ଙ୍କ ନିକଟରେ ଦେଶ ଓ ରାଜ୍ୟର ଶାନ୍ତି, ସମୃଦ୍ଧି ଏବଂ ସମସ୍ତଙ୍କ ମଙ୍ଗଳ କାମନା କରିଥିବା ସୂଚନା ମିଳିଛି। ତେବେ ଏହି ଗସ୍ତର ସବୁଠାରୁ ଆକର୍ଷଣୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା ଦିଗପହଣ୍ଡିରେ। ରାସ୍ତାରେ ଯିବା ବେଳେ ରାଷ୍ଟ୍ରପତିଙ୍କ କାଫିଲା(ମୋଟରକେଡ୍) କିଛି ସମୟ ପାଇଁ ଅଟକିଥିଲା। ସେହି ସମୟରେ ସେ ଗାଡ଼ିରୁ ଛାତ୍ରୀମାନଙ୍କୁ ଦେଖି ନିଜେ ଚକୋଲେଟ୍ ବାଣ୍ଟିଥିଲେ। ଦିଗପହଣ୍ଡି କଲେଜ ସମ୍ମୁଖରେ ରାଷ୍ଟ୍ରପତିଙ୍କ ଏହି ସ୍ନେହଭରା ଅଙ୍ଗଭଙ୍ଗୀ ଛାତ୍ରୀମାନଙ୍କୁ ବେଶ୍ ଉତ୍ସାହିତ କରିଥିଲା। ଏହି ଦୃଶ୍ୟ ସେଠାରେ ଉପସ୍ଥିତ ଲୋକଙ୍କ ମନକୁ ମଧ୍ୟ ଛୁଇଁଥିଲା। ମନ୍ଦିରରେ ପୂଜା ସାରିବା ପରେ ରାଷ୍ଟ୍ରପତି ପୁଣି ସଡ଼କ ପଥରେ ବ୍ରହ୍ମପୁର ଫେରିଥିଲେ। ସେଠାରେ ଗୋଲାବନ୍ଧ ଆର୍ମି ଏୟାର ଡିଫେନ୍ସ କଲେଜରେ ସେ ରାତ୍ରିଯାପନ କରିଥିବା ସୂଚନା ମିଳିଛି। ରାଷ୍ଟ୍ରପତିଙ୍କ ଏହି ଗସ୍ତ ସମୟରେ ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଉପସ୍ଥିତ ଥିଲେ। ଗସ୍ତକୁ ନେଇ ବ୍ରହ୍ମପୁର ରେଳ ଷ୍ଟେସନରୁ ତପ୍ତପାଣି ପର୍ଯ୍ୟନ୍ତ ସମସ୍ତ ରାସ୍ତାରେ ‘ବ୍ଲୁ ବୁକ୍’ ନିୟମ ଅନୁଯାୟୀ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସୁରକ୍ଷାକର୍ମୀଙ୍କ କଡ଼ା ନଜରଦାରି ମଧ୍ୟରେ ରାଷ୍ଟ୍ରପତିଙ୍କ ସମସ୍ତ କାର୍ଯ୍ୟକ୍ରମ ସୁରୁଖୁରୁରେ ସମ୍ପନ୍ନ ହୋଇଥିଲା।

### ବିମାନ ସୁରକ୍ଷା ମାନଦଣ୍ଡ ପାଳନ ଲକ୍ଷ୍ୟ
# ଘରୋଇ ରିଅଲ୍ ଇଷ୍ଟେଟ୍ ଫାର୍ମକୁ ନୋଟିସ

ଭୁବନେଶ୍ୱର,୪ ।୮: ଭୁବନେଶ୍ୱରର ଡେଲଟା ଛକ ନିକଟରେ ଏକ ବହୁମହଲା କୋଠା ନିର୍ମାଣ କରିବା ସମୟରେ ନିର୍ଦ୍ଧାରିତ ଉଚ୍ଚତା ପ୍ରତିବନ୍ଧକ ଉଲ୍ଲଂଘନ କରିଥିବା ଅଭିଯୋଗରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର (ବିପିଆଇଏ) କର୍ତ୍ତୃପକ୍ଷ ଏକ ଘରୋଇ ରିଅଲ୍ ଇଷ୍ଟେଟ୍ ଫାର୍ମକୁ ନୋଟିସ୍ ଜାରି କରିଛନ୍ତି। ବିମାନବନ୍ଦର ଅଧିକାରୀଙ୍କ ଅନୁଯାୟୀ, ନିର୍ମାଣାଧୀନ କୋଠାଟି ନିର୍ଦ୍ଧାରିତ ଉଚ୍ଚତା ଠାରୁ ପ୍ରାୟ ୧୧ ମିଟର ଉଚ୍ଚତା ଅତିକ୍ରମ କରିଛି। ଏହି ଉଲ୍ଲଂଘନ ଯୋଗୁଁ ଅବ୍‌ଷ୍ଟେକଲ୍ କ୍ଲିୟରାନ୍ସ ଆଲ୍ଟିଚ୍ୟୁଡ୍ ରେ ପ୍ରାୟ ୨୬ ମିଟର ବୃଦ୍ଧି ପାଇଛି। ଏହି କୋଠାଟି ବିମାନବନ୍ଦରଠାରୁ ପ୍ରାୟ ୩.୫ କିଲୋମିଟର ଦୂରରେ ଅବସ୍ଥିତ, ଯାହା ଉଡ଼ାଣ ପଥ ନିକଟତର ହୋଇଥିବାରୁ ଉଚ୍ଚତା ନିୟମାବଳୀର ପାଳନକୁ ବିଶେଷ ଗୁରୁତ୍ୱପୂର୍ଣ୍ଣ କରିଛି। ଅଧିକାରୀମାନେ କହିଛନ୍ତି ଯେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ନୋଟିସର କପିଗୁଡ଼ିକୁ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ, ନଗର ଉନ୍ନୟନ ବିଭାଗ, ପରିବହନ ବିଭାଗ, ଭୁବନେଶ୍ୱର ବିକାଶ କର୍ତ୍ତୃପକ୍ଷ ଏବଂ ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ କୁ ପଠାଯାଇଛି। ବିମାନ ସୁରକ୍ଷା ମାନଦଣ୍ଡ ପାଳନ ସୁନିଶ୍ଚିତ କରିବା ପାଇଁ ନିୟମିତ ନିୟାମକ ପ୍ରକ୍ରିୟାର ଏକ ଅଂଶ ଭାବରେ ବିପିଆଇଏ କର୍ତ୍ତୃପକ୍ଷ ନୋଟିସ୍‌କୁ ବର୍ଣ୍ଣନା କରିଛନ୍ତି।

### ଲସ୍କର ଆତଙ୍କୀ ରିଜୱାନର ଦାବି
# ଭାରତୀୟ ଏଜେଣ୍ଟ ନିପାତ କରିଛନ୍ତି ୩୦ରୁ ଅଧିକ ଆତଙ୍କବାଦୀ



ନୂଆଦିଲ୍ଲୀ,୪ ।୮: ଗୁଇନ୍ଦା ସଂସ୍ଥା ଜରିଆରେ ଭାରତୀୟ ଏଜେଣ୍ଟ ମାନେ ପାକିସ୍ତାନ ସୀମା ଭିତରେ ପଶି ଗତ କିଛି ବର୍ଷ ମଧ୍ୟରେ ୩୦ରୁ ଅଧିକ ଆତଙ୍କବାଦୀଙ୍କୁ ନିପାତ କରିସାରିଛନ୍ତି। ନିଷିଦ୍ଧ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଏବା (ଏଲଇଟି)ର ଅପରେଟିଭ୍ ରିଜୱାନ୍ ହନିଫର ଏପରି ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ନୂଆ ଚର୍ଚ୍ଚା ସୃଷ୍ଟି ହୋଇଛି। ଗତ ମେ’ ମାସର ଏହି ଭିଡିଓରେ ରିଜୱାନ୍ ନିଜ ସମର୍ଥକଙ୍କୁ ସମ୍ବୋଧିତ କରି କହିଛି ଯେ, ଭାରତୀୟ ଗୁଇନ୍ଦା ଏଜେନ୍ସିଙ୍କ କାର୍ଯ୍ୟାନୁଷ୍ଠାନ ଯୋଗୁଁ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ଲସ୍କର ଆତଙ୍କବାଦୀ ମାନେ ଶାନ୍ତିରେ ରହିପାରୁନାହାନ୍ତି। ରିଜୱାନର ଦାବି ଅନୁଯାୟୀ, ଗତ ୩ରୁ ୪ ବର୍ଷ ମଧ୍ୟରେ ପାକିସ୍ତାନର ପେଶାୱାର, କରାଚୀ, ରାୱଲପିଣ୍ଡି, ମୁଜଫରାବାଦ ଏବଂ ରାୱଲାକୋଟ ଭଳି ବିଭିନ୍ନ ସହରରେ ସୁନିୟୋଜିତ ଭାବେ ଆତଙ୍କବାଦୀଙ୍କୁ ହତ୍ୟା କରାଯାଇଛି।

# ବନ୍ୟା ପ୍ରଭାବିତ ଜିଲ୍ଲାଗୁଡ଼ିକରେ ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ କର

ଭୁବନେଶ୍ୱର,୪ ।୮: ମଙ୍ଗଳବାର ରାଜ୍ୟ ସରକାର ବନ୍ୟା ପ୍ରଭାବିତ ଜିଲ୍ଲାଗୁଡ଼ିକରେ ଅତ୍ୟାବଶ୍ୟକ ସାମଗ୍ରୀର ଉପଲବ୍ଧତା ଏବଂ ବଣ୍ଟନ ସମୀକ୍ଷା କରିଛନ୍ତି। ଅଗଷ୍ଟ ୧୫ ସୁଦ୍ଧା ନିରବଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରିବା, ମୂଲ୍ୟ ବୃଦ୍ଧିକୁ ରୋକିବା ଏବଂ ବିଭିନ୍ନ କଲ୍ୟାଣକାରୀ ଯୋଜନାରେ ଖାଦ୍ୟଶସ୍ୟ ଏବଂ କିରାସିନି ବଣ୍ଟନ ସମ୍ପୂର୍ଣ୍ଣ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂହଙ୍କ ଅଧକ୍ଷତାରେ ବିଭାଗର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଏହି ନିର୍ଦ୍ଦେଶ ଜାରି କରାଯାଇଛି।

# ଚିଲିକା, ସାତପଡ଼ାର ହେବ ସାମଗ୍ରିକ ବିକାଶ

● ନକ୍ସା ପ୍ରସ୍ତୁତି ଉପରେ ଆଲୋଚନା
● ଜେଟିଗୁଡ଼ିକର ହେବ ବିକାଶ, ରହିବ ବାର୍ଡସ ଭ୍ୟୁ ପଏଣ୍ଟ
● ଜୈବବିବିଧତା ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ



ଭୁବନେଶ୍ୱର, ୪ ।୮(ନିପ୍ର) ଏସିଆର ସର୍ବବୃହତ୍ କ୍ଷାରୀୟ ହ୍ରଦ ଏବଂ ରାମସାର ସାଇଟ୍‌ର ଖ୍ୟାତି ଅର୍ଜନ କରିଥିବା ଚିଲିକା ହ୍ରଦ ଏବଂ ଏଥି ମଧ୍ୟରେ ଥିବା କାଳିଜାଇ ପୀଠ ଏବଂ ସାତପଡ଼ା ଅଞ୍ଚଳର ସାମଗ୍ରିକ ବିକାଶ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଚିଲିକା ହ୍ରଦକୁ ନେଇ ଏକ ସ୍ୱତନ୍ତ୍ର ପରିଚୟ ଥିବାବେଳେ ଏହାର ସାମଗ୍ରିକ ବିକାଶର ନକ୍ସା ପ୍ରସ୍ତୁତ ନେଇ ଲୋକସେବା ଭବନଠାରେ ବୈଠକ ଅନୁଷ୍ଠିତ ହୋଇଥିଲା । ଚିଲିକାକୁ ଏକ ଆକର୍ଷଣୀୟ ଓ ବିଶ୍ୱସ୍ତରୀୟ ପର୍ଯ୍ୟଟନ ସ୍ଥଳୀ ଭାବେ ଗଢ଼ି ତୋଳିବା ସହ ମା’ କାଳିଜାଇ ପୀଠର ସର୍ବାଙ୍ଗୀନ ବିକାଶ ସହ ଚିଲିକାର ପରିବେଶ, ଜୈବ ବିବିଧତା ଓ ପ୍ରାକୃତିକ ସୌନ୍ଦର୍ଯ୍ୟର ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ ପରିବେଶ ସମ୍ବେଦନଶୀଳ ବିକାଶ ଉପରେ ଗୁରୁତ୍ୱ ଦିଆଯିବ ବୋଲି ମନ୍ତ୍ରୀ ମତ ପ୍ରକାଶ କରିଥିଲେ। ବୈଠକରେ ବିଭିନ୍ନ ସଂସ୍ଥା ପକ୍ଷରୁ ଏହାର ବିକାଶ ନେଇ ପ୍ରସ୍ତୁତ ନକ୍ସା ପ୍ରଦର୍ଶିତ ହୋଇଥିଲା । ଏଥିରେ ଉନ୍ନତ ରାସ୍ତାଘାଟ ନିର୍ମାଣ ସହ ଜେଟିଗୁଡ଼ିକର ବିକାଶ, ପାର୍କିଂ ସ୍ଥାନ ନିର୍ମାଣ, ପକ୍ଷୀ ଦେଖିବା ପାଇଁ ବାର୍ଡସ ଭ୍ୟୁ ପଏଣ୍ଟ ପ୍ରଭୃତି ସ୍ଥାନିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

# ଲୋକଙ୍କୁ ରିଲିଫ ଓ କ୍ଷୟକ୍ଷତି ଦିଅ: ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୪ ।୮(ନିପ୍ର): ବନ୍ୟା ପରବର୍ତ୍ତୀ ସ୍ଥିତିକୁ ନେଇ ମଙ୍ଗଳବାର ସଚିବସ୍ତରୀୟ ବୈଠକରେ ଗୁରୁତ୍ୱ ଦିଆଯାଇଛି । ଲୋକଙ୍କୁ ରିଲିଫ ଓ କ୍ଷୟକ୍ଷତି ପ୍ରଦାନ କରିବାକୁ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । କିପରି ଜଣେ ବି ଯୋଗ୍ୟ ବ୍ୟକ୍ତି ବଞ୍ଚିତ ନ ହେବ ତାକୁ ପ୍ରାଥମିକତା ଦିଆଯିବ । ସବୁ ବିଭାଗ ସହଯୋଗ କରିବା ପାଇଁ ଆଲୋଚନା । ତା ସହ ବୈଠକରେ ନିଶାମୁକ୍ତ ଓ ସାଇବର୍ ଅପରାଧକୁ ରୋକିବାକୁ ପ୍ରାଧାନ୍ୟ ଦିଆଯାଇଛି । କିପରି ଲୋକଙ୍କୁ ଏହି ସବୁ ସମସ୍ୟାରୁ କଢ଼ା ଯାଇପାରିବ ତାକୁ ଗୁରୁତର ସହ ନେଇ ବିଭାଗ ମାନ ନିଜ ନିଜର ପ୍ରସ୍ତୁତି କରିବାକୁ ନିର୍ଦ୍ଦେଶ। ଅପରପକ୍ଷେ ଗଜପତି ଜିଲ୍ଲାପାଳ ତାଙ୍କ ଜିଲ୍ଲାର ମୁଖ୍ୟ ସମସ୍ୟା ସଚିବ ସ୍ତରୀୟ ବୈଠକରେ ଉପସ୍ଥାପନ କରିଥିଲେ । ଯାହା ଉପରେ ଗୁରୁତ୍ୱ ଦେଇ ଯଥା ଶୀଘ୍ର ସମାଧାନ ପାଇଁ ମୁଖ୍ୟ ଶାସନ ସଚିବ ସମସ୍ତ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# କୁମ୍ଭୀର ଦେଖିଲେ ହ୍ୱାଟସଆପ୍ କରନ୍ତୁ
### ଜରୁରୀକାଳୀନ ନଂ.୯୯୩୮୯୧୪୧୦୧



ଭୁବନେଶ୍ୱର,୪ ।୮: ବର୍ଷା ଋତୁରେ ବ୍ରାହ୍ମଣୀ, ମହାନଦୀ ଏବଂ ବୈତରଣୀ ନଦୀରେ ଜଳସ୍ତର ବୃଦ୍ଧି ପାଉଥିବାରୁ, ରାଜନଗର ବନ ବିଭାଗ ଏକ ଜରୁରୀକାଳୀନ ହ୍ୱାଟ୍ସଆପ୍ ହେଲ୍ପଲାଇନ୍ (୯୯୩୮୯୧୪୧୦୧) ସକ୍ରିୟ କରିଛି ଏବଂ ମଣିଷ-କୁମ୍ଭୀର ସଂଘର୍ଷକୁ ରୋକିବା ପାଇଁ ଏପରି ସଂଘର୍ଷ ପ୍ରବଣ ଗ୍ରାମଗୁଡ଼ିକରେ ଏକ ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ କରିଛି। ଅଧିକାରୀମାନେ କହିଛନ୍ତି ଯେ ବନ୍ୟା ଜଳର ବୃଦ୍ଧି ଯୋଗୁଁ ନଦୀକୂଳ ଅଞ୍ଚଳରୁ କୁମ୍ଭୀରମାନେ ମାନବ ବସତି ଏବଂ ସ୍ଥାନୀୟ ଲୋକଙ୍କ ଦ୍ୱାରା ବ୍ୟବହୃତ ନଦୀ ଘାଟ ଆଡ଼କୁ ଯିବାର ସମ୍ଭାବନା ବୃଦ୍ଧି ପାଉଛି। ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ, ବନ ବିଭାଗର କ୍ଷେତ୍ର କର୍ମଚାରୀମାନେ ବନ୍ୟା ପ୍ରଭାବିତ ଗ୍ରାମଗୁଡ଼ିକୁ ପରିଦର୍ଶନ କରି ସମ୍ଭାବ୍ୟ ମୁକାବିଲା ଏବଂ ପାଳନ କରିବାକୁ ଥିବା ସତର୍କତାମୂଳକ ପଦକ୍ଷେପ ବିଷୟରେ ବାସିନ୍ଦାଙ୍କୁ ସୂଚନା ଦେଉଛନ୍ତି।ଅଭିଯାନ ସମୟରେ, ଅତି ଆବଶ୍ୟକ ନଥିଲେ ଲୋକମାନଙ୍କୁ ନଦୀ, ନାଳ କିମ୍ବା ନାଳରେ ପ୍ରବେଶ ନ କରିବାକୁ ପରାମର୍ଶ ଦିଆଯାଇଛି। ପାଣି ସଂଗ୍ରହ କରିବା, ମାଛ ଧରିବା କିମ୍ବା ଗାଧୋଇବା ସମୟରେ ବିଶେଷ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି। ପିଲାମାନଙ୍କୁ ବିନା ଅନୁମତିରେ ଜଳାଶୟ ନିକଟକୁ ନ ଯିବାକୁ କୁହାଯାଇଛି, ଏବଂ କୁମ୍ଭୀର ପ୍ରବଣ ଅଞ୍ଚଳରେ ଗୃହପାଳିତ ପଶୁମାନଙ୍କୁ ଚରାଇବା କିମ୍ବା ପାଣି ଆଣିବା ସମୟରେ ଅତିରିକ୍ତ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି।ବନ ବିଭାଗ ପକ୍ଷରୁ ବାସିନ୍ଦାଙ୍କୁ ଆବାସିକ ଅଞ୍ଚଳ କିମ୍ବା ନିକଟସ୍ଥ ଜଳାଶୟଗୁଡ଼ିକରେ କୁମ୍ଭୀର ଦେଖିବା ମାତ୍ରେ ତୁରନ୍ତ ହ୍ୱାଟସଆପ୍ ହେଲ୍ପଲାଇନ୍ ୯୯୩୮୯୧୪୧୦୧ ରେ ରିପୋର୍ଟ କରିବାକୁ ନିବେଦନ କରାଯାଇଛି, ଯାହାଦ୍ୱାରା ବନ କର୍ମଚାରୀମାନେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ।

### ।। ଅଭିନେତ୍ରୀ ତ୍ରିଶାଙ୍କ ବିରୋଧରେ ଆପତ୍ତିଜନକ ଟିପ୍ପଣୀ ଅଭିଯୋଗ ।।
# ଗିରଫଦାରିର ୪ ଘଣ୍ଟା ପରେ ମୁକ୍ତ ହେଲେ ଉଦୟନିଧି

ଚେନ୍ନାଇ,୪ ।୮: ତାମିଲନାଡୁରେ ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ତଥା ଦ୍ରାବିଡ଼ ମୁନେତ୍ର କାଜାଗମ୍ (ଡିଏମକେ) ନେତା ଉଦୟନିଧି ଷ୍ଟାଲିନ୍‌ଙ୍କ ଗିରଫଦାରିକୁ ନେଇ ରାଜ୍ୟର ରାଜନୈତିକ ଉଷ୍ମତା ପ୍ରକାଶ ପାଇଥିଲା ।ଅଭିନେତ୍ରୀ ତ୍ରିଶାଙ୍କ ବିରୋଧରେ ଆପତ୍ତିଜନକ ଦ୍ୱିଅର୍ଥବୋଧକ ଟିପ୍ପଣୀ କରିବା ଅଭିଯୋଗରେ ଗିରଫ ହେବାର ପ୍ରାୟ ୪ ଘଣ୍ଟା ପରେ ବିଧାନସଭାର ବିରୋଧୀ ଦଳର ଏହି ନେତାଙ୍କୁ ପୋଲିସ ହାଜତରୁ ମୁକ୍ତ କରାଯାଇଛି । ମାଡ୍ରାସ ହାଇକୋର୍ଟ ତାମିଲନାଡୁ ପୁଲିସକୁ ଜେରା ଶେଷ କରିବା ପରେ ତାଙ୍କୁ ତୁରନ୍ତ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ହାଇକୋର୍ଟ ଏହି ନେତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ଆଗାମୀ ଦିନରେ ଯେତେବେଳେ ବି ଆବଶ୍ୟକ ପଡ଼ିବ, ସେ ଏହି ମାମଲାର ତଦନ୍ତରେ ପୋଲିସକୁ ସମ୍ପୂର୍ଣ୍ଣ ସହଯୋଗ କରିବେ। ମାମଲାର ଶୁଣାଣି ସମୟରେ ତାଞ୍ଜାଭୁର ପୋଲିସ ପକ୍ଷରୁ ହାଇକୋର୍ଟରେ ହାଜର ହୋଇ ଆଡଭୋକେଟ୍ ଜେନେରାଲ ବିଜୟ ନାରାୟଣନ କହିଛନ୍ତି ଯେ, ଉଦୟନିଧିଙ୍କୁ ପୁଲିସ ଜେଲ୍ ପଠାଇବାକୁ ଚାହୁଁନାହିଁ। ରାଜ୍ୟ ପ୍ରଶାସନର ଉଦ୍ଦେଶ୍ୟ କେବଳ ତାଙ୍କୁ ପଚରାଉଚରା କରିବା ଥିଲା। ସମଗ୍ର ବିବାଦର ଆରମ୍ଭ ଅଗଷ୍ଟ ୩ ତାରିଖରେ ତଞ୍ଜାଭୁରରେ କାବେରୀ ଜଳ ବିବାଦକୁ ନେଇ ଏକ ବଡ଼ ପ୍ରଦର୍ଶନରୁ ହୋଇଥିଲା। ଏହାର ନେତୃତ୍ୱ ନିଜେ ଉଦୟନିଧି ଷ୍ଟାଲିନ୍ ନେଉଥିଲେ। ଏହି ପ୍ରତିବାଦ ପ୍ରଦର୍ଶନ ସମୟରେ ଡିଏମକେ



ଟିଭିକେ ସରକାରଙ୍କ ସମ୍ମୁଖରେ ବିଭିନ୍ନ ପ୍ରସଙ୍ଗ ଉଠାଇଥିଲା।ସରକାରଙ୍କଠାରୁ ଦାବି ଥିଲା ଯେ କର୍ଣ୍ଣାଟକର ପ୍ରସ୍ତାବିତ ମେକେଦାତୁ ଜଳଭଣ୍ଡାର ପ୍ରକଳ୍ପକୁ ରୋକିବା ପାଇଁ ଦୃଢ଼ ପଦକ୍ଷେପ ନିଆଯାଉ। ରାଜ୍ୟର କୃଷକମାନଙ୍କର ସମସ୍ତ ଋଣ ସମ୍ପୂର୍ଣ୍ଣ ଭାବେ ଛାଡ଼ କରାଯାଉ। କାବେରୀ ଡେଲଟା ଅଞ୍ଚଳର ଜିଲ୍ଲାଗୁଡ଼ିକୁ ସରକାରୀ ଭାବେ ମରୁଡ଼ି ପ୍ରବଣ ଅଞ୍ଚଳ ଭାବେ ଘୋଷଣା କରାଯାଉ। ପ୍ରଦର୍ଶନ ସମୟରେ ନିଜର ଅଭିଭାଷଣ ଦେବାବେଳେ ଉଦୟନିଧି ଷ୍ଟାଲିନ୍ ମୁଖ୍ୟମନ୍ତ୍ରୀଙ୍କ କାବେରୀ ବିବାଦକୁ ପରିଚାଳନା କରିବାର ତରିକାକୁ କଟୁ ସମାଲୋଚନା କରୁଥିଲେ। ସେହି ସମୟରେ ଭିଡ଼ ମଧ୍ୟରୁ କିଛି ଲୋକ ଅଭିନେତ୍ରୀ ତ୍ରିଶାଙ୍କ ନାମ ନେଇ ନାରାବାଜି କରିବାକୁ ଲାଗିଥିଲେ।ଭାଷଣ ସମୟରେ ଅଳ୍ପ ସମୟ ଅଟକି ଉଦୟନିଧି ଏକ କଥିତ ଦ୍ୱିଅର୍ଥବୋଧକ ମନ୍ତବ୍ୟ ଦେଇଥିଲେ। ତାଙ୍କର ଏହି ବୟାନ ପରେ ରାଜନୈତିକ ଉଷ୍ମତା ପ୍ରକାଶ ପାଇଥିଲା।

CMYK



# -ଶିବ ପୂଜା-

**ଶିବଲିଙ୍ଗ ଉପରେ ଜଳ ଅର୍ପଣ କରିବା ବେଲପତ୍ର ଅର୍ପଣ କରିବା ଶୁଭ ଫଳ ପ୍ରଦାନ କରେ । ଚନ୍ଦନ, କ୍ଷୀର, ଭାଙ୍ଗ ଏବଂ ଭସ୍ମ ଶଙ୍ଖ ଦ୍ୱାରା ଜଳ ଅର୍ପଣ କରିବା ଉଚିତ ନୁହେଁ । ଶ୍ରାବଣ ମାସ ଆସିବା ମାତ୍ରେ ସାରା ଦେଶରେ ଭଗବାନ ଶିବଙ୍କ ପାଇଁ ବିଶେଷ ପୂଜାର୍ଚ୍ଚନା କରାଯାଏ...**

ଶ୍ରାବଣ ସାରା ଶିବ ମନ୍ଦିରଗୁଡ଼ିକରେ ଭକ୍ତଙ୍କ ଭିଡ଼ ଜମିବ, ଏବଂ ପ୍ରତ୍ୟେକ ସୋମବାରରେ ବିଶେଷ ପୂଜା ଅନୁଷ୍ଠିତ ହେବ। ମହାଦେବଙ୍କୁ ପ୍ରସନ୍ନ କରିବା ପାଇଁ ଲୋକମାନେ ବ୍ରତ, ଜଳାଭିଷେକ, ରୁଦ୍ରାଭିଷେକ ଏବଂ ଅନେକ ପ୍ରକାରର ବିଧିବିଧାନ କରନ୍ତି। ଜାଣନ୍ତି କି ଭଗବାନ ଶିବଙ୍କର କିଛି ଜିନିଷ ଅତ୍ୟଧିକ ପ୍ରିୟ । ଏଥିସହ କିଛି ଜିନିଷ ଅର୍ପଣ କରିବାକୁ ବାରଣ କରାଯାଇଥାଏ । ଶ୍ରାବଣରେ ଶିବଙ୍କ ପୂଜା କରିବା ପୂର୍ବରୁ ଏହି କଥାଗୁଡ଼ିକୁ ମନେରଖିବା ଜରୁରୀ, ହୁଏତ ଛୋଟ ଭୁଲ ମଧ୍ୟ ପୂଜାର ସୁଫଳକୁ ବ୍ୟର୍ଥ କରିପାରେ । ତେବେ କେଉଁ ଜିନିଷଗୁଡ଼ିକ ଭଗବାନ ଶିବଙ୍କର ଅତ୍ୟଧିକ ପ୍ରିୟ। ସେ ସମ୍ପର୍କରେ ଆଲୋଚନା-


### ● ଶିବଲିଙ୍ଗ ଉପରେ ଜଳ ଅର୍ପଣ କରିବା

ସମୁଦ୍ର ମନ୍ଥନ ସମୟରେ ବିଷ ବାହାରିବା ପରେ ଭଗବାନ ଶିବ ସମଗ୍ର ସୃଷ୍ଟିର ରକ୍ଷା ପାଇଁ ସେହି ବିଷକୁ ପାନ କରିଥିଲେ। ବିଷର ପ୍ରଭାବରେ ତାଙ୍କ ଶରୀରରେ ଜ୍ୱଳନ ହେବାକୁ ଲାଗିଲା, ଯାହାକୁ ଶାନ୍ତ କରିବା ପାଇଁ ତାଙ୍କୁ ଲଗାତାର ଜଳ ଅର୍ପଣ କରାଯାଇଥିଲା। ଏହି କାରଣରୁ ଶିବଲିଙ୍ଗ ଉପରେ ଜଳ ଅର୍ପଣ କରିବାକୁ ସର୍ବୋତ୍ତମ ପୂଜା ଭାବରେ ବିବେଚନା କରାଯାଏ।

### ● ବେଲପତ୍ର ଅର୍ପଣ କରିବା ଶୁଭ ଫଳ ପ୍ରଦାନ କରେ

ଶିବଙ୍କୁ ବେଲପତ୍ର ଅର୍ପଣ କରିବା ଅତ୍ୟନ୍ତ ଫଳଦାୟକ ବୋଲି ବିବେଚନା କରାଯାଏ। ଏହାର ତିନୋଟି ପତ୍ର ଶିବଙ୍କ ତ୍ରିନେତ୍ରର ପ୍ରତୀକ ଅଟେ। ଧାର୍ମିକ ବିଶ୍ୱାସ ଅନୁଯାୟୀ, ଗୋଟିଏ ବେଲପତ୍ର ଅର୍ପଣ କରିବା ଗୋଟିଏ କୋଟି କନ୍ୟାଦାନ ସହିତ ସମାନ ପୁଣ୍ୟ ପ୍ରଦାନ କରେ।







### ● ଚନ୍ଦନ, କ୍ଷୀର, ଭାଙ୍ଗ ଏବଂ ଭସ୍ମ

ଶିବଙ୍କ ପୂଜାରେ ଚନ୍ଦନ, କ୍ଷୀର, ଭାଙ୍ଗ ଏବଂ ଭସ୍ମ ଦେଇ ମଧ୍ୟ ପୂଜା କରାଯାଏ । ଚନ୍ଦନ ସାମାଜିକ ପ୍ରତିଷ୍ଠା ଏବଂ ସମ୍ମାନ ବୃଦ୍ଧି କରିଥାଏ। ଏହା ବ୍ୟତୀତ ଭାଙ୍ଗ, ଭସ୍ମ, ଚାଉଳ, ରୁଦ୍ରାକ୍ଷ ଇତ୍ୟାଦି ଶିବଙ୍କର ପ୍ରିୟ ବୋଲି ବିବେଚନା କରାଯାଏ।

### ● *କେଉଁ ଜିନିଷ ଶିବଙ୍କୁ ଅର୍ପଣ କରିବା ଉଚିତ ନୁହେଁ?*

### ଶୃଙ୍ଗାରର ସାମଗ୍ରୀ ଶିବଙ୍କୁ ପସନ୍ଦ ନୁହେଁ

ଭଗବାନ ଶିବଙ୍କୁ ବୈରାଗ୍ୟ ଦେବତା ଭାବରେ ବିବେଚନା କରାଯାଏ। ସେ ସାଂସାରିକ ମୋହ ଏବଂ ସୌନ୍ଦର୍ଯ୍ୟଠାରୁ ଦୂରରେ ରହିଥାନ୍ତି। ତେଣୁ ତାଙ୍କ ପୂଜାରେ ହଳଦୀ, ମେହେନ୍ଦୀ, କୁଙ୍କୁମ, ବିନ୍ଦି ଭଳି ସୌନ୍ଦର୍ଯ୍ୟ ସହିତ ଜଡିତ ଜିନିଷ ଅର୍ପଣ କରିବାକୁ ବାରଣ କରାଯାଇଛି।

### ● ଶଙ୍ଖ ଦ୍ୱାରା ଜଳ ଅର୍ପଣ କରିବା ଉଚିତ ନୁହେଁ

ଶଙ୍ଖ ଜଳରେ ଅଭିଷେକ କରିବା ଏକ ସାଧାରଣ କଥା କିନ୍ତୁ ଶିବଲିଙ୍ଗ ଉପରେ ଶଙ୍ଖ ଦ୍ୱାରା ଜଳ ଅର୍ପଣ କରିବା ମନା ଅଟେ। ଶାସ୍ତ୍ର ଅନୁଯାୟୀ, ଶିବ ଥରେ ଶଙ୍ଖଚୂଡ଼ ନାମକ ଅସୁରକୁ ବଧ କରିଥିଲେ, ତେଣୁ ସେ ଶଙ୍ଖ ସହିତ ଜଡିତ ଜିନିଷଗୁଡ଼ିକୁ ଗ୍ରହଣ କରନ୍ତି ନାହିଁ।

### ● ତୁଳସୀ ପତ୍ର ଶିବଙ୍କୁ ଅର୍ପଣ କରାଯାଏ ନାହିଁ

ଏକ ପ୍ରାଚୀନ କାହାଣୀ ଅନୁଯାୟୀ, ବ୍ରହ୍ମା ଏବଂ ବିଷ୍ଣୁଙ୍କ ବିବାଦରେ ତୁଳସୀ ମିଛ ସାକ୍ଷ୍ୟ ଦେଇଥିଲା। ଏହି ମିଛର ଦଣ୍ଡ ସ୍ୱରୂପ ଭଗବାନ ଶିବ ତାଙ୍କୁ ଅଭିଶାପ ଦେଇଥିଲେ ଯେ ସେ ତାଙ୍କ ପୂଜାରେ ଗ୍ରହଣୀୟ ହେବେ ନାହିଁ।



# ମୋକ୍ଷ ସନ୍ନ୍ୟାସ ଯୋଗ


ଭଗବତଗୀତାରେ ଅଠର ଅଧ୍ୟାୟ ଆଉ ସାତ ଶହ ଶ୍ଳୋକ ଅଛି। ଅଠର ତମ ଅଧ୍ୟାୟ 'ମୋକ୍ଷ ସନ୍ନ୍ୟାସ ଯୋଗ' କୁହାଯାଏ । ଅର୍ଥାତ୍ ସନ୍ନ୍ୟାସ କିମ୍ବା ତ୍ୟାଗର ମାଧ୍ୟମରେ ମୁକ୍ତିର ଯୋଗ । ଏହା ସନ୍ନ୍ୟାସ କିମ୍ବା ତ୍ୟାଗର ଦ୍ୱାରା ଗନ୍ତବ୍ୟ ପର୍ଯ୍ୟନ୍ତ ପହଞ୍ଚିବା ହେଇଥାଏ । ଯାହା ମୋକ୍ଷ କିମ୍ବା ମୁକ୍ତି ଅଟେ । ଏହା ଆମର ବିଭାଜନକାରୀ ଦୃଷ୍ଟିକୋଣରୁ ମୁକ୍ତି ଅଟେ ଆଉ ଏହା ଆସ୍ଥାଙ୍କର ଅଥବା ମାନ୍ୟତାରୁ ମୁକ୍ତି ଅଟେ । ଆଉ ଅନ୍ତତଃ ସ୍ୱୟଂ ତ୍ୟାଗରୁ ମଧ୍ୟ ମୁକ୍ତି ଅଟେ ।

ଏହି ଅଧ୍ୟାୟରେ ଅର୍ଜୁନଙ୍କ ପ୍ରଶ୍ନରେ ଆରମ୍ଭ ହୋଇଥାଏ,'ହେ ହୃଷିକେଶ ! ମୁଁ ସନ୍ନ୍ୟାସ ଆଉ ତ୍ୟାଗର ତତ୍ତ୍ୱକୁ ଆଉ ସେମାନଙ୍କ ମଧ୍ୟର ଭେଦକୁ ସ୍ୱଷ୍ଟ ରୂପରେ ଜାଣିବାକୁ ଚାହୁଁଛି' । ଶ୍ରୀକୃଷ୍ଣ ଉତ୍ତର ଦେଉଛନ୍ତି,'କାମନାରୁ ଅଭିପ୍ରେରିତ କର୍ମକୁ ପରିତ୍ୟାଗକୁ ବିଦ୍ୱାନ ଲୋକ 'ସନ୍ନ୍ୟାସ' କହିଛନ୍ତି ଆଉ ସବୁ କର୍ମର ଫଳର ତ୍ୟାଗକୁ ବୁଦ୍ଧିମାନ ଲୋକ 'ତ୍ୟାଗ' କହିଥାନ୍ତି' । କିଛି ମନୀଷୀ ଘୋଷିତ କରିଥାନ୍ତି ଯେ ସମସ୍ତ ପ୍ରକାର କର୍ମକୁ ଦୋଷ ପୂର୍ଣ୍ଣ ମାନିକରି ତାହାକୁ କରିବା ଜରୁରୀ । କିନ୍ତୁ ଅନ୍ୟ ବିଦ୍ୱାନ ଏହା ଆଗ୍ରହ କରଥାନ୍ତି କି ଯଜ୍ଞ,ଦାନ ତଥା ତପସ୍ୟା ଭଳି କର୍ମକୁ କେବେ ତ୍ୟାଗ କରିବ ନାହିଁ ।

ଶ୍ରୀକୃଷ୍ଣ 'ସନ୍ନ୍ୟାସ' ଆଉ 'ତ୍ୟାଗ' ଶଦ୍ଦକୁ ପରସ୍ପର ଗୋଟିଏ ରୂପରେ ପ୍ରୟୋଗ କରିଥାନ୍ତି,ଯେଉଁଥିରୁ ଏହି ସଂକେତ ମିଳିଥାଏ କି ଏହି ଦୁହେଁ ତ୍ୟାଗ କିମ୍ବା ବୈରାଗ୍ୟର ପାଇଁ ପ୍ରଯୁକ୍ତ ଦୁଇ ଭିନ୍ନ ନାମ ଅଟେ । ଶ୍ରୀକୃଷ୍ଣ ଆମକୁ ତ୍ୟାଗର ବିଷୟରେ ପ୍ରଚଳିତ ଚାରି ବିଚାରଧାରାକୁ ଅବଗତ କରେଇଛନ୍ତି । ସଂଯୋଗବଶ,ସବୁ ମତ ଆଉ ବିଶ୍ୱାସ ପ୍ରଣାଳୀର ମୂଳ ରୂପରେ ଏହି ବିଚାରଧାରରୁ କୌଣସି ଗୋଟିଏ ଉପରେ ଆଧାରିତ ଅଟେ ।

ପ୍ରଥମ ମତର ଅନୁସାରେ ତ୍ୟାଗର ଅର୍ଥ ହେଲା ସବୁ ଇଛାରେ ପ୍ରେରିତ କର୍ମର ତ୍ୟାଗ କରିବା ଅର୍ଥାତ୍ କର୍ମ କରିବା ସମୟରେ ପ୍ରେରଣା କିମ୍ବା ସ୍ୱାର୍ଥର ଅନୁପସ୍ଥିତି । ଦ୍ୱିତୀୟ ବିଚାରଧାରର ଅନୁସାରେ ତ୍ୟାଗର ଅର୍ଥ ହେଲା କୌଣସି ବି କର୍ମକୁ କରିବା ସମୟରେ କର୍ମ ଫଳର ତ୍ୟାଗ କରିବା। ତୃତୀୟ ମତ ଏହା କହିଥାଏ କି ସବୁ କର୍ମ କଳୁଷିତ(ଅପବିତ୍ର) ଅଟେ,ଅତଃ ଏହାର ପୂର୍ଣ୍ଣ ପରିତ୍ୟାଗ କରିବା ଦରକାର । ଏହି ଦୃଷ୍ଟିକୋଣ 'କର୍ତ୍ତାପଣ'ର ଭାବନାକୁ ତ୍ୟାଗ କରିବାର କଥା କରିଥାଏ ଆଉ 'ଅସ୍ତିତ୍ୱ' ଆଉ 'ପରମାତ୍ମା'ଙ୍କୁ ସମସ୍ତ କର୍ମର କର୍ତ୍ତା ରୂପରେ ମାନିଥାଏ । ଶେଷ ତଥା ଚତୁର୍ଥ ମତ ଏହା କହିଥାଏ କି କର୍ମର ପ୍ରତି ଚୟନଶୀଳ ହେବା ଦରକାର,ଯଜ୍ଞ, ଦାନ ଆଉ ତପ ଭଳି କର୍ମର ପରିତ୍ୟାଗ କରିବା କଥା ନୁହେଁ 1 । ତେଣିକି ଯେକୌଣସି ମତ କିମ୍ବା ବିଚାରଧାର ହେଉ ନା' କାହିଁକି, କୌଣସି ନା' କୌଣସି ରୂପରେ ଏହା ସବୁ ମାର୍ଗର ଗୋଟିଏ ହିଁ ଗନ୍ତବ୍ୟ 'ମୋକ୍ଷ'ର ଆଡକୁ ନେଇଯାଏ ।







# ବିଶ୍ୱାସରେ ଶକ୍ତି..

ଥରେ ନାରଦ ଭଗବାନ ଶ୍ରୀକୃଷ୍ଣଙ୍କୁ ପଚାରିଲେ,'ପ୍ରଭୁ ! ଏହି ସଂସାରରେ ଆପଣଙ୍କର ସବୁଠୁ ବଡ ଭକ୍ତ କିଏ ?'

ଶ୍ରୀକୃଷ୍ଣ ଟିକିଏ ହସିଦେଇ କହିଲେ,'ରୁକ୍ମଣୀ' ।

ନାରଦ ଆଶ୍ଚର୍ଯ୍ୟ ହୋଇ ତାଙ୍କୁ ପଚାରିଲେ,'ରାଧା ନୁହେଁ ? ଯଶୋଦା ମା' ନୁହନ୍ତି ? ଅର୍ଜୁନ ମଧ୍ୟ ନୁହନ୍ତି ?'

ଶ୍ରୀକୃଷ୍ଣ କହିଲେ,'ରୁକ୍ମଣୀ ମୋତେ ପାଇବା ପୂର୍ବରୁ ନିଜର ବୋଲି ମାନି ନେଇଥିଲେ ?'


ନାରଦ ପଚାରିଲେ,କେମିତି ?

ଶ୍ରୀକୃଷ୍ଣ କହିଲେ,ତାଙ୍କ ଭାଇ ତାଙ୍କର ବିବାହ ଶିଶୁପାଳଙ୍କ ସହିତ ନିଶ୍ଚିତ କରିଥିଲେ, ଆଉ ସେହି ସମୟ ପର୍ଯ୍ୟନ୍ତ ରୁକ୍ମଣୀ ମୋତେ ଦେଖି ବି ନଥିଲେ । ତଥାପି ସେ ମୋ ପାଇଁ ଗୋଟିଏ ପତ୍ର ଲେଖିଥିଲେ ।

ନାରଦ ପଚାରିଲେ,'କ'ଣ ଲେଖା ହେଇଥିଲା ସେ ପତ୍ରରେ ?' ଶ୍ରୀକୃଷ୍ଣ ଉତ୍ତର ଦେଲେ,'ଶଦ୍ଦ ବ ବହୁତ କମ୍ ଥିଲା,କିନ୍ତୁ ବିଶ୍ୱାସ ଅସୀମ ଥିଲା' । ସେଥିରେ ଲେଖା ହୋଇଥିଲା,ମୋତେ ପୂର୍ଣ୍ଣ ବିଶ୍ୱାସ ଅଛି ଆପଣ ଅବଶ୍ୟ ଆସିବେ । ଯଦି ଆପଣ ନ ଆସିବେ,ତା'ହେଲେ ମଧ୍ୟ ମୁଁ ଜୀବନ ସାରା ଆଉ କାହାକୁ ନିଜର ବୋଲି ଭାବିବି ନାହିଁ । ତା'ପରେ ଶ୍ରୀକୃଷ୍ଣ ହସିକରି କହିଲେ,ଯେଉଁ ବ୍ୟକ୍ତି ତୁମର ବିଶ୍ୱାସର ଯୋଗ୍ୟ ହେବ,ତା' ଉପରେ ବିଶ୍ୱାସ କରିବା ସାମାନ୍ୟ କଥା ଅଟେ । କିନ୍ତୁ ଯିଏ ତୁମର ବିଶ୍ୱାସର କାରଣ ସ୍ୱୟଂକୁ ସେହି ବିଶ୍ୱାସର ଯୋଗ୍ୟ ବନେଇ ଦେବ,ତାହା ହିଁ ପ୍ରକୃତ 'ବିଶ୍ୱାସ' ଅଟେ । ରୁକ୍ମଣୀ ମୋଠି ମୋର ସାମର୍ଥ୍ୟର ନୁହେଁ,ନିଜର ଅତୁଟ ବିଶ୍ୱାସରେ ବାନ୍ଧି ଦେଇଥିଲେ। ବିଶ୍ୱାସ ସେହି ଶକ୍ତି ଅଟେ,ଯାହା ଅସମ୍ଭବକୁ ମଧ୍ୟ ସମ୍ଭବରେ ବନେଇ ଦେଇଥାଏ । ଯେଉଁଠି ଅତୁଟ ଶ୍ରଦ୍ଧା.ନିଷ୍ଠା ଆଉ ସମର୍ପଣ ହୋଇଥାଏ, ସେଠାରେ ସ୍ୱୟଂ ଭଗବାନ ମଧ୍ୟ ନିଜର ଭକ୍ତର ବିଶ୍ୱାସକୁ ଭାଙ୍ଗିବାକୁ ଦେଇ ନ ଥାନ୍ତି।

***ମନୋଜ କୁମାର ବେହେରା***
***ମୋ- ୭୯୭୮୮୩୦୬୧୧***







*ବିଶେଷକରି ଓଡ଼ିଆଙ୍କ ପିଠାର ପ୍ରକାରଭେଦ ବହୁପ୍ରକାର। ଆଉ ପ୍ରତି ପିଠା କୌଣସି ନା କୌଣସି ଓଡ଼ିଆ ପର୍ବପର୍ବାଣି ସହିତ ଜଡ଼ିତ ଥାଏ। ସେଥିପାଇଁ ପିଠାକୁ କେହି ଭୁଲି ପାରନ୍ତି ନାହିଁ। ପର୍ବ ଆସିଲେ, ତା ସଂପର୍କିତ ପିଠା ଖାଇବାକୁ ମିଳେ।*

# ହଜି ଗଲାଣି ଓଡ଼ିଆ ପିଠା

## ଯୁବପିଢ଼ିର ପସନ୍ଦ ବର୍ଗର ପିଜା









ପରିବର୍ତ୍ତିତ ସମୟ ସହ ବଦଳି ଚାଲିଛି ସାମାଜିକ ଚାଲିଚଳଣି। ସେଥିରୁ ଓଡ଼ିଆମାନେ ବାଦ୍ ପଡ଼ନ୍ତେ କିପରି ? ଜୀବନଯାପନ ଶୈଳୀଠାରୁ ଆରମ୍ଭ କରି ଖାଦ୍ୟପେୟ ଓ ବେଶଭୂଷା; ସବୁଠି ପାଶ୍ଚାତ୍ୟ ସଂସ୍କୃତିର ଝଲକ ଦେଖିବାକୁ ମିଳୁଛି। ଆଧୁନିକ ହେବା ଚକ୍କରରେ ନିଜର ସଭ୍ୟତା ଓ ସଂସ୍କୃତିକୁ ଭୁଲି ଯାଉଛନ୍ତି ଆଜିର ଯୁବପିଢ଼ି। ଏହି କ୍ରମରେ ଓଡ଼ିଆଙ୍କର ଖାଦ୍ୟ ରଚି ମଧ ବଦଳିବାରେ ଲାଗିଛି। ଓଡ଼ିଆ ଲୋକମାନେ ନିଜର ଖାଦ୍ୟ ଆଡ଼ମ୍ବରକୁ ନେଇ ସ୍ୱତନ୍ତ୍ର ପରିଚୟ ପାଇଛନ୍ତି। ଏମାନେ ଯେମିତି ଖାଆନ୍ତି, ସେମିତି ଖୁଆନ୍ତି। ଓଡ଼ିଆଙ୍କ ଇଷ୍ଟଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଜଣେ ଖାଦ୍ୟପ୍ରିୟ ଠାକୁର। ଦୈନିକ ସେ ଖାଆନ୍ତି ଚଉଷଠୀ ପଉଟି ଭୋଗ। ସେଥିରେ ପୁଣି ଏତେ ଭେରାଇଟି ଯେ, ବୋଧହୁଏ ବିଶ୍ୱର ଅନ୍ୟ କୌଣସି ମନ୍ଦିରରେ ଏତେପ୍ରକାର ଖାଦ୍ୟ ଭୋଗ ହେଉନଥିବ। ପ୍ରତି ଓଡ଼ିଆ ଘରେ ଖାଦ୍ୟର ପ୍ରକାର ଅଲଗା ଅଲଗା। ଏତେ ଭେରାଇଟି ଦେଶୀ ଖାଦ୍ୟ ପ୍ରସ୍ତୁତି ଅନ୍ୟ କେଉଁଠି ଦେଖାଯାଏ ନାହିଁ। ବିଶେଷକରି ଓଡ଼ିଆଙ୍କ ପିଠାର ପ୍ରକାରଭେଦ ବହୁପ୍ରକାର। ଆଉ ପ୍ରତି ପିଠା କୌଣସି ନା କୌଣସି ଓଡ଼ିଆ ପର୍ବପର୍ବାଣି ସହିତ ଜଡ଼ିତ ଥାଏ। ସେଥିପାଇଁ ପିଠାକୁ କେହି ଭୁଲି ପାରନ୍ତି ନାହିଁ। ପର୍ବ ଆସିଲେ, ତା ସଂପର୍କିତ ପିଠା ଖାଇବାକୁ ମିଳେ। କିନ୍ତୁ ଏବେର ଓଡ଼ିଆମାନଙ୍କ ରଚି ବଦଳି ଚାଲିଛି। ବର୍ତ୍ତମାନ ଓଡ଼ିଆ ଖାଦ୍ୟକୁ କବଳିତ କଲାଣି ଫାଷ୍ଟଫୁଡ୍। ପିଠାର ସ୍ଥାନ ନେବାକୁ ବସିଛି ପିଜା, ବର୍ଗର, ମୋମୋ। ଆଜିର ନୂଆ ସମୟର ପିଲାଏ ମଣ୍ଡାପିଠା ଖାଇବାକୁ ପସନ୍ଦ କରୁନାହାନ୍ତି, ବରଂ ସେଇ ମଣ୍ଡାପିଠା ପ୍ରକ୍ରିୟାରେ ତିଆରି ମୋମୋ ସେମାନଙ୍କ ଦୈନନ୍ଦିନ ପସନ୍ଦର ଖାଦ୍ୟ ପାଲଟିଛି। ସେହିପରି କାକରା ପିଠାର ସ୍ଥାନ ନେଇଛି ବର୍ଗର।

# ଚାଣକ୍ୟ ନୀତି

ଚାଣକ୍ୟଙ୍କ ଅନୁଯାୟୀ, ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ସମ୍ପର୍କ ହେଉଛି ଦୁନିଆର ସବୁଠାରୁ ଶକ୍ତିଶାଳୀ ସମ୍ପର୍କ। ଏହି ସମ୍ପର୍କରେ ଏହି ଜିନିଷଗୁଡ଼ିକୁ କେବେବି ଅନୁମତି ଦିଆଯିବା ଉଚିତ ନୁହେଁ। ଚାଣକ୍ୟ ନୀତିରେ ଆଚାର୍ଯ୍ୟ ଚାଣକ୍ୟ ମଧ ଏକ ସୁଖୀ ଦାମ୍ପତ୍ୟ ଜୀବନ ବିଷୟରେ ଆଲୋଚନା କରିଛନ୍ତି। ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କକୁ କିପରି ମଜଭୁତ କରାଯିବ ଓ କେଉଁ ଜିନିଷଗୁଡ଼ିକର ଯତ୍ନ ନିଆଯିବା ଉଚିତ। **୧.** ଚାଣକ୍ୟ ନୀତି ଅନୁଯାୟୀ, ଏହି ସମ୍ପର୍କରେ ସନ୍ଦେହକୁ ଅନୁମତି ଦେବା ଉଚିତ ନୁହେଁ। ଏହି ସମ୍ପର୍କକୁ ଦୁର୍ବଳ କରିବାରେ ସନ୍ଦେହ ସବୁଠାରୁ ବିଶେଷ ଭୂମିକା ଗ୍ରହଣ କରିଥାଏ। ଏହା ଭୁଲ ବୁଝାମଣାର କାରଣ ହୋଇଥାଏ ଓ ପରେ ଏହି ସନ୍ଦେହ ଜୀବନରେ ବିଷ ଭରି ଦେଇଥାଏ। କୁହାଯାଏ ଯେ ଥରେ ସନ୍ଦେହ ପ୍ରବେଶ କଲେ ଏହା ସହଜରେ ଦୂର ହୁଏ ନାହିଁ। ସମ୍ପର୍କରେ ପରିପକ୍ୱତା ରହିବା ଉଚିତ। **୨.** ଚାଣକ୍ୟ ନୀତିରେ କୁହାଯାଇଛି ଯେ ଅହଂ ବିବାହିତ ଜୀବନରେ ବିଷକୁ ତରଳାଇବା ପାଇଁ କାମ କରେ। ଏହା ସମ୍ପର୍କକୁ ନଷ୍ଟ କରିଥାଏ। ଏଥିରୁ ଦୂରରେ ରହିବାକୁ ଚେଷ୍ଟା କରନ୍ତୁ। ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଅହଂ ପାଇଁ କୌଣସି ସ୍ଥାନ ରହିବା ଉଚିତ ନୁହେଁ। **୩.** ଆଚାର୍ଯ୍ୟ ଚାଣକ୍ୟଙ୍କ ଅନୁଯାୟୀ, ଯଦି ଦାମ୍ପତ୍ୟ ଜୀବନକୁ ସୁଖମୟ କରାଯାଏ, ତେବେ ଏଥିରେ ମିଥ୍ୟା ରହିବାର ସ୍ଥାନ ରହିବା ଉଚିତ ନୁହେଁ। ମିଥ୍ୟା ସ୍ୱାମୀ ଓ ସ୍ତ୍ରୀଙ୍କ ସମ୍ପର୍କକୁ ଦୁର୍ବଳ କରିବାକୁ ଚେଷ୍ଟା କରେ। ତେଣୁ ଏଥିରୁ ଦୂରରେ ରହିବା ଉଚିତ।

## ଆକ୍ସନ ମୁଡ୍‌ରେ ବିଡ଼ିଓ, କର୍ମଚାରୀ ଭୟଭୀତ

କୃଷ୍ଣପ୍ରସାଦ,(ନିପ୍ର ): କୃଷ୍ଣପ୍ରସାଦ ବ୍ଲକରେ କର୍ମଚାରୀଙ୍କ ଅଭାବ ଯୋଗୁଁ ବିଭିନ୍ନ ସମୟରେ ଅଚଳାବସ୍ଥା ସୃଷ୍ଟି ହୋଇଥିବାବେଳେ ଏଠାରେ କାର୍ଯ୍ୟରତ କେତେକ କର୍ମଚାରୀ କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ କରୁଥିବା ନେଇ ସାଧାରଣରେ ଅଭିଯୋଗ ଉଠିଥିଲା । ଗୋଟିଏ ପଟେ କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ବିଭାଗରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡିଥିବା ବେଳେ କାର୍ଯ୍ୟରତ କର୍ମଚାରୀ ମାନେ ମନଇଚ୍ଛା ବ୍ଲକକୁ ଯିବା ଆସିବା କରୁଥିବା ନେଇ ବିଡ଼ିଓ ଅବଗତ ହୋଇଥିଲେ। ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଡ଼ିଓ କାର୍ଯ୍ୟରତ କର୍ମଚାରୀମାନଙ୍କୁ ବିଭିନ୍ନ ପ୍ରସଙ୍ଗକୁ କେନ୍ଦ୍ର କରି ତାଗିଦ କରିଥିବା ଜଣାପଡ଼ିଛି। କର୍ମଚାରୀମାନେ ନିୟମିତ ଭାବେ ଠିକ୍ ସମୟରେ କାର୍ଯ୍ୟାଳୟକୁ ଆସିବା ଉପରେ ବିଡ଼ିଓ ଗୁରୁତ୍ୱାରୋପ କରିଥିବା ବେଳେ କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ କରୁଥିବା କର୍ମଚାରୀ ମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତାଗିଦ କରିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି । ବିଡ଼ିଓଙ୍କ ତାଗିଦ ପରେ କର୍ମଚାରୀ ମହଲରେ ଛନକା ପଶିଛି । ବ୍ଲକ କାର୍ଯ୍ୟାଳୟକୁ ବିଳମ୍ବରେ ଆସୁଥିବା କର୍ମଚାରୀମାନେ ନିର୍ଦ୍ଧାରିତ ସମୟରେ ବ୍ଲକ କାର୍ଯ୍ୟାଳୟକୁ ଆସିଥିବା ପରିଲକ୍ଷିତ ହୋଇଥିଲା । ବିଡ଼ିଓ ଆକ୍ସନ ମୁଡ଼ରେ ଥିବାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଥିବାବେଳେ କର୍ତ୍ତବ୍ୟରେ ଅବହେଳା କରୁଥିବା କର୍ମଚାରୀଙ୍କ ମନରେ ଭୟ ସୃଷ୍ଟି ହୋଇଛି। ବିଡ଼ିଓଙ୍କ ପକ୍ଷରୁ ଏଭଳି କାର୍ଯ୍ୟାନୁଷ୍ଠାନକୁ ଅଞ୍ଚଳର ବୁଦ୍ଧିଜୀବୀମାନେ ପ୍ରଶଂସା କରିଛନ୍ତି ।

## ଜୁଡୋ ଚାମ୍ପିୟାନସିପ୍ ୮ ରେ

ପୁରୀ,(ନିପ୍ର): ୮ ତାରିଖରେ ଜୁଡୋ ଚାମ୍ପିୟନସିପ୍ ସ୍ଥାନୀୟ ସନ୍ତୋଷୀ ଇଂଲିଶ ବିଦ୍ୟାଳୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ପୁରୀ ଜିଲ୍ଲା ଜୁଡୋ ଆସୋସିଏସନ ସମ୍ପାଦକ ପ୍ରକାଶ କରିଛନ୍ତି। ଚମ୍ପିୟାନସିପ୍ ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ଜାଗାରୁ ୨୦୦ରୁ ଅଧିକ ବାଳକ ବାଳିକା ଯୋଗ ଦେବାର କାର୍ଯ୍ୟକର୍ମ ରହିଛି । ଉଦଘାଟନ ଉତ୍ସବରେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ପ୍ରାକ୍ତନ ନଗର ପାଳ ତଥା ବିଦ୍ୟାଳୟର ଅଧକ୍ଷ ସୁରେନ୍ଦ୍ର ନାଥ ଦାସ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ଥିବାବେଳେ ଅପରାହ୍ନରା ଉତ୍ସବରେ ସାଂସଦ ଓ ପୁରୀ ଜିଲ୍ଲାର ସମସ୍ତ ବିଧାୟକ ଯୋଗ ଦେବ ପାଇଁ ସ୍ୱୀକୃତି ପ୍ରଦାନ କରିଥିବା କୁହାଯାଇଛି। ସାମ୍ବାଦିକ ସମ୍ମିଳନୀରେ ସନ୍ତୋଷ ଇଂରାଜୀ ବିଦ୍ୟାଳୟର ସାଧାରଣ ସମ୍ପାଦିକା ସୁଭାଷିନୀ ବଳିୟାର ସିଙ୍ଗ ଅଧକ୍ଷତା କରୁଥିବା ବେଳେ ଜୁଡୋ କୋଚ ଅକ୍ଷୟ କୁମାର ବ୍ରହ୍ମା ଶାରୀରିକ କ୍ରୀଡା ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ନାଥ ଓ ମାମାଲି ନାଥ ଉପସ୍ଥିତ ଥିଲେ।

## ବାଇସିଙ୍ଗି ଗ୍ରାମରେ ‘ଆଦିବାସୀ ଗ୍ରାମ ସମ୍ମିଳନୀ’

ରାୟଗଡ଼ା,(ନି:ପ୍ର): ରାୟଗଡ଼ା ଆଦିବାସୀ ଯୁବଶକ୍ତି ସଂଗଠନ (ଆଯୁସ) ପକ୍ଷରୁ ରାୟଗଡ଼ା ବ୍ଲକ ଅନ୍ତର୍ଗତ ବାଇସିଙ୍ଗି ଗ୍ରାମ ପଞ୍ଚାୟତର ବାଇସିଙ୍ଗି ଗ୍ରାମରେ ‘ଆଦିବାସୀ ଗ୍ରାମ ସମ୍ମିଳନୀ’ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଗ୍ରାମର ଯୁବକମାନଙ୍କୁ ନେଇ ଆଯୁସର ଏକ ଗ୍ରାମ କମିଟି ଗଠନ କରାଯିବା ସହ ଗ୍ରାମର ୭ଟି ପ୍ରମୁଖ ସମସ୍ୟା ଚିହ୍ନଟ କରାଯାଇଥିଲା। ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ସଂଗଠନ ପକ୍ଷରୁ ପର୍ଯ୍ୟାୟକ୍ରମେ କାର୍ଯ୍ୟ କରାଯିବ ବୋଲି ସୂଚନା ଦିଆଯାଇଛି। ସମ୍ମିଳନୀରେ ସଂଗଠନର ପ୍ରତିଷ୍ଠାତା ତଥା ସମାଜସେବୀ ବିଜୟ କୁମାର ମେଲାକା ସଭାପତିତ୍ୱ କରିଥିବା ବେଳେ ସହ-ପ୍ରତିଷ୍ଠାତା କାମେଶ୍ୱର ବିଡିକା ସହଯୋଗ କରିଥିଲେ। ଏହି ଅବସରରେ ଯୋହନ ତାଡିଙ୍ଗି, ରାଙ୍ଗା ପାଲାକ, ଗୁରୁନାଥ ତାଡିଙ୍ଗି, ନରି ତାଡିଙ୍ଗି, ମଣିକଣ୍ଠ ତାଡିଙ୍ଗି, ଲୋକେଶ ତାଡିଙ୍ଗି, ବିକ୍ରମ ତାଡିଙ୍ଗି, ଗିରପା ତାଡିଙ୍ଗି, ଲଦା ସିରିକା ଏବଂ ଜାମା ତାଡିଙ୍ଗି ସ୍ୱେଚ୍ଛାକୃତ ଭାବେ ଆଯୁସର ଗ୍ରାମ କମିଟିର ସଦସ୍ୟତା ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ସେମାନଙ୍କୁ ସଂଗଠନର ଉଦ୍ଦେଶ୍ୟ, କାର୍ଯ୍ୟପଦ୍ଧତି ଓ ଦାୟିତ୍ୱ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯିବା ସହ ପ୍ରତିଷ୍ଠାତା ଶ୍ରୀ ମେଲାକାଙ୍କ ଦ୍ୱାରା ଗୋପନୀୟତା ଓ ସଂଗଠନର ଆଦର୍ଶ ପାଳନ କରିବା ପାଇଁ ଶପଥ ପାଠ କରାଯାଇଥିଲା।

## ଅବସରକାଳୀନ ବିଦାୟୀ ସମ୍ବର୍ଦ୍ଧନା

କୃଷ୍ଣପ୍ରସାଦ,(ନିପ୍ର): ଚିଲିକା ବନ୍ୟପ୍ରାଣୀ ବନାଞ୍ଚଳ ବନଖଣ୍ଡ ବାଲୁଗାଁ ଅଧିନରେ କାର୍ଯ୍ୟରତ ଡ଼ଙ୍ଗା ଚାଳକ ରବୀନ୍ଦ୍ର ପ୍ରଧାନଙ୍କୁ ଅବସରକାଳୀନ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ବାଲୁଗାଁ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ରଶ୍ମିତା ଜେନାଙ୍କ ପୌରହିତ୍ୟରେ ଏକ ସଭାର ଆୟୋଜନ କରାଯାଇଥିଲା। ବନଖଣ୍ଡିୟ ଅଧିକାରୀ ଅମ୍ଲାନ ନାୟକଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ସହକାରୀ ବନ ସଂରକ୍ଷକ ରଞ୍ଜନ ବେହେରା, ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ମାନସ ରଞ୍ଜନ ମହାପାତ୍ର, ଚିଲିକା ନୂଆପଡା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ସୂର୍ଯ୍ୟକାନ୍ତ ମହାରଣା, ଟାଙ୍ଗୀ ରେଞ୍ଜର ଚିତ୍ରସେନ ଜେନା ପ୍ରମୁଖ ଉପସ୍ଥିତ ରହି ଦୀର୍ଘ ବର୍ଷ ଧରି ବିଭାଗରେ କରିଥିବା କାର୍ଯ୍ୟ ଦକ୍ଷତା ସମ୍ପର୍କରେ ଆଲୋଚନା କରି ଭୁରି ପ୍ରଶଂସା କରିଥିଲେ। ବନଖଣ୍ଡିୟ ଅଧିକାରୀ ଅମ୍ଲାନ ନାୟକ ଶ୍ରୀ ପ୍ରଧାନଙ୍କୁ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ, ଭାଗବତ ଗୀତା ଆଦି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବାଲୁଗାଁ ବନପାଳ ନାରାୟଣ ଆଲତିଆ, କେଶପୁର ବନପାଳ ବଳରାମ ସାହୁ, ପିଟିଶାଳ ବନପାଳ ଦୁର୍ଗା ଚରଣ ଟୁଡୁ, ସାତପଡ଼ା ବନପାଳ ସୁଜିତ କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ରାୟଗଡା ଆବାସିକ ବିଦ୍ୟାଳୟରେ ବଢୁଛି ହିଂସା, ଛାତ୍ରଙ୍କ ସୁରକ୍ଷା ନେଇ ପ୍ରଶ୍ନ



ରାୟଗଡ଼ା,(ନି:ପ୍ର): ବିଦ୍ୟାଳୟରେ ନିଜର ପତିଆରା ବୃଦ୍ଧି ପାଇଁ ଛାତ୍ରଙ୍କ ମଧ୍ୟରେ ଚାଲିଛି ପ୍ରତିଯୋଗିତା। ଏଥିପାଇଁ ନାବାଳକ ଛାତ୍ରମାନେ ହିଂସାର ପଥ ବାଛି ନେଉଥିବା ବେଳେ ଏନେଇ ରାୟଗଡ଼ା ଜିଲ୍ଲାରୁ ଆସିଛି ଛାତିଥରା ଦୃଶ୍ୟ। ବରିଷ୍ଠ ଛାତ୍ରମାନେ କନିଷ୍ଠ ଛାତ୍ରମାନଙ୍କୁ ଗାଈଗୋରୁଙ୍କୁ ପିଟିବା ଭଳି ଭିଡିଓ ସାମ୍ନାକୁ ଆସିଛି। କୌଣସି କାରଣକୁ ନେଇ ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ ରିଭଲକଣା ହାଇସ୍କୁଲର ଦଶମ ଶ୍ରେଣୀର ଛାତ୍ର ୯ମ ଶ୍ରେଣୀର ଛାତ୍ରଙ୍କୁ ନଡିଆ ବାହୁଙ୍ଗା ଓ ବାଡ଼ିରେ ପିଟୁଥିବା ଦୃଶ୍ୟ ସାମ୍ନାକୁ ଆସିଛି । ୨୦ରୁ ଉର୍ଦ୍ଧ୍ୱ ହଷ୍ଟେଲ ଅନ୍ତେବାସୀଙ୍କୁ ମାଡ଼ ଏହି ଘଟଣା ୨ଦିନ ତଳର ହୋଇଥିବା ବେଳେ ଆଜି ସାମ୍ନାକୁ ଆସିଛି ଯାହା ଏବେ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିବା ସହ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ନବମ ଶ୍ରେଣୀର କିଛି ଛାତ୍ର, ସମ୍ପୃକ୍ତ ଛାତ୍ର ଓ ଅନ୍ୟ ଛାତ୍ରଙ୍କ ବିରୋଧରେ ଶିକ୍ଷକଙ୍କ ନିକଟରେ ଅଭିଯୋଗ କରିଥିଲେ। ପରେ ଶିକ୍ଷକ ସମ୍ପୃକ୍ତ ଛାତ୍ରଙ୍କୁ ତାଗିଦ୍ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ସେ ଓ ତାଙ୍କ କିଛି ସହପାଠୀ ମିଶି ଗତ ରବିବାର ରାତିରେ ନବମ ଶ୍ରେଣୀର ୨୦ରୁ ଅଧିକ ହଷ୍ଟେଲ ଅନ୍ତେବାସୀଙ୍କୁ ଅମାନବୀୟ ଭାବେ ମାଡ଼ ମାରୁଥିବାର ଭିଡିଓରୁ ଦେଖିବାକୁ ମିଳିଛି। ଏନେଇ ବିଦ୍ୟାଳୟର ହଷ୍ଟେଲ ଦାୟିତ୍ୱରେ ରହିଥିବା ସୂଚନା ପ୍ରଦାନ କରି କହିଛନ୍ତି ଉକ୍ତ ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ତାଙ୍କୁ ବିଦ୍ୟାଳୟରୁ ବହିଷ୍କାର କରାଯିବା ସହ ଥାନାରେ ଏତଲା ଦିଆଯାଇଛି। ଘଟଣା ସଂପର୍କରେ ଖବର ପାଇ କୋଲନରା ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ବିଦ୍ୟାଳୟକୁ ଯାଇ ତଦନ୍ତ କରିଛନ୍ତି। ଅନ୍ୟପକ୍ଷରେ ଘଟଣା ସମ୍ପର୍କରେ ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ କୋଲନରା ଡବ୍ଲ୍ୟୁଇଓଙ୍କୁ ତଦନ୍ତ ପ୍ରଦାନ କରିବାକୁ କହିଥିବା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଜିଲ୍ଲାପାଳଙ୍କୁ ମଧ୍ୟ ଅବଗତ କରାଯାଇଥିବା ଶ୍ରୀମତୀ ରାଓ ପ୍ରକାଶ କରିଛନ୍ତି। ଘଟଣା ପରେ ହଷ୍ଟେଲରେ ରହୁଥିବା ଅନ୍ୟ ଅନ୍ତେବାସୀମାନେ ଭୟଭୀତ ଅବସ୍ଥାରେ ଥିବା ଜଣାପଡ଼ିଛି।

ତେବେ ହଷ୍ଟେଲରେ ରହୁଥିବା ଅନ୍ତେବାସୀ ଛାତ୍ରମାନଙ୍କୁ କେଉଁ ପରିସ୍ଥିତିରେ ଏଭଳି ମାଡ଼ ମରାଗଲା, ଘଟଣା ସମୟରେ ହଷ୍ଟେଲର ଦାୟିତ୍ୱରେ କିଏ ଥିଲେ ଏବଂ ଛାତ୍ରମାନଙ୍କ ସୁରକ୍ଷାରେ କୌଣସି ଅବହେଳା ହୋଇଛି କି ନାହିଁ, ସେନେଇ ବିଭାଗୀୟ ରିପୋର୍ଟ ପରେ ଅଧିକ ସ୍ୱଷ୍ଟତା ଆସିବ ବୋଲି କୁହାଯାଇଛି।

## ବଡ଼ସାହି ପଞ୍ଚାୟତ ସମିତି କଲେଜରେ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ

ବଡ଼ସାହି,(ନିପ୍ର): ବଡ଼ସାହି ଉଚ୍ଚ ମାଧମିକ ବିଦ୍ୟାଳୟରେ +୨ ପ୍ରଥମ ବର୍ଷର ବିଦ୍ୟାର୍ଥୀଙ୍କୁ ସ୍ୱାଗତ ସମ୍ବଦ୍ଧନ କରାଯାଇଛି । ଏନେଇ ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧକ୍ଷ ଛତିଶ କୁମାର ଦାସ ସଭାପତିତ୍ୱ କରିଥିଲେ । ପ୍ରାଣୀ ବିଭାଗର ମୁଖ୍ୟ ତଥା ପ୍ରଶାସନିକ ଅଧିକାରୀ ଡଃ ଜୀବନ କୁମାର ପଣ୍ଡିତ, ଗଣିତ ବିଭାଗର ପ୍ରାଧ୍ୟାପକ ଫକିର ଚରଣ ସାହୁ, ଇଂରାଜୀ ବିଭାଗର ଅଧ୍ୟାପକ ପାର୍ଥସାରଥୀ ବିଶ୍ୱାଳ, ପଦାର୍ଥ ବିଜ୍ଞାନର ମୁଖ୍ୟ ସତ୍ୟବାନ ଗୋଚ୍ଛାୟତ ପ୍ରମୁଖ ଯୋଗ ଦେଇ ଉଜ୍ଜଳ ଭବିଷ୍ୟତ ଗଠନ ଦିଗରେ ବିଦ୍ୟାର୍ଥୀମାନେ ବ୍ରତୀ ହେବାକୁ ମାର୍ଗଦର୍ଶନ କରିଥିଲେ । ଏଥିରେ ମହାବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ କ୍ରୀଡା, କଳା, କୌଶଳ, ରେଡ଼କ୍ରସ, ଏନ ଏସ ଏସ , ଏନ ସି ସି, ବିଜ୍ଞାନଗାର, ସ୍କଲାରସିପ, ପାଠାଗାର ଓ ଛାତ୍ର ସାଂସ୍କୃତିକ ଯୋଜନା ସଂଗଠନ ପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ଉତ୍ସବକୁ ଅର୍ଥଶାସ୍ତ୍ର ବିଭାଗର ଅଧ୍ୟାପକ ଗୁଲୁ ସୋରେନ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ସହଯୋଗ କରିଥିଲେ । ଏଥିରେ ବହୁ ସଂଖ୍ୟାରେ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ ।

## କଂଗ୍ରେସ ପକ୍ଷରୁ ୨୭ ନମ୍ବର ୱାର୍ଡରେ ରିଲିଫ ବଣ୍ଟନ

ଭଦ୍ରକ,(ନିପ୍ର): ୨୦୧୧ ମସିହା ପରେ ଭଦ୍ରକ ସହର ମଧ ଦେଇ ପ୍ରବାହିତ ସାଳନ୍ଦୀ ନଦୀରେ ବଡ଼ ବନ୍ୟା ଆସି ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ଭଦ୍ରକ ପୌରାଂଚଳର ୭ଟି ୱାର୍ଡ଼ ଗଭୀର ଭାବେ ପ୍ରଭାବିତ ହୋଇଥିବାବେଳେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ୨୭ ନମ୍ବର ୱାର୍ଡ଼ରେ ଭଦ୍ରକ ବିଧାନସଭା କଂଗ୍ରେସ ପକ୍ଷରୁ ଶୁଖିଲା ଖାଦ୍ୟ ବଂଟନ କରାଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ନଳିନୀ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଓ ସ୍ଥାନୀୟ ପାରିଷଦ ବହୁ କଂଗ୍ରେସ କର୍ମୀ ବନ୍ୟା ପୀଡ଼ିତଙ୍କୁ ଭେଟି ସେମାନଙ୍କ ସମସ୍ୟା ବୁଝିଥିଲେ। ଏହି ଅବସରରେ ଭାଙ୍ଗି ଯାଇଥିବା ଘରର ପରିବାରକୁ ଜରି ପାଲ ଓ ପୀଡ଼ିତ ପରିବାରକୁ ଛତା ଓ ଶୁଖିଲା ଖାଦ୍ୟ ବଂଟନ କରିଥିଲେ। ଏହାବ୍ୟତୀତ ଉକ୍ତ ୱାର୍ଡ଼ ବୁଲି ପ୍ରଭାବିତ ପରିବାରଙ୍କ କ୍ଷୟକ୍ଷତି ବୁଲି ଦେଖିବା ପରେ ଏନେଇ ଜିଲ୍ଲାପାଳଙ୍କ ସହ ଏଦିଗରେ ଆଲୋଚନା କରିବେ ବୋଲି ଜିଲ୍ଲା ସଭାପତି ଶ୍ରୀ ମହାନ୍ତି ପ୍ରତିଶ୍ରୁତି ଦେଇଥିଲେ। ତେବେ ସାଳନ୍ଦୀ ସଂସ୍କାର ଯୋଜନାରେ ବିପୁଳ ଅର୍ଥ ବ୍ୟୟ କରାଯାଇଥିଲା କେବଳ ସାଳନ୍ଦୀ ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ। ମାତ୍ର ନିମ୍ନମାନର କାର୍ଯ୍ୟ ଓ ଠିକାଦାର ସନ୍ତୁଷ୍ଟିକରଣ ନୀତି ଯୋଗୁ ଏହି ଯୋଜନାର ସୁଫଳରୁ ଜିଲ୍ଲାବାସୀ ବଂଚିତ ହୋଇଛନ୍ତି ବୋଲି ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି। ତେବେ ସାଳନ୍ଦୀ ବନ୍ୟାର ସ୍ଥାୟୀ ସମାଧାନ ପାଇଁ ସେ ସରକାରଙ୍କ ନିକଟରେ ଦାବି କରିଛନ୍ତି। ରିଲିଫ ବଂଟନ ଅବସରରେ ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ପୀତବାସ ଧଳ, ରାଜେନ୍ଦ୍ର ପ୍ରସାଦ ଜେନା, ବଳରାମ ରାଉତ, ବିଜୟ ବାରିକ, ନାରୀନେତ୍ରୀ ଶର୍ମିଷ୍ଠା ପଣ୍ଡା, ଶେଖ ହସିନା, ଏନାମୁଲ ହକ୍, ଇଲ୍‌ୟିଆସ ଅଲ୍ଲୀ ଖାନ ପ୍ରମୁଖ ଉପସ୍ଥିତ ଥିଲେ।

## ଧାମନଗରରେ ବନ୍ୟା ପର ସ୍ଥିତି ପରଖିଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ



ଧାମନଗର,(ନିପ୍ର): ଧାମନଗରରେ ବନ୍ୟା ଜଳ ହ୍ରାସ ପାଇବା ପରେ ଅଞ୍ଚଳରେ ହୋଇଥିବା କ୍ଷୟକ୍ଷତିର ପ୍ରତ୍ୟେକ୍ଷ ଅନୁଧ୍ୟାନ ଓ ପ୍ରଭାବିତ ଲୋକଙ୍କ ସମସ୍ୟା ବୁଝିବା ପାଇଁ ଆଜି ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଧାମନଗର ନିର୍ବାଚନମଣ୍ଡଳୀର ବିଭିନ୍ନ ବନ୍ୟା ପ୍ରଭାବିତ ପଞ୍ଚାୟତ ଗସ୍ତ କରିଛନ୍ତି। ମନ୍ତ୍ରୀ ଶ୍ରୀ ସୂରଜ ଆଜି ଭୁବନେଶ୍ୱରରୁ ସିଧାସଳଖ ଆସି ଆନନ୍ଦପୁର ପଞ୍ଚାୟତରୁ ପରିକ୍ରମା କରିଥିଲେ। ଗତ ବନ୍ୟାରେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବା ମଲ୍ଲିମାହାରା ମୁହଁରେ ଥିବା ଉତେଇପୁର ଜେନା ସାହି, ମାଝି ସାହି ଓ ପାତ୍ର ସାହିରେ ବନ୍ୟାପୀଡ଼ିତଙ୍କୁ ଭେଟି ସେମାନଙ୍କ ଦୁଃଖସୁଖ ବୁଝିବା ସହ ବାସହରା ପରିବାରଗୁଡ଼ିକୁ ପଲିଥିନ୍ ବଣ୍ଟନ କରିଥିଲେ। ପରେ ନଡ଼ିଆବାଗ ଜେନା ସାହି, ଦକ୍ଷିଣକୁରୁଆ ଦଳିତ ସାହି, ଖଡ଼ିପଦା ପଞ୍ଚାୟତର ମୁଥାନଗର, କାଞ୍ଜିଆପାଳ ଓ କମଳପୁର ଅଞ୍ଚଳ ବୁଲି କ୍ଷୟକ୍ଷତିର ପରିମାଣ ପରଖିଥିଲେ। ଏହାପରେ ସୋହଡ଼ା ପଞ୍ଚାୟତର କ୍ଷେଣ୍ଟପୁର, କଣ୍ଟାପାରୀ, ପିତେଇପୁର, ଡାଙ୍ଗୁଆପାଟଣା ଏବଂ କରଦା ପଞ୍ଚାୟତର ଖରାଖାଇ ଓ ସୁଜାଣସିଂହପୁର ଗ୍ରାମ ଗସ୍ତ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ପଧାନି ପଞ୍ଚାୟତର କଣ୍ଟଦା, କଣ୍ଟିଦୋଳ, ପଧାନି ଗାଁ ଏବଂ ନଦୀଗାଁ ଓ ଭଟସାହି ପଞ୍ଚାୟତ ହୋଇ ଧୁଷୁରୀରେ ପହଞ୍ଚିଥିଲେ। ଗସ୍ତ ସମୟରେ ମନ୍ତ୍ରୀ ବିଭିନ୍ନ ସ୍ଥାନରେ ଛିଡ଼ା ହୋଇ କ୍ଷତିଗ୍ରସ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ବିଶେଷ କରି ଭାଙ୍ଗିଯାଇଥିବା ଘର, ନଷ୍ଟ ହୋଇଥିବା ଫସଲ ଓ ବିଶୁଦ୍ଧ ପାନୀୟ ଜଳର ସମସ୍ୟା ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ବନ୍ୟା ଯୋଗୁଁ ହୋଇଥିବା କ୍ଷୟକ୍ଷତିର ତୁରନ୍ତ ଆକଳନ କରି ପ୍ରଭାବିତଙ୍କୁ ରିଲିଫ୍, ଆର୍ଥିକ ସହାୟତା ଓ ଆବଶ୍ୟକୀୟ ସାମଗ୍ରୀ ଯୋଗାଇ ଦେବାକୁ ପ୍ରଶାସନିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ମହାବିଦ୍ୟାଳୟରେ ବାଣିଜ୍ୟ ଦିବସ ଅବସରରେ ଆଲୋଚନାଚକ୍ର

ରାୟଗଡା,(ନି :ପ୍ର): ଗୁଣପୁର ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ପକ୍ଷରୁ ବାଣିଜ୍ୟ ଦିବସ ଅବସରରେ “ଡିଜିଟାଲ ଯୁଗରେ ବାଣିଜ୍ୟର ନୂଆ ଦିଗ — ନବସୃଜନ, ସ୍ଥାୟିତ୍ୱ ଓ ସମାବେଶୀ ବିକାଶ” ଶୀର୍ଷକ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ବି. ହରି ପଟ୍ଟନାୟକ ସଭାରେ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ସତୀଶ କୁମାର ପଟ୍ଟନାୟକ ଓ ଡ଼. ସତ୍ୟବାନ ଗରଡ଼ା ଯୋଗଦେଇ ଡିଜିଟାଲ ଅର୍ଥନୀତି, ଆଧୁନିକ ବାଣିଜ୍ୟ ବ୍ୟବସ୍ଥା ଏବଂ ସ୍ଥାୟୀ ବିକାଶରେ ବାଣିଜ୍ୟର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ବିକାଶ ରଞ୍ଜନ ଭୂୟାଁ ବାଣିଜ୍ୟ ବିଭାଗର ମୁଖ୍ୟ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମୁଖ୍ୟ ବକ୍ତା ସୁଶ୍ରୀ ଚିତ୍ରା ମିଶ୍ର ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା କରି ଛାତ୍ରଛାତ୍ରୀଙ୍କୁ ଡିଜିଟାଲ ଯୁଗରେ ବାଣିଜ୍ୟର ବଦଳୁଥିବା ଧାରା ଓ ନୂତନ ସୁଯୋଗ ସମ୍ପର୍କରେ ଅବଗତ କରାଇଥିଲ। ଏହି ଅବସରରେ ବାଣିଜ୍ୟ ବିଭାଗର ଛାତ୍ରଛାତ୍ରୀ ସୁଶ୍ରୀ ରିଙ୍କି ମହାନଦିଆ, ସମ୍ପର୍କରେ ପ୍ରବୀନ ସାହୁ, ସୁଶ୍ରୀ କେ ଭାର୍ଗବୀ, ମାନସ ରଞ୍ଜନ ସେନାପତି, ସୁଧାକର କ୍ରେପାଟିକା, ସୁଶ୍ରୀ ଜସ୍ମିନ ପ୍ରିୟଦର୍ଶିନୀ ଶିଆ ପ୍ରମୁଖ ବିଭିନ୍ନ ବିଷୟ ଉପରେ ସନ୍ଧର୍ବ ଉପସ୍ଥାପନ କରିଥିଲେ। ଶେଷରେ ଶେଷ ବର୍ଷର ଛାତ୍ର ସୁଧାକର କେରେପୁଟିକ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ବିଭିନ୍ନ ବିଭାଗର ବିଭାଗ ମୁଖ୍ୟ ଏବଂ ଅନ୍ୟାନ୍ୟ ଅଧ୍ୟାପକ ଓ ଅଧ୍ୟାପିକା ମଧ୍ୟ ଯୋଗ ଦେଇଥିଲେ।

## ନୀଳମାଧବ ମହାବିଦ୍ୟାଳୟରେ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଉତ୍ସବ

କଣ୍ଟିଲୋ,(ନି.ପ୍ର): ଖଣ୍ଡପଡା ବ୍ଲକ ଅଧୀନ କଣ୍ଟିଲୋ ନୀଳମାଧବ ଉଚ୍ଚ ମାଧମିକ ବିଦ୍ୟାଳୟରେ ଚଳିତ ବର୍ଷ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କର ପ୍ରବେଶ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷା ନନ୍ଦିତା ବାରିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରାତନ କଳା, ବିଜ୍ଞାନ ଓ ଧନ୍ଦା ମୂଳକ ଶିକ୍ଷା ବିଭାଗର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସମସ୍ତ ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ଅଧ୍ୟାପକ ପ୍ରଭାତ କୁମାର ବେହେରା କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ପ୍ରଥମ ପର୍ଯ୍ୟାୟ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ କଣ୍ଟିଲୋ ଫାଣ୍ଡି ଅଧିକାରୀ ମନୋରଞ୍ଜନ ପଣ୍ଡା ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ସୁଜଳ ମହାରଣା,ଓମ ପ୍ରକାଶ ସାହୁ, ହୃଷିକେଶ ମିଶ୍ର, ଶରତ କୁମାର ସାହୁ ଓ ବରିଷ୍ଠ ସାମ୍ବାଦିକ ପ୍ରଭାକର ଶିରୋମଣି ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିବା ସହ ଅନୁଷ୍ଠାନର ଉତ୍ତୋରତର ଉନ୍ନତି କାମନା କରିଥିଲେ।

# ଅର୍ଦ୍ଧ ନିର୍ମିତ କୁଆଁରିଆ ସେତୁ ଦେଇ କାଉଡ଼ିଆଙ୍କ ବିପଦ ସଙ୍କୁଳ ଯାତ୍ରା



ଖଣ୍ଡପଡ଼ା,(ନି.ପ୍ର): ଖଣ୍ଡପଡ଼ା ବ୍ଲକ ଅଧୀନ ବେଣାଗାଡିଆ ଗ୍ରାମର ବରକୋଳି ଛକ ଠାରୁ ତେନ୍ତୁଳିଆପଲ୍ଲୀ ଓ ପଥରଦ୍ୱାର ଗ୍ରାମ ଦେଇ କଣ୍ଟିଲୋକୁ ସଂଯୋଗ କରୁଥିବା ରାସ୍ତାରେ ଅବସ୍ଥିତ ନୂତନ କୁଆଁରିଆ ସେତୁଟି ଅର୍ଦ୍ଧ ନିର୍ମିତ ଅବସ୍ଥାରେ ରହିଥିବା ବେଳେ ଦୂରତ୍ୱ କମ ଦୃଷ୍ଟିରୁ ଉକ୍ତ ସେତୁ ଉପର ଦେଇ ଶହଶହ ସଂଖ୍ୟାରେ କାଉଡ଼ିଆ ଏବେ ପାଣି ଭାର ନେଇ ବିଭିନ୍ନ ଶୈବପୀଠକୁ ଯାତ୍ରା କରୁଥିବା ଜଣାପଡିଛି। କଣ୍ଟିଲୋ ଗ୍ରାମ ପାର୍ଶ୍ୱସ୍ଥ ମହାନଦୀର ବିଭିନ୍ନ ଘାଟରୁ କାଉଡ଼ିଆମାନେ ପାଣି ଉଠାଇବା ପରେ ବିପଦଶଙ୍କୁଳ ଅବସ୍ଥାରେ ଥିବା ଉକ୍ତ ନୂତନ କୁଆଁରିଆ ସେତୁ ଉପର ଦେଇ ଯାତାୟାତ କରୁଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଛି। ଉକ୍ତ ସେତୁର ଉଭୟ ପାର୍ଶ୍ୱରେ ନିର୍ମିତ ଅସ୍ଥାୟୀ ବାଉଁଶ ସିଡି ଦେଇ କାଉଡିଆମାନେ ଯାତାୟାତ କରୁଥିବା ବେଳେ ପ୍ରତି ମୁହୂର୍ତ୍ତରେ ଅଘଟଣ ଘଟିବାର ଆଶଙ୍କା ପ୍ରକାଶ ପାଇଛି। ପ୍ରକାଶଥାଉକି ଖଣ୍ଡପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବିଜୁ ସେତୁ ଯୋଜନାରେ ନିର୍ମାଣଧୀନ ଏହି ସେତୁ ନିର୍ମାଣ କାର୍ଯ୍ୟ ଜମି ଅଧିଗ୍ରହଣ ହୋଇ ପାରି ନଥିବା ଯୋଗୁଁ ଅଧାରେ ଅଟକିଥିବା ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଯୁଦ୍ଧକାଳୀନ ଭିତ୍ତିରେ ଉକ୍ତ ସେତୁ ନିର୍ମାଣ କାର୍ଯ୍ୟ ଶେଷ ନିମନ୍ତେ ଗ୍ରାମ୍ୟ ଉନ୍ନୟନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ, ନୟାଗଡ ଅଧିକ୍ଷଣ ଯନ୍ତ୍ରୀ ଓ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ଅଞ୍ଚଳବାସୀ ଦାବି କରିଛନ୍ତି।

## ଡିଜିଟାଲ ହୁଣ୍ଡି : ସ୍ୱତନ୍ତ୍ର ପଲିସି ପାଇଁ ଦାବି

ପୁରୀ,(ନିପ୍ର): ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ଗୋଟିଏ ଦିନ ପୂର୍ବରୁ ମୁଖ୍ୟମନ୍ତ୍ରୀ ଓ ଆଇନମନ୍ତ୍ରୀ ଶ୍ରୀମନ୍ଦିର ଡିଜିଟାଲ ହୁଣ୍ଡି ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ ।କିନ୍ତୁ ଏବେ ଏହି ଡିଜିଟାଲ ହୁଣ୍ଡିକୁ ନେଇ ସୃଷ୍ଟି ହୋଇଛି ପ୍ରଶ୍ନବାଚୀ ଯାହା ବିଭିନ୍ନ ମହଲରେ ଆଲୋଚ୍ୟ ବିଷୟ ମଧ୍ୟ ହୋଇଛି । ଏହି ସୂତ୍ର ଅନୁଯାୟୀ ପୁରୀର ଜଣେ ଚାଟାର୍ଡ ଆକାଉଣ୍ଟ ସୁଧାଂଶୁ ରଞ୍ଜନ ପ୍ରଧାନ ଗତ ସୁନାବେଶ ଦିନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ତାଙ୍କ ବାପାଙ୍କ ନାମରେ ଡିଜିଟାଲ ହୁଣ୍ଡି ଆପ ଡାଉନଲୋଡ କରି ୧୦୦୦୦ ଟଙ୍କା ଜମା କରିଥିଲେ ।ଏହି ଟଙ୍କା ସେ ଫୋନ୍ ପେ ମାଧ୍ୟମରେ ପୈଠ କରିଥିଲେ ।କିନ୍ତୁ ଏହା ପ୍ରତି ବଦଳରେ ତାଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ଟଙ୍କା ପ୍ରାପ୍ତି ରସିଦ ଏଯାବତ୍ ପ୍ରଦାନ କରାଯାଇନାହିଁ ।କେବଳ ତାଙ୍କ ଆକାଉଣ୍ଟରୁ ୧୦,୦୦୦ ଟଙ୍କା କଟିଥିବା ମେସେଜ ଆସିଛି ।କିନ୍ତୁ ସେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଦେଇଥିବା ଟଙ୍କା ପ୍ରକୃତରେ ଶ୍ରୀମନ୍ଦିର ପ୍ରଶାସନ ଆକାଉଣ୍ଟକୁ ଯାଇଛି ନା ନାହିଁ ତାହା ସ୍ୱଷ୍ଟ ହୋଇନାହିଁ ।

ତେଣୁ ପ୍ରକୃତରେ ଏହି ଆପ ଅସଲି କି କେହି ଦୁର୍ବୃତ୍ତ ଏହାକୁ ଫେକ କରି ଚଳାଉଛନ୍ତି ତାହା ସ୍ୱଷ୍ଟ ହୋଇନାହିଁ ।କାରଣ ପୂର୍ବରୁ ବିଭିନ୍ନ ନକଲି ୱେବ୍ ସାଇଟ୍ ଖୋଲି ଭକ୍ତ ଓ ପର୍ଯ୍ୟଟକଙ୍କୁ ଶୋଷଣ ଓ ଠକେଇ କରାଯାଇଥିବାର ଅନେକ ନଜିର ରହିଛି। ଏହି ଘଟଣା ସମ୍ପର୍କରେ ସେ ଫେସବୁକ୍ ମାଧ୍ୟମରେ ଆଇନ ମନ୍ତ୍ରୀ ଓ ଏକ୍ସ୍ ମାଧ୍ୟମରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଦୃଷ୍ଟି ଆକର୍ଷଣ କରିଥିବା କୁହାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଡିଜିଟାଲ ହୁଣ୍ଡି ସମର୍ପଣ ଆପ୍‌ର ପ୍ରକୃତ ବ୍ୟବହାର ,ସୁରକ୍ଷା ଓ ଡିଜିଟାଲ ହୁଣ୍ଡି ମାଧ୍ୟମରେ ଦାନ ଦେଉଥିବା ଶ୍ରଦ୍ଧାଳୁଙ୍କୁ ତତ୍ କ୍ଷଣାତ ଏକ ପ୍ରାପ୍ତି ପତ୍ର ଦେବା ସହ ଏହି ଅଭିଯୋଗରେ ତ୍ୱରିତ ସମାଧାନ କରିବା ଆବଶ୍ୟକ । ମହାପ୍ରଭୁଙ୍କ ହୁଣ୍ଡି ଆୟ ବୃଦ୍ଧି ପାଇଁ ଡିଜିଟାଲ ହୁଣ୍ଡି ବ୍ୟବସ୍ଥା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ।କିନ୍ତୁ ଏଥିପାଇଁ ଏକ ପଲିସି ରହିବା ଆବଶ୍ୟକ । ମହାପ୍ରଭୁଙ୍କ ହୁଣ୍ଡି ଆୟ ବୃଦ୍ଧି ପାଇଁ ଡିଜିଟାଲ ହୁଣ୍ଡି ପଲିସି ବ୍ୟବସ୍ଥା ନେଇ ସେ ଏକ ୨୨ ସୂତ୍ରୀ ପରାମର୍ଶ ଦେଇଛନ୍ତି। ଭାରତର ଅନ୍ୟ ପ୍ରମୁଖ ତୀର୍ଥ ଓ ଦେବସ୍ଥଳୀ ଯଥା ତିରୁପତି,ଶିରିଡ଼ି ସାଇ ମନ୍ଦିର, ବୈଷ୍ଣୋ ଦେବୀ ମନ୍ଦିର ,ମିନାକ୍ଷୀ ମନ୍ଦିର ରେ ପ୍ରତିଦିନ କୋଟି କୋଟି ଟଙ୍କା ଆୟ ହେଉଥିବବେଳେ ପୁରୀ ଶ୍ରୀମନ୍ଦିରକୁ ଲକ୍ଷାଧିକ ଶ୍ରଦ୍ଧାଳୁ ଆସୁଥିଲେ ମଧ ହୁଣ୍ଡି ଆୟ ଦୈନିକ ୨ ଲକ୍ଷ ମଧ୍ୟରେ ସୀମିତ ରହୁଛି ।ଡିଜିଟାଲ ହୁଣ୍ଡିକୁ ବିଶ୍ୱ ବ୍ୟାପୀ କରିବା ସହ ଡିଜିଟାଲ ହୁଣ୍ଡି ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ପଲିସି କରିବାକୁ ପୁରୀ ଯୁଥ୍ ହଷ୍ଟେଲରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ ସୂଚନା ଦେଇଛନ୍ତି।

## ମହାବିଦ୍ୟାଳୟରେ ସଂସ୍କୃତ ସମ୍ଭାଷଣ ଶିବିର ଉଦ୍‌ଯାପିତ

ଯାଜପୁର,(ନିପ୍ର): ଯାଜପୁର ସହର ଯୋଡିକୁଅସ୍ଥ ବିରଜା ସଂସ୍କୃତ ମହାବିଦ୍ୟାଳୟ ଠାରେ ସଂସ୍କୃତ ସମ୍ଭାଷଣ ଶିବିରର ଉଦ୍‌ଯାପନୀ ଉତ୍ସବ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ଲୋକଭାଷା ପ୍ରଚାର ସମିତି ଆନୁକୁଲ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ମହାବୀର ସଂସ୍କୃତ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ରମାକାନ୍ତ ବରାଳ ସଂସ୍କୃତ ଭାଷା କଦାପି କଠିନ ନୁହେଁ, ସରଳ ସଂସ୍କୃତରେ କଥାବାର୍ତ୍ତା ଆଉ ଜ୍ଞାନ ଆହରଣ ପାଇଁ ଏକମାତ୍ର ମାଧ୍ୟମ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ତାହା ବ୍ୟତୀତ ସଂସ୍କୃତ ପଢୁଥିବା ଛାତ୍ରଛାତ୍ରୀମାନେ ଅତ୍ୟନ୍ତ ଶୃଙ୍ଖଳିତ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବରେ ଉକ୍ତ ମହାବିଦ୍ୟାଳୟର ସଂସ୍କୃତ ବିଭାଗର ଅଧ୍ୟାପିକା ତଥା କାର୍ଯକ୍ରମର ସଂଯୋଜିକା ସାବିତ୍ରୀ ଦ୍ୱିବେଦୀ ସଂସ୍କୃତ ଭାଷାର ପ୍ରଚାର ପ୍ରସାର ଆଉ ମହତ୍ତ୍ୱ ଉପରେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ଅଧକ୍ଷ ତଥା ସଭାର ସଭାପତି ସୁବ୍ରତ ମହା ମାନସିଂହ, ଅତିଥି ମାନଙ୍କର ପରିଚୟ ପ୍ରଦାନ ସହିତ ସଭାକୁ ପରିଚାଳନା କରିବା ସହ ସରକାରଙ୍କର ଉକ୍ତ ଇଣ୍ଟର୍ନସିପ୍ କାର୍ଯକ୍ରମର ଗାଇଡ୍ ଲାଇନ ସମ୍ପର୍କରେ ପିଲାମାନଙ୍କୁ ଦିଗ୍ ଦର୍ଶନ ଦେଇଥିଲେ । ମୁଖ୍ୟବକ୍ତା ଭାବରେ ଲୋକ ଭାଷା ପ୍ରଚାର ସମିତି ର ରାଜ୍ୟ ମହାସଚିବ ଡଃ.ବିଭୁତି ନାରାୟଣ କର ପିଲାମାନଙ୍କୁ ଦୈନନ୍ଦିନ ଜୀବନଚର୍ଯ୍ୟାରେ ଓ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତି କ୍ଷେତ୍ରରେ ସଂସ୍କୃତର ଆବଶ୍ୟକତା ଅଛି ବୋଲି ମତବ୍ୟକ୍ତ କରିଥିଲେ।

## ଅଧ୍ୟାପିକାଙ୍କ ସ୍ମୃତି ଶ୍ରଦ୍ଧାଞ୍ଜଳି ସମାରୋହ

ଭୁବନେଶ୍ୱର(ନିପ୍ର): ସ୍ଥାନୀୟ କମଳା ନେହେରୁ ମହିଳା ମହାବିଦ୍ୟାଳୟର ଇତିହାସ ବିଭାଗର ଛାତ୍ରବତ୍ସଳ ପ୍ରାଧ୍ୟାପିକା ପ୍ରଫେସର ସ୍ମିତାଶ୍ରୀ ଘଡ଼ାଇଙ୍କର ଆକସ୍ମିକ ବିୟୋଗରେ ଭୁବନେଶ୍ୱର ଲୋହିଆ ଏକାଡେମୀ ପରିସରରେ ବିଭିନ୍ନ ମହାବିଦ୍ୟାଳୟ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ଏକ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ଗବେଷକ ତଥା ଇତିହାସବିତ୍ ପ୍ରଫେସର ନିରଞ୍ଜନ ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସମାରୋହରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକ ଓ ଶିକ୍ଷାବିତ୍ ପ୍ରଫେସର ଶଶାଙ୍କ ଚୂଡ଼ାମଣି ଜଣେ ଆଦର୍ଶ ଛାତ୍ରବତ୍ସଳ ଶିକ୍ଷକ ଭାବରେ ସ୍ମିତାଶ୍ରୀଙ୍କର ବାଗ୍ମିତା, ସମୟାନୁବର୍ତ୍ତିତା ଓ କର୍ତ୍ତବ୍ୟନିଷ୍ଠା ସହିତ ଉଚ୍ଚଶିକ୍ଷା କ୍ଷେତ୍ରରେ ତାଙ୍କର ଯୋଗଦାନ ସଂପୃକ୍ତ ଶିକ୍ଷାନୁଷ୍ଠାନଗୁଡ଼ିକୁ ବିକାଶ ଦିଗରେ କିପରି ଆଗେଇ ନେଉଥିଲା - ତାହାର ଉଲ୍ଲେଖ କରିଥିଲେ । ସମ୍ମାନିତ ବକ୍ତା ଭାବରେ ଯୋଗଦେଇ କମଳା ନେହେରୁ ମହିଳା ମହାବିଦ୍ୟାଳୟର ଅଧକ୍ଷା ପ୍ର. ବିବାସିନୀ ରଥ ସ୍ୱର୍ଗତା ଘଡେଇଙ୍କର ଗୁଣାବଳୀର ବିଭିନ୍ନ ଦିଗ ସଂପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ର. ସଂଧ୍ୟା ଦାସ, ପ୍ର. ସୁଲେଖା ସାମନ୍ତରାୟ, ଡ. ରମାକାନ୍ତ ମହାପାତ୍ର, ଡ. ଗିରିଧାରୀ ଦାସ, ପ୍ର. ସୂର୍ଯ୍ୟକାନ୍ତ ନାଥ, ଡ. ଜ୍ୟୋସ୍ନା ମହାନ୍ତି, ଡ. ଗୀତାଞ୍ଜଳି ମିଶ୍ର, ପ୍ର. ନମିତା ପଟ୍ଟନାୟକ, ଡ. ସ୍ୱର୍ଣ୍ଣଲତା ତ୍ରିପାଠୀ, ଡ. ସୁବାସ ବାରିକ, ଡ. ସୋହାନୀ ଦାଶ, ଡ. ପ୍ରଜ୍ଞାନ ଘଡ଼େଇ, ଜଗନ୍ନାଥ ପ୍ରସାଦ ଜଗଦ୍ଦେବ, ପ୍ର. ପି.କେ.ଜେ. ମହାପାତ୍ର, ଦେବପ୍ରସାଦ ରାୟ, ପ୍ର. ହେମନ୍ତୀ ବାରିକ, ଡ. ନନ୍ଦିନୀ ଘଡ଼ାଇ, ମନୋରଞ୍ଜନ ରାୟ, ଡ. ଇତିଶ୍ରୀ ରାୟ, ନିରୁପମା ପାଣି, ଡ. ଗୀତିରାଣୀ ଦାଶ, ହରପ୍ରିୟା ଗଡ଼ନାୟକ, ଅର୍ଚ୍ଚନା ଆଚାର୍ଯ୍ୟ, ଶ୍ରୀକାନ୍ତ ମିଶ୍ର, ଡ. ତରୁଲତା ପରିଡ଼ା, ପ୍ର.ଶଶିଭୂଷଣ ପରିଡ଼ା ପ୍ରମୁଖ ବକ୍ତାମାନେ ସ୍ମିତାଶ୍ରୀଙ୍କର ଶୈକ୍ଷିକ ଜୀବନର ବିଭିନ୍ନ ଦିଗରେ ଚର୍ଚ୍ଚା ଓ ଆଲୋଚନା କରିଥିଲେ । ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ଆବାହକତ୍ୱରେ ଓ ପ୍ରଫେସର ଦେବାଶିଷ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ସ୍ମିତାଶ୍ରୀଙ୍କର କନ୍ୟା ଦିଶା ରାୟ, ଈଶା ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଗୁଆଳିନାସୀ ପରିଦର୍ଶନ କଲେ ବିଜେପି ଗ୍ରାମୀଣ ଉପସଭାପତି

ସାଲେପୁର,(ନିପ୍ର): ଏହି କିଛି ଦିନ ହେବ ସାଲେପୁର ବ୍ଲକ୍ ଗୁଆଳିନାସୀ ନେତାମାନଙ୍କର ଆଡ୍ଡାସ୍ଥଳୀ ପାଲଟିଛି। ମହାନଦୀ ଓ ଚିତ୍ରୋତ୍ପଳା ନଦୀରେ ବନ୍ୟା ଆସି ଏକର ଏକର ଚାଷ ଜମି ନଦୀ ଗର୍ଭରେ ଲୀନ ହେବା ସହ ପ୍ରବଳ ମାତ୍ରାରେ ନଦୀକୂଳ ଖାଇବା ଖବର ପ୍ରଚାରିତ ହେବା ପରେ ଏବେ ବିଭିନ୍ନ ରାଜନୈତିକ ଦଳର ନେତାମାନଙ୍କର ସେଠାକୁ ସୁଅ ଛୁଟିଛି। ବିଜେପି କଟକ ଜିଲ୍ଲା ଗ୍ରାମୀଣ ଉପସଭାପତି ପ୍ରଫୁଲ୍ଲ ସ୍ୱାଇଁ ଘଟଣା ସ୍ଥଳରେ ପହଞ୍ଚି ବ୍ୟାପକ ଚାଷ ଜମି ନଦୀ ଗର୍ଭରେ ଲୀନ ହେବା ଦେଖିବା ସହ ପନିପରିବା ଚାଷ କରିଥିବା ଚାଷୀମାନଙ୍କର ଫସଲ ହାନି ଘଟିଥିବା କ୍ଷୟକ୍ଷତି ସଂପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାପାଇଁ ସରକାରଙ୍କୁ ଅବଗତ କରିବାପାଇଁ ପ୍ରକାଶ କରିଥିଲେ। ସେହିପରି ଏହି ସ୍ଥାନଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହୋଇଥିବାରୁ ପ୍ରତିବର୍ଷ ମହାନଦୀ ଓ ଚିତ୍ରୋତ୍ପଳାରେ ବନ୍ୟାଜଳ ଆସି ନଦୀରୁ ଅତଡ଼ା ଖସି ବ୍ୟାପକ ଚାଷ ଜମି ନଦୀ ଗର୍ଭରେ ଲୀନ ହେଉଥିବାରୁ ଏଠାରେ ସ୍ଥାୟୀ ରିଂ ବନ୍ଧ ନିର୍ମାଣ କରିବାପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରକାଶ କରିବା ସହ ଘଟଣା ସ୍ଥଳ ପରିଦର୍ଶନ କରି ଫେରିଯାଇଥିବା ଜଣାଯାଇଛି।

ତିଥି :(ସପ୍ତମୀ): (ଅଶ୍ୱିନୀ ମେଷ)
ଅମୃତ ବେଳା: ଦିବା ଘ ୭। ୩ ମଧ୍ୟେ ଘ୧୧।୫୧ ଗତେ

## ଆଜିର ଅନୁଚିନ୍ତନ

**ଯେ ନିଜ ଉପରେ ବିଜୟ ପ୍ରାପ୍ତ କରିଛି, ସେହି ଶୀତ-ଉଷ୍ଣ, ସୁଖ-ଦୁଃଖ ତଥା ମାନ-ଅପମାନରେ ପ୍ରଶାନ୍ତ ବା ନିର୍ବିକାର ରହୁଥିବା ମନୁଷ୍ୟଙ୍କୁ ପରମାତ୍ମା ନିତ୍ୟପ୍ରାପ୍ତ ଅଟନ୍ତି।। - ଶ୍ରୀମଦ୍ ଭଗବଦ୍ ଗୀତା**

# ଆକାଂକ୍ଷା ଆଧାରିତ ନେତୃତ୍ୱ!

ଦେଶର ପ୍ରଭାବଶାଳୀ ରାଜନୀତିକ ରଣନୀତିକାରଙ୍କ ମଧ୍ୟରୁ ପ୍ରଶାନ୍ତ କିଶୋର (ସଂକ୍ଷେପରେ-ପିକେ)ଙ୍କ ନାମ ସର୍ବାଗ୍ରେ ଆସେ। ଏହି କାରଣ ଯେ ତାଙ୍କ ସଂଗଠନ ଇଣ୍ଡିଆନ ପଲିଟିକାଲ ଆକ୍ସନ କମିଟି ପ୍ରମୁଖ ରାଜନେତା ନରେନ୍ଦ୍ର ମୋଦି, ନୀତିଶ କୁମାର, ମମତା ବାନାର୍ଜୀ, ଏମ୍ କେ ଷ୍ଟାଲିନ, ଅରବିନ୍ଦ କେଜରିୱାଲ ଏଭଳି ବହୁ ନେତାଙ୍କ ନିର୍ବାଚନିକ ଅଭିଯାନ ପାଇଁ ଉଲ୍ଲେଖନୀୟ ପ୍ରାକ୍ ପ୍ରସ୍ତୁତି କରିଥିଲେ। ପରବର୍ତ୍ତୀ ସମୟରେ ଏହି ନେତାମାନେ ଶାସନର ଡୋର ଧରିଥିଲେ। ତେବେ ପିକେ ପ୍ରଥମ ଥର ପାଇଁ ନିଜ ଗଠିତ ଜନସୁରାଜ ପାର୍ଟି ଆଧାରରେ ୨ଶହରୁ ଅଧିକ ଆସନରେ ୨୦୨୫ ବିହାର ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ମାତ୍ର ତାଙ୍କ ଦଳ ଗୋଟିଏ ବି ଆସନରେ ଜିତି ନ ପାରିବା ନେଇ ସମାଲୋଚନା ହୋଇଥିଲା ଯେ ଏତେ ବଡ଼ ରାଜନୀତିକ ରଣକାର ନିଜ ଦଳ ପାଇଁ ଗୋଟିଏ ବି ଆସନ ଅକ୍ତିଆର କରିପାରିଲେନାହିଁ। ବିଭିନ୍ନ ଭାବରେ ତାଙ୍କୁ ସମାଲୋଚନା କରାଯାଇଥିଲା। ତେବେ ନିକଟରେ ଉକ୍ତ ରାଜ୍ୟର ବାଙ୍କିପୁର ଆସନରେ ଉପନିର୍ବାଚନ ସେ ଲଢି ବିଜେପିକୁ ଝଟକା ଦେଇଛନ୍ତି। ଉକ୍ତ ଉପନିର୍ବାଚନରେ ଲଢେଇ କରୁଥିବା ଆର୍‌ଜେଡି ତୃତୀୟ ସ୍ଥାନରେ ରହିଛି। ଜୁଲାଇ ୩୦ରେ ଅନୁଷ୍ଠିତ ଏହି ଉପନିର୍ବାଚନରେ ସେ ବିଜେପିର ପ୍ରାର୍ଥୀ ନୀରଜ କୁମାର ସିହ୍ନାଙ୍କୁ ୧୯ହଜାର ୩୨୪ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରିବା କିଛି କମ୍ କଥା ନୁହେଁ। ଉକ୍ତ ବିଜେପି ରହିଥିଲା ଦ୍ୱିତୀୟ ସ୍ଥାନରେ। ପିକେ ଏହି ଆସନରେ ଏକ ନୂଆ ରାଜନୀତିକ ସମୀକରଣ ସୃଷ୍ଟି କରିବାରେ ସଫଳ ହୋଇଛନ୍ତି ଯାହାକି ଆଗାମୀ ଦିନ ପାଇଁ କିଛି ସମ୍ଭାବନା ମଧ୍ୟ ସୃଷ୍ଟି କରିଥିବା ଭଳି ବୋଧ ହେଉଛି। ରାଜ୍ୟସଭାକୁ ବର୍ତ୍ତମାନର ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଯାଇଛନ୍ତି। କିନ୍ତୁ ସେ ଉକ୍ତ ଆସନରେ ୫୦ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ଜିତିଥିଲେ। ଅର୍ଥାତ୍ ଏହା ବିଜେପିର ଏକ ଶକ୍ତ ଗଡ଼ ଭାବେ ବିବେଚିତ ହୋଇଆସିଛି। ନୀତିନଙ୍କ ପୂର୍ବରୁ ତାଙ୍କ ପିତା ନବୀନ କିଶୋର ପ୍ରସାଦ ସିଂହ୍ନା ଉକ୍ତ ଆସନରେ ପ୍ରତିନିଧିତ୍ୱ କରିଥିଲେ। ମୋଟ ଉପରେ ୧୯୯୫ ମସିହାରୁ ବିଜେପିର ଏହା ଅପରାଜେୟ ଆସନ ଥିଲା ଯାହାକୁ ପିକେ ଏବେ ଚୂରମାର କରିଦେଇଛନ୍ତି।

କାହିଁକି ଏ ଆସନରେ ଭୋଟର ବିଜେପି ପ୍ରତି ବୀତସ୍ପୃହ ହେଲେ ଏହା ନିଶ୍ଚୟ ଅନେକ ପ୍ରଶ୍ନ ଓ କୌତୁହଳ ସୃଷ୍ଟି କରେ। ଉଲ୍ଲେଖ କରାଯାଇପାରେ ଯେ ଏହି ଆସନ ପାଇଁ ଉପନିର୍ବାଚନରେ ଖୋଦ୍ ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀଙ୍କ ସମେତ ନିତ୍ୟାନନ୍ଦ ରାୟ ଓ ଗିରିରାଜ ସିଂହଙ୍କ ସମେତ ୪୦ ତାରକା ପ୍ରଚାରକ ଥିଲେ। କିନ୍ତୁ ସବୁ ବ୍ୟର୍ଥ ହୋଇଥିଲା। ବିଜେପି ପାଇଁ ଏହି ପରାଜୟ ଆତ୍ମଚିନ୍ତନର ମୁହୂର୍ତ୍ତ ସୃଷ୍ଟି କରିଥିବା କହିଲେ ଅସଙ୍ଗତ ହେବନାହିଁ ବୋଲି ବିଶେଷଜ୍ଞମାନେ ଚର୍ଚ୍ଚା କରୁଥିଲେ। ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରଙ୍କ ଅପରାଧିକ ମାମଲା ସମୂହ ଓ ଶିକ୍ଷାଗତ ଯୋଗ୍ୟତା ନେଇ ଉପନିର୍ବାଚନରେ ପିକେ ନିଶାଣ କରିଥିଲେ। ପ୍ରଛନ୍ନରେ ଏକ ବାର୍ତ୍ତା ସେ ଦେଇଛନ୍ତି ଯେ ବିଜେପି ବିହାରରେ ଜଣେ ଉକ୍ତ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଉ। ସେହି କୁଶୱାର ଗୋଷ୍ଠୀରୁ ଆଉ କେହି ଏହି ଆସନରେ ବସନ୍ତୁ। ସ୍ମରଣ କରାଯାଇପାରେ ଯେ ପିକେ ଉପନିର୍ବାଚନ ପ୍ରଚାରବେଳେ ବାଙ୍କିପୁର ଆସନ ପାଇଁ ବିକାଶର ଚିତ୍ର ରଖିବା ବେଳେ ଉକ୍ତ ଅଞ୍ଚଳର ଭୋଟରମାନଙ୍କୁ ସ୍ୱପ୍ନରେ ଭସାଇନଥିଲେ। ସିଧାସଳଖ କହିଥିଲେ ବାଙ୍କିପୁରକୁ ରାତାରାତି ବେଙ୍ଗାଲୁରୁରେ ପରିଣତ କରିହେବନାହିଁ। ମାତ୍ର ଫଳାଫଳର ୨ରୁ ୩ ମାସ ମଧ୍ୟରେ ବିକାଶର କିଛି ଚିତ୍ର ଅଣାଯାଇପାରିବ। ପିକେଙ୍କ ବିଜୟ ପଛରେ ଆର୍‌ଜେଡିର ପାରମ୍ପରିକ ମୁସଲିମ -ଯାଦବଙ୍କ ସହାୟତା, ପିକେ ନିଜେ ବ୍ରାହ୍ମଣ ହୋଇଥିବାରୁ ଉକ୍ତ ନିର୍ବାଚନ ମଣ୍ଡଳୀର ଉଚ୍ଚବର୍ଣ୍ଣ ଲୋକେ ତାଙ୍କ ପ୍ରତି ସ୍ୱତଃ ଆକର୍ଷିତ ହେବା, ସର୍ବୋପରି ନୂଆଦିଲ୍ଲୀରେ ସେହି ସମୟରେ ବିଜେପି ବିରୋଧରେ ସିଜେପିର ଆନ୍ଦୋଳନ ଅନୁକୂଳ ପରିସ୍ଥିତି ସୃଷ୍ଟି କରିଥିଲା, ଏପରି ଆକଳନ କରାଯାଉଛି। ତେବେ ଏକଥା ସତ ଯେ ବାଙ୍କିପୁର ଉପନିର୍ବାଚନ ଆକାଂକ୍ଷା ଆଧାରିତ ନୂତନ ନେତୃତ୍ୱକୁ ଗୁରୁତ୍ୱ ଦେଇଛି। ଆଗାମୀ ଦିନ କହିବ ପିକେଙ୍କ ସପକ୍ଷରେ କେତେ ମାତ୍ରାରେ ସମର୍ଥନ ବୃଦ୍ଧି ପାଉଛି।

# ନିଶାମୁକ୍ତ ଯୁବ ସଂକଳ୍ପ ଅଭିଯାନ


“ ନିଶାଦ୍ରବ୍ୟର ବିଭ୍ରାନ୍ତକାରୀ ପ୍ରକୃତି ବିରୋଧରେ ଯୁବପିଢ଼ିଙ୍କୁ ସତର୍କ କରାଇ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ନିଶାଦ୍ରବ୍ୟ ଦ୍ୱାରା ପ୍ରଦାନ କରାଯାଉଥିବା କ୍ଷଣସ୍ଥାୟୀ ନିଶା ଶେଷରେ ସେମାନଙ୍କ କ୍ୟାରିଅର ଏବଂ ପାରିବାରିକ ଜୀବନରେ ସ୍ଥାୟୀ ପତନ ଆଣିଥାଏ। ଶ୍ରୀ ଗୁରୁଗ୍ରନ୍ଥ ସାହିବର ନିର୍ଦ୍ଦିଷ୍ଟ ଶିକ୍ଷା ସମେତ ଭାରତୀୟ ସଂସ୍କୃତି ଏବଂ ଆଧ୍ୟାତ୍ମିକ ନେତାମାନଙ୍କର ଗଭୀର ଜ୍ଞାନକୁ ଉଦ୍ଧୃତ କରି, ସେ ମନକୁ ବିଭ୍ରାନ୍ତ କରୁଥିବା ପଦାର୍ଥର ଐତିହାସିକ ସାମାଜିକ ଅଗ୍ରହଣୀୟତା ଉପରେ ଆଲୋକପାତ କରିଥିଲେ। ‘ଆମେ କୌଣସି ପରିସ୍ଥିତିରେ ନିଶାଦ୍ରବ୍ୟକୁ ସାମାଜିକ ସ୍ୱୀକୃତି ଦେବା ଉଚିତ ନୁହେଁ,’ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ‘ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବ ସଂକଳ୍ପ ଅଭିଯାନ’ର ଶୁଭାରମ୍ଭ କରିବା ଅବସରରେ ଏକ ବିଶାଳ ଦେଶବ୍ୟାପୀ ଭିଡିଓ କନଫରେନ୍ସିଂକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ୨୮,୦୦୦ରୁ ଅଧିକ ସ୍ଥାନରୁ ଯୋଡ଼ିହୋଇଥିବା ପ୍ରାୟ ଏକ କୋଟିରୁ ଅଧିକ ଯୁବ ନାଗରିକଙ୍କ ସମେତ ବିଭିନ୍ନ ବର୍ଗର ଉପସ୍ଥିତ ସମାବେଶକୁ ଶୁଭେଚ୍ଛା ଜଣାଇଥିଲେ। ଏହି ମୁହୂର୍ତ୍ତର ସାମୂହିକ ଗୁରୁତ୍ୱ ଉପରେ ବଳ ଦେଇ ସେ ଏହି ସମାବେଶକୁ ଏକ ଗଭୀର ଜାତୀୟ ସଂକଳ୍ପ ଭାବରେ ବର୍ଣ୍ଣନା କରିଥିଲେ। ଶ୍ରୀ ମୋଦୀ କହିଥିଲେ, ‘ଆଜି ଆମେ ସମସ୍ତ ଦେଶବାସୀ ଏକ ମହାନ ଏବଂ ଗୁରୁତ୍ୱପୂର୍ଣ୍ଣ ସଂକଳ୍ପ ପାଇଁ ଏକଜୁଟ ହୋଇଛୁ’’।

ଏହି ପଦକ୍ଷେପର ବ୍ୟାପକ ସ୍ୱରୂପ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ବୁଝାଇଥିଲେ ଯେ, ଏହି ଅଭିଯାନ କେବଳ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ପରିବାର, ସମାଜ ଏବଂ ସମଗ୍ର ଦେଶର ବ୍ୟାପକ ସ୍ୱାର୍ଥସାଧନ କରେ। ‘ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବ ସଂକଳ୍ପ ଅଭିଯାନ’ର ପଛର ମୂଳ ଉଦ୍ଦେଶ୍ୟ ଦର୍ଶାଇ ସେ ଗୁରୁତ୍ୱାରୋପ କରିଥିଲେ ଯେ, ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବା ପାଇଁ ଶାରୀରିକ ଭାବେ ସୁସ୍ଥ, ମାନସିକ ଭାବେ ମଜଭୁତ, ଆତ୍ମନାଶକାରୀ ଅଭ୍ୟାସରୁ ସମ୍ପୂର୍ଣ୍ଣ ମୁକ୍ତ ଏବଂ ଉଚ୍ଚ ଆତ୍ମବିଶ୍ୱାସୀ ଯୁବପିଢ଼ିର ଆବଶ୍ୟକତା ରହିଛି। ଶ୍ରୀ ମୋଦୀ ଦୃଢ଼ତାର ସହ କହିଥିଲେ, ‘ଆଜି, ଯେତେବେଳେ ଦେଶ ’ବିକଶିତ ଭାରତ’ର ଲକ୍ଷ୍ୟ ନିର୍ଦ୍ଧାରଣ କରିଛି, ସେତେବେଳେ ଦେଶର ଯୁବସମାଜ ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ରହିବା, ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ ହେବା ଏବଂ ନିଶାଦ୍ରବ୍ୟ ଭଳି ବିନାଶକାରୀ ଅଭ୍ୟାସଠାରୁ ସଦାସର୍ବଦା ଦୂରେଇ ରହିବା ଏକାନ୍ତ ଆବଶ୍ୟକ ହୋଇପଡ଼ିଛି’’।

ଏହି ଅଭିଯାନର ଆରମ୍ଭକୁ ମନେ ପକାଇ ପ୍ରଧାନମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ ଯେ, ଗତବର୍ଷ ପବିତ୍ର କାଶୀ ଧାମରୁ ଏକ ପାଇଲଟ୍ ପ୍ରକଳ୍ପ ଭାବେ ଏହି ପଦକ୍ଷେପ ଆରମ୍ଭ ହୋଇଥିଲା। ଏହି ଆନ୍ଦୋଳନ ପଛରେ ଥିବା ବୈଜ୍ଞାନିକ ସ୍ୱଷ୍ଟତା, ଆଧ୍ୟାତ୍ମିକ ଶକ୍ତି ଏବଂ ଗଭୀର ସାଂସ୍କୃତିକ ସମର୍ପଣର ଅନନ୍ୟ ସମ୍ମିଶ୍ରଣ ଉପରେ ଆଲୋକପାତ କରି ସେ ଏହାର ବ୍ୟାପକ ସମ୍ପ୍ରସାରଣ ବିଷୟରେ ଉଲ୍ଲେଖ କରିଥିଲେ। ଶ୍ରୀ ମୋଦୀ କହିଥିଲେ, ‘କାଶୀ ଘୋଷଣାନାମା ଅଧୀନରେ ୧୨୫ରୁ ଅଧିକ ଆଧ୍ୟାତ୍ମିକ ସଂଗଠନ ଏବଂ ବହୁ ସ୍ୱେଚ୍ଛାସେବୀ ସଂସ୍ଥାର ସହଯୋଗରେ, ସେହି ଜନକଲ୍ୟାଣକାରୀ ଚିନ୍ତାଧାରା ଆଜି ସଫଳତାର ସହ ଏକ ଜାତୀୟ ପ୍ରକଳ୍ପରେ ପରିଣତ ହୋଇଛି।’

ନିଶାମୁକ୍ତ ରହିବା ପାଇଁ ଶପଥ ନେଇଥିବା ଲକ୍ଷ ଲକ୍ଷ ଯୁବକଯୁବତୀଙ୍କ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ, ନିଜେ ନିଶାମୁକ୍ତ ରହିବା ସହ ନିଜ ନିଜର ସ୍କୁଲ, କଲେଜ ଏବଂ ସମାଜରେ ନିଶାମୁକ୍ତ ଜୀବନର ବାର୍ତ୍ତା ପ୍ରସାରିତ କରିବା ପାଇଁ ସେମାନଙ୍କର ନିଷ୍ଠାପର ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ। ଅଭିଯାନର ଆଗାମୀ ୧୦୦ ସପ୍ତାହର ବିସ୍ତୃତ ରୋଡମ୍ୟାପ୍ ବିଷୟରେ ବୁଝାଇ, ଆଗାମୀ ପ୍ରତ୍ୟେକ ରବିବାରରେ ନୂତନ ଅଂଶଗ୍ରହଣକାରୀଙ୍କୁ ଯୋଡ଼ିବା ପାଇଁ କଳା, ସଂସ୍କୃତି, କ୍ରୀଡ଼ା ଏବଂ ଧ୍ୟାନ ଭଳି କାର୍ଯ୍ୟକ୍ରମ ସବୁ କିପରି ଆୟୋଜିତ ହେବ, ସେ ବିଷୟରେ ସେ ବିସ୍ତୃତ ସୂଚନା ଦେଇଥିଲେ। ଶ୍ରୀ ମୋଦୀ ଦୃଢ଼ତାର ସହ କହିଥିଲେ, ‘ଆଗାମୀ ୧୦୦ଟି ରବିବାର ସମ୍ପୂର୍ଣ୍ଣ ନିଶାମୁକ୍ତ ଭାରତ ଗଠନ ଦିଗରେ ନିଶ୍ଚିତ ଭାବରେ ୧୦୦ଟି ସୁଦୃଢ ପାହାଚ ହେବ।




ଛାତ୍ରଛାତ୍ରୀ, ଏନ୍.ଏସ୍.ଏସ୍. ସଦସ୍ୟ ଏବଂ ‘ମାଇଁ ଭାରତ’ ସ୍ୱେଚ୍ଛାସେବୀଙ୍କର ଏହି ବିଶାଳ ଅନଲାଇନ୍ ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ, ଦେଶର ଯୁବପିଢ଼ିଙ୍କ ଦ୍ୱାରା ପ୍ରଦର୍ଶିତ ଗଭୀର ସଚେତନତା, ସଂବେଦନଶୀଳତା ଏବଂ ଗମ୍ଭୀର ସମର୍ପଣ ଭାବ ପାଇଁ ଅପାର ଗର୍ବ ପ୍ରକାଶ କରିଥିଲେ। ଯୁବପିଢ଼ିଙ୍କୁ ଭାରତର ‘ଅମୃତ ପିଢ଼ି’ ଭାବରେ ବର୍ଣ୍ଣନା କରି, ସେ ସେମାନଙ୍କୁ ମନେ ପକାଇ ଦେଇଥିଲେ ଯେ ୨୦୪୭ ସୁଦ୍ଧା ଦେଶର ବିକାଶମୂଳକ ଲକ୍ଷ୍ୟ ହାସଲ କରିବା ପାଇଁ ସେମାନଙ୍କର ଉର୍ଜା, କଳ୍ପନାଶକ୍ତି ଏବଂ ପ୍ରତିଭା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶ୍ରୀ ମୋଦୀ ଦୃଢ଼ତାର ସହ କହିଥିଲେ, ‘ଦେଶର ଭବିଷ୍ୟତ ଏବଂ ନିଜର ବ୍ୟକ୍ତିଗତ ଜୀବନ ପାଇଁ, ନିଜକୁ ନିଶାମୁକ୍ତ ରଖିବା ସମ୍ପୂର୍ଣ୍ଣ ଆବଶ୍ୟକ।’

ଆଜିର ଯୁବପିଢ଼ି ଷ୍ଟାର୍ଟଅପ୍, କୃତ୍ରିମ ବୁଦ୍ଧିମତ୍ତା (ଏଆଇ), କ୍ରୀଡ଼ା ଏବଂ ମହାକାଶ ଗବେଷଣା କ୍ଷେତ୍ରରେ ହାସଲ କରୁଥିବା ଉଲ୍ଲେଖନୀୟ ସଫଳତା ସହିତ ନିଶାର ବିନାଶକାରୀ ପ୍ରଭାବର ତୁଳନା କରି ପ୍ରଧାନମନ୍ତ୍ରୀ ଚେତାବନୀ ଦେଇଥିଲେ ଯେ ନିଶା ଲକ୍ଷ୍ୟପଥରୁ ବିଚ୍ୟୁତ କରେ ଏବଂ ସ୍ୱପ୍ନକୁ ଭାଙ୍ଗି ଚୂରମାର କରିଦିଏ। ଏହା ପରିବାର ଉପରେ ପକାଉଥିବା ଗଭୀର ପ୍ରଭାବ, ଯେପରିକି ବାପା-ମା’ଙ୍କ ସ୍ୱପ୍ନ ଭାଙ୍ଗିବାଠାରୁ ଆରମ୍ଭ କରି ବୟସ୍କମାନଙ୍କୁ ପ୍ରତିଦିନ କଷ୍ଟ ଦେବା ବିଷୟରେ ବୁଝାଇ ସେ ଏହାର ସାମାଜିକ କ୍ଷତି ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ମୋଦୀ କହିଥିଲେ, ’ଯେତେବେଳେ କୌଣସି ପରିବାର କିମ୍ବା ସମାଜରେ ଏପରି ବିନାଶ ଘଟେ, ସେତେବେଳେ ସମଗ୍ର ଦେଶର ସମଗ୍ର ଶକ୍ତି ମଧ୍ୟ ମୂଳରୁ ଦୁର୍ବଳ ହୋଇଯାଏ।

ନିଶାଦ୍ରବ୍ୟର ବିଭ୍ରାନ୍ତକାରୀ ପ୍ରକୃତି ବିରୁଦ୍ଧରେ ଯୁବପିଢ଼ିଙ୍କୁ ସତର୍କ କରାଇ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ନିଶାଦ୍ରବ୍ୟ ଦ୍ୱାରା ପ୍ରଦାନ କରାଯାଉଥିବା କ୍ଷଣସ୍ଥାୟୀ ନିଶା ଶେଷରେ ସେମାନଙ୍କ କ୍ୟାରିଅର ଏବଂ ପାରିବାରିକ ଜୀବନରେ ସ୍ଥାୟୀ ପତନ ଆଣିଥାଏ। ଶ୍ରୀ ଗୁରୁଗ୍ରନ୍ଥ ସାହିବର ନିର୍ଦ୍ଦିଷ୍ଟ ଶିକ୍ଷା ସମେତ ଭାରତୀୟ ସଂସ୍କୃତି ଏବଂ ଆଧ୍ୟାତ୍ମିକ ନେତାମାନଙ୍କର ଗଭୀର ଜ୍ଞାନକୁ ଉଦ୍ଧୃତ କରି, ସେ ମନକୁ ବିଭ୍ରାନ୍ତ କରୁଥିବା ପଦାର୍ଥର ଐତିହାସିକ ସାମାଜିକ ଅଗ୍ରହଣୀୟତା ଉପରେ ଆଲୋକପାତ କରିଥିଲେ। ‘ଆମେ କୌଣସି ପରିସ୍ଥିତିରେ ନିଶାଦ୍ରବ୍ୟକୁ ସାମାଜିକ ସ୍ୱୀକୃତି ଦେବା ଉଚିତ ନୁହେଁ,’ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଥିଲେ।

ନିଶା କବଳରୁ ମୁକ୍ତ ହେବା ପାଇଁ ଉପଲବ୍ଧ ବିସ୍ତୃତ ସହାୟତା ବ୍ୟବସ୍ଥା ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ ନିଶା ଦୂର କରିବାରେ ସାମାଜିକ ସମର୍ଥନ, ଯୋଗ, ଧ୍ୟାନ ଏବଂ ଆଧୁନିକ ପୁନର୍ବାସ କେନ୍ଦ୍ରର ପ୍ରଭାବ ଉପରେ ଆଲୋକପାତ କରିଥିଲେ। ସାମାଜିକ ପ୍ରତିଷ୍ଠା ବିଷୟରେ ଭୁଲ ଚିନ୍ତା ଅପେକ୍ଷା ଚିକିତ୍ସା ହସ୍ତକ୍ଷେପକୁ ପ୍ରାଥମିକତା ଦେବାକୁ ପରିବାରଗୁଡ଼ିକୁ ଆହ୍ୱାନ କରି, ସେ ଦୁର୍ବଳ ପିଲାମାନଙ୍କୁ ଏହି ଫାଶରେ ପଡ଼ିବାରୁ ରୋକିବା ପାଇଁ ଖୋଲା ପାରିବାରିକ ଆଲୋଚନାର ସଂସ୍କୃତିକୁ ସମର୍ଥନ କରିଥିଲେ। ‘ଯଦି ଜଣେ ଯୁବକ ଭୁଲବଶତଃ ନିଶାରେ ପଡ଼ିଯାଇଛି, ତେବେ ଏହାର ଅର୍ଥ ନୁହେଁ ଯେ ସେମାନଙ୍କର ସମସ୍ତ ରାସ୍ତା ସବୁଦିନ ପାଇଁ ବନ୍ଦ ହୋଇଯାଇଛି,’ ଶ୍ରୀ ମୋଦୀ କହିଥିଲେ।

ଶିକ୍ଷାବିତ୍‌ମାନଙ୍କୁ ସ୍ୱତନ୍ତ୍ର ନିବେଦନ କରି ପ୍ରଧାନମନ୍ତ୍ରୀ, କଲେଜ ଏବଂ ବିଶ୍ୱବିଦ୍ୟାଳୟର ଅଧ୍ୟାପକ/ଅଧ୍ୟାପିକାମାନଙ୍କୁ ସେମାନଙ୍କର ନିୟମିତ ପାଠ୍ୟକ୍ରମରେ ନିଶାଦ୍ରବ୍ୟର ବିପଦ ବିଷୟରେ ଆଲୋଚନାକୁ ସାମିଲ କରିବାକୁ ଏବଂ ସେମାନଙ୍କ କ୍ୟାମ୍ପସଗୁଡ଼ିକରେ ନିଶା ନିବାରଣ ଆନ୍ଦୋଳନ ଆରମ୍ଭ କରିବାକୁ ଆହ୍ୱାନ ଦେଇଥିଲେ। ନିଶାମୁକ୍ତ ହେଉଥିବା ବ୍ୟକ୍ତିମାନଙ୍କ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରି, ସେ ସେମାନଙ୍କ ଅତୀତ ସହ ଯୋଡ଼ିହୋଇଥିବା କଳଙ୍କକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରି ସେମାନଙ୍କୁ ସାମାଜିକ ସମ୍ମାନ ଏବଂ ଦ୍ୱିତୀୟ ସୁଯୋଗ ଦେବାକୁ ଆହ୍ୱାନ କରିଥିଲେ। ଶ୍ରୀ ମୋଦୀ କହିଥିଲେ, ‘ନିଶା ସହ ଲଢ଼ି ବାହାରକୁ ଆସିଥିବା ଯୁବପିଢ଼ି ଦୁର୍ବଳ ନୁହନ୍ତି; ସେମାନେ ପ୍ରକୃତ ଯୋଦ୍ଧା, ଯାହାଙ୍କର ଅତୁଳନୀୟ ସାହସ ହିଁ ସେମାନଙ୍କର ପ୍ରକୃତ ପରିଚୟ।’

ନିଜର ଅଭିଭାଷଣ ଶେଷ କରି ପ୍ରଧାନମନ୍ତ୍ରୀ ଯୁବପିଢ଼ିଙ୍କୁ ଆଶ୍ୱାସନା ଦେଇଥିଲେ ଯେ ଏହି ଗୁରୁତ୍ୱପୂର୍ଣ୍ଣ ଲଢ଼େଇରେ ସରକାର ସେମାନଙ୍କ ସହ ଦୃଢ଼ ଭାବରେ ଛିଡ଼ା ହୋଇଛନ୍ତି। ଏହି ଅବସରରେ ସେ ନିଶା ବେପାରୀ ଏବଂ ଚୋରା ଚାଲାଣକାରୀଙ୍କୁ ଲକ୍ଷ୍ୟ କରି ଅଭୂତପୂର୍ବ ଦେଶବ୍ୟାପୀ ଚଢ଼ାଉ, ହଜାର ହଜାର କୋଟି ଟଙ୍କାର ନିଶାଦ୍ରବ୍ୟ ଜବତ ଏବଂ ନିରନ୍ତର ବୃଦ୍ଧି ପାଉଥିବା ଗିରଫଦାରି ହାର ବିଷୟରେ ଉଲ୍ଲେଖ କରିଥିଲେ। ଯୁବପିଢ଼ିଙ୍କ ପ୍ରତିରୋଧ ଶକ୍ତି ଉପରେ ଅଚଳ ବିଶ୍ୱାସ ପ୍ରକଟ କରି, ସେ ଏହି ଜାତୀୟ ପଦକ୍ଷେପର ଅତ୍ୟନ୍ତ ସଫଳ ପରିଣାମ ହେବ ବୋଲି ଭବିଷ୍ୟବାଣୀ କରିଥିଲେ। ଶ୍ରୀ ମୋଦୀ ଦୃଢ଼ତାର ସହ କହିଥିଲେ, ‘ମୋର ବିଶ୍ୱାସ ଯେ ଆମର ଯୁବପିଢ଼ି ନିଶାମୁକ୍ତ ରହି ନିଜର ଉର୍ଜାକୁ ସୁରକ୍ଷିତ ରଖିବେ ଏବଂ ବିକଶିତ ଭାରତର ସଂକଳ୍ପକୁ ଆଗକୁ ନେବେ।’(ପିଆଇବି)

# କେବଳ ପଦବୀ ନୁହେଁ, ମହିଳାଙ୍କୁ ମିଳୁ ପ୍ରକୃତ କ୍ଷମତା

ଅଖିଳ ତରାଇ

ପଞ୍ଚାୟତ ଠାରୁ ସଂସଦ ପର୍ଯ୍ୟନ୍ତ ସଂରକ୍ଷଣ ବ୍ୟବସ୍ଥା ମହିଳାଙ୍କୁ ନେତୃତ୍ୱର ଦ୍ୱାର ଖୋଲିଛି। କିନ୍ତୁ ପ୍ରଶ୍ନ ହେଉଛି ସାମ୍ବିଧାନିକ ଅଧିକାର କି ବାସ୍ତବରେ ପ୍ରକୃତ ନେତୃତ୍ୱରେ ପରିଣତ ହୋଇଛି, ନା କେବଳ ପଦବୀରେ ସୀମିତ ରହିଯାଇଛି ? ଗତ କିଛି ଦଶନ୍ଧି ମଧ୍ୟରେ ଭାରତରେ ମହିଳାଙ୍କ ରାଜନୈତିକ ଉପସ୍ଥିତି ଉଲ୍ଲେଖନୀୟ ଭାବେ ବଢ଼ିଛି। ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀରୁ ଆରମ୍ଭ କରି କେନ୍ଦ୍ର ମନ୍ତ୍ରିମଣ୍ଡଳ, ରାଜ୍ୟ ସରକାର, ସଂସଦ, ବିଧାନସଭା ଓ ପ୍ରଶାସନିକ ସେବାରେ ଅନେକ ମହିଳା ନିଜ ଦକ୍ଷତା, ଦୂରଦୃଷ୍ଟି ଓ ନେତୃତ୍ୱର ପରିଚୟ ଦେଇଛନ୍ତି। ସେମାନେ ସ୍ପଷ୍ଟ କରିଛନ୍ତି ଯେ ନେତୃତ୍ୱର ମାପକାଠି ଲିଙ୍ଗ ନୁହେଁ ବରଂ ଯୋଗ୍ୟତା, ସତ୍ୟନିଷ୍ଠା, ନିଷ୍ପତ୍ତି ନେବାର କ୍ଷମତା ଓ ଜନସେବା ପ୍ରତି ଅଙ୍ଗୀକାର ହିଁ ପ୍ରକୃତ ପରିଚୟ।

କିନ୍ତୁ ଏହି ସଫଳତାର ଚିତ୍ର ସହ ଆଉ ଏକ ବାସ୍ତବତା ମଧ୍ୟ ଜଡ଼ିତ। ବିଶେଷକରି ପଞ୍ଚାୟତ ଓ ସହରାଞ୍ଚଳର ସ୍ଥାନୀୟ ସ୍ୱାୟଂଶାସିତ ସଂସ୍ଥାଗୁଡ଼ିକରେ ଅନେକ ନିର୍ବାଚିତ ମହିଳା ପ୍ରତିନିଧି ଆଜି ବି ପ୍ରକୃତ କ୍ଷମତାରୁ ବଞ୍ଚିତ। ସେମାନେ କାଗଜକଲମରେ ସରପଞ୍ଚ, ସମିତି ସଭ୍ୟା କିମ୍ବା କାଉନସିଲର ହୋଇଥିଲେ ମଧ ବାସ୍ତବରେ ସମସ୍ତ ନିଷ୍ପତ୍ତି ସେମାନଙ୍କ ସ୍ୱାମୀ, ପରିବାରର ପୁରୁଷ ସଦସ୍ୟ କିମ୍ବା ପ୍ରଭାବଶାଳୀ ବ୍ୟକ୍ତିଙ୍କ ଦ୍ୱାରା ନିଆଯାଉଛି। ଏପରି ପରିସ୍ଥିତିରେ ନିର୍ବାଚିତ ମହିଳା ଜଣକ କେବଳ ସରକାରୀ କାଗଜପତ୍ର, ଚେକ୍ କିମ୍ବା ବିଲ୍ ଉପରେ ଦସ୍ତଖତ କରିବା ଏବଂ କେତେକ ଆନୁଷ୍ଠାନିକ ସଭାସମିତିରେ ଯୋଗଦେବା ଭିତରେ ସୀମିତ ରହିଯାଉଛନ୍ତି। ଏହି ପ୍ରବୃତ୍ତି କେବଳ ଜଣେ ମହିଳାଙ୍କ ସାମ୍ବିଧାନିକ ଅଧିକାରର ହନନ ନୁହେଁ, ବରଂ ଗଣତନ୍ତ୍ରର ମୂଳ ଆଦର୍ଶ ପ୍ରତି ଏକ ଚ୍ୟାଲେଞ୍ଜ। ଜନସାଧାରଣ ଯେଉଁ ବ୍ୟକ୍ତିଙ୍କୁ ଭୋଟ ଦେଇ ନିର୍ବାଚିତ କରିଛନ୍ତି, ନିଷ୍ପତ୍ତି ନେବାର ଅଧିକାର ମଧ ସେହି ବ୍ୟକ୍ତିଙ୍କର ହେବା ଉଚିତ। ଅନ୍ୟ କୌଣସି ବ୍ୟକ୍ତି ସେହି କ୍ଷମତାର ବ୍ୟବହାର କରିବା ଗଣତାନ୍ତ୍ରିକ ମୂଲ୍ୟବୋଧ ସହ ସଙ୍ଗତିପୂର୍ଣ୍ଣ ନୁହେଁ। ସଂରକ୍ଷଣର ପ୍ରକୃତ ଉଦ୍ଦେଶ୍ୟ କେବଳ ଆସନ ସଂରକ୍ଷିତ କରିବା ନୁହେଁ ବରଂ ମହିଳାଙ୍କୁ ନେତୃତ୍ୱ, ନିଷ୍ପତ୍ତି ଓ ଶାସନର କେନ୍ଦ୍ରବିନ୍ଦୁରେ ପହଞ୍ଚାଇବା। ବାସ୍ତବରେ ଆଜିର ମହିଳା ଆଉ ପୂର୍ବଭଳି କେବଳ ଘରର ଚାରିକାନ୍ଥ ଭିତରେ ସୀମିତ ନୁହନ୍ତି। ଶିକ୍ଷା, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ମହାକାଶ ଗବେଷଣା, ପ୍ରଶାସନ, ନ୍ୟାୟବ୍ୟବସ୍ଥା, ସେନାବାହିନୀ, କ୍ରୀଡ଼ା ଓ ଉଦ୍ୟୋଗ ପ୍ରତ୍ୟେକ କ୍ଷେତ୍ରରେ ସେମାନେ ନିଜର ସାମର୍ଥ୍ୟ ପ୍ରମାଣ କରିଛନ୍ତି। ରାଣୀ ଲକ୍ଷ୍ମୀବାଈଙ୍କ ବୀରତ୍ୱ, ସାବିତ୍ରୀବାଈ ଫୁଲେଙ୍କ ଶିକ୍ଷା ବିପ୍ଳବ, ମଦର ଟେରେସାଙ୍କ ମାନବସେବା, କଳ୍ପନା ଚାଉଲାଙ୍କ ମହାକାଶ ଯାତ୍ରା ଠାରୁ ଆରମ୍ଭ କରି ଆଜିର ଭାରତୀୟ ମହିଳା ବିଜ୍ଞାନୀ, ପ୍ରଶାସକ ଓ ସୈନିକଙ୍କ ସଫଳତା ପର୍ଯ୍ୟନ୍ତ ସବୁଠି ନାରୀ ନିଜର ଯୋଗ୍ୟତାର ପ୍ରମାଣ ଦେଇଛନ୍ତି। ତେବେ ସ୍ଥାନୀୟ ଶାସନ ବ୍ୟବସ୍ଥାରେ ସେମାନଙ୍କୁ କାହିଁକି କେବଳ ପ୍ରତୀକାତ୍ମକ ପ୍ରତିନିଧି ଭାବେ ରଖାଯିବ ? ନିଶ୍ଚିତ ଭାବରେ ସମସ୍ତ ସ୍ଥାନରେ ଚିତ୍ର ନକାରାତ୍ମକ ନୁହେଁ। ଅନେକ ମହିଳା ସରପଞ୍ଚ, କାଉନସିଲର ଓ ଜନପ୍ରତିନିଧି ନିଜର ଦକ୍ଷତା ଓ ସ୍ୱାଧୀନ ନେତୃତ୍ୱ ମାଧ୍ୟମରେ ଉନ୍ନୟନର ନୂଆ ଉଦାହରଣ ସୃଷ୍ଟି କରିଛନ୍ତି। ସେମାନଙ୍କ ସଫଳତା ପ୍ରମାଣ କରୁଛି ଯେ ସୁଯୋଗ, ପ୍ରଶିକ୍ଷଣ ଓ ସାମାଜିକ ସହଯୋଗ ମିଳିଲେ ମହିଳାମାନେ ଯେକୌଣସି ଦାୟିତ୍ୱକୁ ସଫଳତାର ସହ ତୁଲାଇପାରନ୍ତି। ତେଣୁ ସମସ୍ୟା ମହିଳାଙ୍କ କ୍ଷମତାରେ ନୁହେଁ ସମସ୍ୟା ରହିଛି ସମାଜର କିଛି ଅଂଶର ପୁରୁଷକୈନ୍ଦ୍ରିକ ମାନସିକତାରେ। ସରକାର ମହିଳା ସଶକ୍ତିକରଣ ପାଇଁ ସଂରକ୍ଷଣ, ପ୍ରଶିକ୍ଷଣ, ସ୍ୱୟଂସହାୟକ ଗୋଷ୍ଠୀ ଓ ବିଭିନ୍ନ କଲ୍ୟାଣମୂଳକ ଯୋଜନା ଆରମ୍ଭ କରିଛନ୍ତି। କିନ୍ତୁ କେବଳ ଆଇନ ପ୍ରଣୟନ କରିଦେଲେ ଯଥେଷ୍ଟ ନୁହେଁ। ଆବଶ୍ୟକ ସାମାଜିକ ଚିନ୍ତାଧାରାର ପରିବର୍ତ୍ତନ। ବାସ୍ତବରେ ଅନେକ ମହିଳା ଶିକ୍ଷିତ, ସଚେତନ ଓ ନେତୃତ୍ୱ ଦେବାରେ ସମର୍ଥ। ସେମାନଙ୍କ ପାଖରେ ଲୋକଙ୍କ ସମସ୍ୟା ବୁଝିବାର କ୍ଷମତା ଅଛି, ବିକାଶମୂଳକ ଯୋଜନା କାର୍ଯ୍ୟକାରୀ କରିବାର ଦକ୍ଷତା ଅଛି ଓ ସମାଜକୁ ଆଗକୁ ନେବାର ଇଚ୍ଛାଶକ୍ତି ମଧ ଅଛି। ଆବଶ୍ୟକ କେବଳ ପରିବାର, ସମାଜ ଓ ପ୍ରଶାସନର ସହଯୋଗ। ସୁଯୋଗ ମିଳିଲେ ସେମାନେ ନିଶ୍ଚିତ ଭାବେ ନିଜର ଯୋଗ୍ୟତା ପ୍ରମାଣ କରିପାରିବେ।

ନିର୍ବାଚିତ ମହିଳା ପ୍ରତିନିଧିଙ୍କୁ ସ୍ୱାଧୀନ ଭାବେ କାମ କରିବାକୁ ଦେବା କେବଳ ସେମାନଙ୍କ ପ୍ରତି ସମ୍ମାନ ନୁହେଁ ବରଂ ଭାରତୀୟ ସମ୍ବିଧାନ ଓ ଗଣତନ୍ତ୍ର ପ୍ରତି ପ୍ରକୃତ ସମ୍ମାନ।

ଗଞ୍ଜାମ, ମୋ:୭୭୮୭୦୦୧୦୦୧

# ନୂଆ ରୂପରେ ପୁରୁଣା କାନୁନ

ଡା. ପ୍ରମୋଦ କୁମାର ପଣ୍ଡା

“ ପରୀକ୍ଷା ପଦ୍ଧତିରେ ସ୍ୱଚ୍ଛତା, ସଂସ୍କାର, ବିଶ୍ୱସନୀୟତା ଏବଂ ପାରଦର୍ଶିତା ଆଣିବା ପାଇଁ ସରକାର ସଂସଦରେ ସାର୍ବଜନୀନ ପରୀକ୍ଷା (ଅନୁଚିତ ସାଧନ ନିବାରଣ) ସଂଶୋଧନ ବିଲ, ୨୦୨୬ ଆଗତ କରିଛନ୍ତି। ଏହା ନୂଆ କାନୁନ ନୁହେଁ। ୨୦୨୪ କାନୁନର ସଂଶୋଧନ। ଶକ୍ତ କାନୁନ ପ୍ରତି ଲୋକଙ୍କ ଭୟ ଥାଏ। ଯେତେବେଳେ ଜଣେ ଜାଣେ ଯେ ସେ କରିଥିବା ଅପରାଧରେ ତାକୁ ଦଣ୍ଡ ମିଳିବନି, ସେତେବେଳେ ସେ କାନୁନକୁ ଡରେନି। ବାରମ୍ବାର ସେହି ଅପରାଧ କରିବସେ। କିନ୍ତୁ ଯଦି ଜଣେ ଜାଣିବ ଯେ ସେ ଯେଉଁ ଭୁଲ କିମ୍ବା ଅପରାଧ କରିଛି ସେଥିରୁ ତାର ବଞ୍ଚିବା ଅସମ୍ଭବ, କଠିନ ଦଣ୍ଡ ସୁନିଶ୍ଚିତ, ତେବେ ତାର କାନୁନ ପ୍ରତି ଡର ରୁହେ। ସେହି ସେହି ଅପରାଧ କରିବାକୁ ସାହସ କରେନି।

୨୦୨୬ ନିଟ, ଯୁଜି ପ୍ରଶ୍ନ ପତ୍ର ପ୍ରଘଟ ପରେ ଦେଶ ପଡୁଛି ଏବଂ ଉଠୁଛି। ପରୀକ୍ଷା ବାତିଲ ହୋଇଛି। ପୁନଃପରୀକ୍ଷା କରାଯାଇଛି। ଫଳ ପ୍ରକାଶିତ ହୋଇସାରିଛି। ତଦନ୍ତ ଚାଲିଛି। ୧୩ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ୨୧ ଜଣ ପରୀକ୍ଷାର୍ଥୀ ଆତ୍ମହତ୍ୟା କରିଛନ୍ତି। କକରୋଜ ଜନତା ପାର୍ଟି ତିନି ଦଫା ଦାବି ନେଇ ଦିଲ୍ଲୀ ଯନ୍ତର ମନ୍ତରରେ ଆନ୍ଦୋଳନ କରିଛି।

ସୋନମ ୱାଙ୍ଗଚୁକ ଯିଏ ଜଣେ ଜଣାଶୁଣା ଭାରତୀୟ ପରିବେଶ କର୍ମୀ, ଶିକ୍ଷା ସଂସ୍କାରକ ଏବଂ ଅଭିନବ ଇଞ୍ଜିନିୟର ଅନଶନ କରିଛନ୍ତି। ଜେନ-ଜି ଯୁବଗୋଷ୍ଠୀ ଦେଶବ୍ୟାପୀ ପ୍ରତିବାଦ କରିଛନ୍ତି। ବିନାନୁମତିରେ ପୁଲିସର ବାରଣ ସତ୍ତ୍ୱେ ପାର୍ଲାମେଣ୍ଟ ମାର୍ଚ୍ଚ ହୋଇଛି। ଦିଲ୍ଲୀ ପୁଲିସ ଏବଂ ପ୍ରଦର୍ଶନକାରୀ ମୁହାଁମୁହିଁ ହୋଇଛନ୍ତି। ଭିଡ଼ ନିୟନ୍ତ୍ରଣ ଓ ଆଇନ ଶୃଙ୍ଖଳା ବଜାୟ ରଖିବାକୁ ଲାଠି ଚାର୍ଜ ହୋଇଛି। ଲୁହ ବୁହା ଗ୍ୟାସ ଛଡ଼ାଯାଇଛି। ଆନ୍ଦୋଳନକାରୀ ପୁଲିସ ଉପରେ ଆକ୍ରମଣ କରିଛନ୍ତି। ଉଭୟ ପକ୍ଷରୁ ଲୋକ ଆହତ ହୋଇଛନ୍ତି। କିଏ ପ୍ରଥମେ ଆକ୍ରମଣ କଲା ସ୍ପଷ୍ଟ ହୋଇନି। ଆରୋପ-ପ୍ରତ୍ୟାରୋପ ଜାରି ରହିଛି। ସରକାର ସିଜେପିର ତିନି ଦାବି ମାନି ନେଇଛନ୍ତି। ସୋନମ ୱାଙ୍ଗଚୁକ ଅନଶନ ଭାଙ୍ଗିଛନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଇସ୍ତଫା ପ୍ରଦାନ କରିଛନ୍ତି। ନୂଆ ଶିକ୍ଷାମନ୍ତ୍ରୀ ନିଯୁକ୍ତ ହୋଇଛନ୍ତି। ଶିକ୍ଷା ବିଭାଗ ପ୍ରମୁଖ ସଚିବଙ୍କ ସ୍ଥାନାନ୍ତର ହୋଇଛି। ତତ୍କାଳୀନ ଏନଟିଏ ମହାସଚିବଙ୍କ ସମେତ ୪୮ ଜଣ ଅଧିକାରୀ ଏବଂ କର୍ମଚାରୀଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି। ଛଅ ଜଣ ବିଶିଷ୍ଟ ଉଚ୍ଚକ୍ଷମତା ସମ୍ପନ୍ନ ଟାସ୍କ ଫୋର୍ସ ଗଠିତ ହୋଇଛି। ଲିକ୍ ପ୍ରୁଫ ପରୀକ୍ଷା ପାଇଁ ସମାଧାନ ଖୋଜା ଯିବ। ପରୀକ୍ଷାରେ ପ୍ରଦ୍ୟୋଗୀକି ସମାବେଶ, ଶିକ୍ଷା ପ୍ରଣାଳୀକୁ ମଜଭୁତ କରିବା ଡିଜିଟାଲ ସୁରକ୍ଷା ଓ ପରୀକ୍ଷା ପାରଦର୍ଶିତା ଉପରେ ସରକାରଙ୍କୁ ପ୍ରସ୍ତାବ ପ୍ରଦାନ କରାଯିବ। ଇନ୍‌ଫୋସିସର ସହ ସଂସ୍ଥାପକ ତଥା ଆଧାର କାର୍ଡ଼ର ବାସ୍ତୁକାର ଓ ଯୁପିଆଇ ସିଷ୍ଟମ, ଇ-କେୱାଇସି, ଇ-ସିଗ୍ନେଚର, ଫାଷ୍ଟେଗ, ଡିଜିଲକର ଇତ୍ୟାଦିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ନନ୍ଦନ ନୀଲେକାନୀ ଟାସ୍କ ଫୋର୍ସର ନେତୃତ୍ୱ ନେବେ। ତାଙ୍କ ସହ ଇସ୍ରୋର ପୂର୍ବ ଅଧ୍ୟକ୍ଷ ଡକ୍ଟର ଏସ ସୋମନାଥ, ଆଇଇବି ପୂର୍ବ ନିର୍ଦ୍ଦେଶକ ତପନ ଡ଼େକା ଆଇଆଇଟି, ମାଡ୍ରାସର ନିର୍ଦ୍ଦେଶକ ବି କାମକୋଟୀ, ପୂର୍ବ ସଚିବ, ଶିକ୍ଷା ମନ୍ତ୍ରାଳୟ ଅନୀତା ବରବାଲ ଏବଂ ଲଜିଷ୍ଟିକ ଏକ୍ସପର୍ଟ ଅମୃତଲାଲ ମୀନା ରହିଛନ୍ତି।

ପରୀକ୍ଷା ପଦ୍ଧତିରେ ସ୍ୱଚ୍ଛତା, ସଂସ୍କାର, ବିଶ୍ୱସନୀୟତା ଏବଂ ପାରଦର୍ଶିତା ଆଣିବା ପାଇଁ ସରକାର ସଂସଦରେ ସାର୍ବଜନୀନ ପରୀକ୍ଷା (ଅନୁଚିତ ସାଧନ ନିବାରଣ) ସଂଶୋଧନ ବିଲ, ୨୦୨୬ ଆଗତ କରିଛନ୍ତି। ଏହା ନୂଆ କାନୁନ ନୁହେଁ। ୨୦୨୪ କାନୁନର ସଂଶୋଧନ। ଶକ୍ତ କାନୁନ ପ୍ରତି ଲୋକଙ୍କ ଭୟ ଥାଏ। ଯେତେବେଳେ ଜଣେ ଜାଣେ ଯେ ସେ କରିଥିବା ଅପରାଧରେ ତାକୁ ଦଣ୍ଡ ମିଳିବନି, ସେତେବେଳେ ସେ କାନୁନକୁ ଡରେନି। ବାରମ୍ବାର ସେହି ଅପରାଧ କରିବସେ। କିନ୍ତୁ ଯଦି ଜଣେ ଜାଣିବ ଯେ ସେ ଯେଉଁ ଭୁଲ କିମ୍ବା ଅପରାଧ କରିଛି ସେଥିରୁ ତାର ବଞ୍ଚିବା ଅସମ୍ଭବ, କଠିନ ଦଣ୍ଡ ସୁନିଶ୍ଚିତ, ତେବେ ତାର କାନୁନ ପ୍ରତି ଡର ରୁହେ। ସେହି ସେହି ଅପରାଧ କରିବାକୁ ସାହସ କରେନି। ଏହି ପୃଷ୍ଠଭୂମିରେ ସରକାର ପବ୍ଲିକ ଏକ୍‌ଜାମିନେସନ (ପ୍ରିଭେନଶନ ଅଫ୍ ଅନଫେୟାର ମିନ୍ସ) ଏମେଣ୍ଡମେ□ ବିଲ, ୨୦୨୬ ଲୋକସଭାରେ ପେସ କରିଛନ୍ତି। ପୂରାପୂରି ନୂଆ ନହେଲେ ମଧ୍ୟ ଏହି କାନୁନରେ ଅନେକ ପରିବର୍ତ୍ତନ ଅଣାଯାଇଛି। ଏହି ବିଲରେ ମୁଖ୍ୟତଃ ଚାରିଗୋଟି ଦିଗ ଉପରେ ଜୋର ଦିଆଯାଇଛି। ତାହା ହେଲା ଦଣ୍ଡବିଧାନ, ଜୋରିମାନା, ତଦନ୍ତ ଏବଂ ସମୟସୀମା। ଦଣ୍ଡବିଧାନର ଅବଧି ବୃଦ୍ଧି କରାଯାଇଛି। ଜୋରିମାନା ରାଶି ବୃଦ୍ଧି ପାଇଛି। ଯାଞ୍ଚ ପ୍ରକ୍ରିୟାକୁ କଡ଼ା କରାଯାଇଛି। କେସ ଫଇସଲା ପାଇଁ ପ୍ରତ୍ୟେକ ପର୍ଯ୍ୟାୟରେ ସମୟସୀମା ଧାର୍ଯ୍ୟ ହୋଇଛି।

ପୁରୁଣା କାନୁନ ଅନୁସାରେ କୌଣସି ଅଭିଯୁକ୍ତ ପରୀକ୍ଷା ଘୋଟାଲାରେ ଦୋଷୀ ସାବ୍ୟସ୍ତ ହେଲେ ତିନି ବର୍ଷରୁ ପାଞ୍ଚ ବର୍ଷ ଜେଲ ଏବଂ ଦଶ ଲକ୍ଷ ଟଙ୍କା ଜୋରିମାନାର ପ୍ରାବଧାନ ଥିଲା। ଏବେ ତାକୁ ବୃଦ୍ଧି କରି ପାଞ୍ଚ ବର୍ଷରୁ ଦଶ ବର୍ଷ ପର୍ଯ୍ୟନ୍ତ ଜେଲ ଓ ୫୦ ଲକ୍ଷ ଟଙ୍କା ଜୋରିମାନା ପ୍ରସ୍ତାବ ରହିଛି। ପୁରୁଣା କାନୁନରେ ପରୀକ୍ଷା ଆୟୋଜନ କରୁଥିବା କମ୍ପାନୀ କିମ୍ବା ସଂସ୍ଥା ଯଦି ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରି ଧରା ପଡ଼େ ଏବଂ ଦୋଷୀ ସାବ୍ୟସ୍ତ ହୁଏ ତେବେ ଦଣ୍ଡ ସ୍ୱରୂପ ତାକୁ ପରୀକ୍ଷା ପରିଚାଳନା ଖର୍ଚ୍ଚ ସହିତ ଏକ କୋଟି ଟଙ୍କା ଜୋରିମାନା ଏବଂ ଚାରି ବର୍ଷ ପ୍ରତିବନ୍ଧର ବ୍ୟବସ୍ଥା ଥିଲା ଯାହାକୁ ନୂତନ କାନୁନରେ ପରୀକ୍ଷା ଖର୍ଚ୍ଚ ସହ ପାଞ୍ଚ କୋଟି ଟଙ୍କା ଏବଂ ଆଠ ବର୍ଷର ପ୍ରତିବନ୍ଧକୁ ବୃଦ୍ଧି କରାଯାଇଅଛି। ଅର୍ଥାତ୍, ସମ୍ପୃକ୍ତ କମ୍ପାନୀ କିମ୍ବା ସଂସ୍ଥା ନୂଆ କାନୁନରେ ନିରୂପିତ ଆର୍ଥିକ ଦଣ୍ଡ ସହ ଆଠ ବର୍ଷ ଯାଏ ସର୍ବସାଧାରଣ ପରୀକ୍ଷା କରାଇବାକୁ ଯୋଗ୍ୟ ବିବେଚିତ ହେବନାହିଁ। କେବଳ କମ୍ପାନୀ ନୁହଁ, କୌଣସି କମ୍ପାନୀର ବଡ଼ ଅଧିକାରୀ ଯଦି ପରୀକ୍ଷା ଘୋଟାଲାରେ ଦଣ୍ଡିତ ହୁଅନ୍ତି ତେବେ ତାଙ୍କୁ ତିନି ବର୍ଷରୁ ପାଞ୍ଚ ବର୍ଷ ଜେଲ ପରିବର୍ତ୍ତେ ପାଞ୍ଚ ବର୍ଷରୁ ଦଶ ବର୍ଷ ଜେଲ ହେବ । ଏକ କୋଟି ପରିବର୍ତ୍ତେ ପାଞ୍ଚ କୋଟି ଜୋରିମାନା ଭରିବାକୁ ପଡ଼ିବ। ପୁରୁଣା କାନୁନରେ ପରୀକ୍ଷା ଅଧିକାରୀଙ୍କ ସଂଗଠିତ ଅପରାଧ ପାଇଁ ପାଞ୍ଚ ବର୍ଷରୁ ଦଶ ବର୍ଷ ଜେଲ ଓ ଏକ କୋଟି ଟଙ୍କା ଜୋରିମାନାର ପ୍ରାବଧାନ ଥିଲା। ସଂଶୋଧିତ କାନୁନରେ ଏଭଳି ଅପରାଧ ପାଇଁ ସାତ ବର୍ଷରୁ ଦଶ ବର୍ଷର ଜେଲ ଏବଂ ନ୍ୟୁନତମ ଦଶ କୋଟି ଟଙ୍କା ଜୋରିମାନାର ବ୍ୟବସ୍ଥା ରହିଛି। ଜେଲ ଓ ଜୋରିମାନା ବ୍ୟତିରେକ ତଦନ୍ତ ଓ ବିଚାର ପ୍ରକ୍ରିୟାରେ ସମୟସୀମା ଧାର୍ଯ୍ୟ କରାଯାଇଛି। ଏଣିକି ଏଫଆଇଆର ଦର୍ଜ ହେବାର ଦୁଇ ମାସ ଭିତରେ ଯାଞ୍ଚ ପୁରା କରିବାକୁ ହେବ। ଯାଞ୍ଚ ପୂରା ହେବାର ଦୁଇ ମାସ ମଧ୍ୟରେ ଚାର୍ଜ ସିଟ ଦାଖଲ ଓ ଚାର୍ଜ ସିଟ ଦାଖଲର ତିନି ମାସ ମଧ୍ୟରେ ବିଚାର ପ୍ରକ୍ରିୟା ସମାପ୍ତ କରିବାକୁ ପଡ଼ିବ।

ତେବେ କେବଳ କଠୋର କାନୁନ ଏବଂ ଫାଷ୍ଟ ଟ୍ରାକ କୋର୍ଟ ପ୍ରଶ୍ନ ପତ୍ର ଲିକ ରୋକିପରିବ ନାହିଁ। ଏହା ସହିତ ବ୍ୟବସ୍ଥାରେ ସୁଧାର ମଧ୍ୟ ଜରୁରି। ତେବେ ଯାଇ ଲିକ ପ୍ରୁଫ୍ ପରୀକ୍ଷା ସମ୍ପର୍କରେ କଳ୍ପନା କରାଯାଇପାରିବ।

ଦେଶର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ପେପର ଲିକ ଓ ପରୀକ୍ଷା ବାତିଲ ଜନିତ ଗଭୀର ପୀଡ଼ାରୁ ମୁକ୍ତ ହେବେ। ଆତ୍ମହତ୍ୟା କମିବ। ପରୀକ୍ଷାର୍ଥୀଙ୍କ ପିତାମାତା, ପରିବାରପରିଜନ ଅପ୍ରତ୍ୟାଶିତ ଆଶଙ୍କାରୁ ଆଶ୍ୱସ୍ତ ହେବେ। ଶିକ୍ଷା ଓ ପରୀକ୍ଷା ପ୍ରତି ଜନସାଧାରଣଙ୍କ ଅସ୍ଥା ବଢ଼ିବ।

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର
ମୋ-୭୯୭୮୨୮୩୧୯୦

# ସାମାନ୍ୟ କିଛି ଘଣ୍ଟା ବର୍ଷାରେ ପୁରୀ ସହରରେ କୃତ୍ରିମ ବନ୍ୟା

ପୁରୀ,୪ ।୮ (ନିପ୍ର); ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳୀ ହେଉଛି ପୁରୀ। ହେଲେ ମାତ୍ର ଏକ ଘଣ୍ଟା ଲଗାଣ ବର୍ଷା ହେଲେ ପୁରୀ ସହର ହୋଇପଡୁଛି ବେହାଲ୍। ସବୁଆଡ଼େ ହୋଇପଡୁଛି ଜଳବନ୍ଦୀ ସ୍ଥିତି। ଜନ ଜୀବନ ଠପ୍ ହୋଇଯାଉଛି। ପୁରୀ ଭଳି ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନ ସ୍ଥଳୀର ଏଭଳି ଦୁରବସ୍ଥାକୁ ନେଇ ପୁରୀ ସହର ବାସୀ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପୁରୀ ସହର ରେ ସ୍ୱଚ୍ଛତାକୁ ବଜାୟ ରଖିବା ସହ ବର୍ଷା ଦିନେ ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ପୁରୀକୁ ପୌରପାଳିକାରୁ ମହାନଗର କଲେ ରାଜ୍ୟ ସରକାର। ମହାନଗର ନିଗମ ହେଲେ ଅଧିକ ଆର୍ଥିକ ଅନୁଦାନ ଦେବେ ସରକାର। ଯାହା ଦ୍ୱାରା ପୁରୀ ସହରର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ହୋଇପାରିବ। ହେଲେ କାର୍ଯ୍ୟ ସମ୍ପୂର୍ଣ୍ଣ ଶୂନ। ପୁରୀ ସହରରେ ଥିବା ଡ୍ରେନ ଗୁଡ଼ିକ ନା ଠିକ୍‌ରେ ସଫେଇ ହୋଇ ପାରୁଛି ନା ନୂଆ ଡ୍ରେନ ନିର୍ମାଣ ହୋଇ ପାରୁଛି । ଫଳରେ ଡ୍ରେନଜ ସମସ୍ୟା ଯୋଗୁ ରଥଯାତ୍ରାରେ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି। ଚଳିତ ରଥଯାତ୍ରାରେ ଘନଘନ ଲଘୁଚାପ ବର୍ଷା ଯୋଗୁ ପୁରୀ ସହର ସମ୍ପୂର୍ଣ୍ଣ ବେହାଲ ହୋଇ ପଡ଼ିଥିଲା । ବଡଦାଣ୍ଡ, ସମୁଦ୍ର କୂଳ ରାସ୍ତାରେ ମାତ୍ର କିଛି ଘଣ୍ଟା ବର୍ଷାରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଥିଲା। ଫଳରେ ଜନ ଜୀବନ ଠପ୍ ହୋଇ ପଡ଼ିଥିଲା। ପୁରୀ ସହରର ବିଭିନ୍ନ ସାହି, ତଳିଆ ଅଞ୍ଚଳରେ ବର୍ଷା ଜଳ ନିଷ୍କାସନ ହୋଇ ନପାରି ସଙ୍ଗିନ ସ୍ଥିତି ସୃଷ୍ଟି ହୋଇଥିଲା। ରଥଯାତ୍ରା ପୂର୍ବରୁ ପୁରୀ ସହରରେ ଥିବା ସବୁ ଛୋଟ ବଡ଼ ଡ୍ରେନ ସଫେଇ ସହ ମରାମତି ପାଇଁ ନିଷ୍ପତ୍ତି ହୋଇଥିଲା । ହେଲେ ରଥଯାତ୍ରା ଶେଷ ହୋଇଥିଲେ ଡ୍ରେନ ସଫେଇ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରିନଥିଲା। ବଡଦାଣ୍ଡ ଓ ସମୁଦ୍ର କୂଳ ଅଞ୍ଚଳ ରେ ଥିବା ଡ୍ରେନ ଗୁଡ଼ିକ ସଠିକ୍ ଭାବରେ ସଫେଇ ନ ହେବା ଯୋଗୁ ରଥଯାତ୍ରା ଓ ନୀଳାଦ୍ରି ବିଜେ ଦିନ ବଡ ଦାଣ୍ଡ ରେ ବର୍ଷା ଜଳ ନିଷ୍କାସନ ହୋଇ ନପାରି କୃତ୍ରିମ ବନ୍ୟା ସୃଷ୍ଟି ହୋଇଥିଲା। ହଜାର ହଜାର ପର୍ଯ୍ୟଟକ ଓ ଭକ୍ତ ନର୍ଦ୍ଦମା ଜଳରେ ପଶି ଯାତାୟାତ କରିଥିଲେ। ଏଭଳି ଅବ୍ୟବସ୍ଥାକୁ କଡା ସମାଲୋଚନା କରିଥିଲେ ଭକ୍ତ ଓ ପର୍ଯ୍ୟଟକ। ଚାରି ଧାମ ଭିତରୁ ଅନ୍ୟତମ ଜଗନ୍ନାଥ୍ ଧାମକୁ ପ୍ରତ୍ୟେକ ଦିନ ଦେଶ ବିଦେଶରୁ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଙ୍କ ଦର୍ଶନ ସହ ପୁରୀ ଭ୍ରମଣରେ ଆସିଥାନ୍ତି। ପୁରୀ ହେଉଛି ଓଡ଼ିଶାର ପରିଚୟ। ହେଲେ ସାମାନ୍ୟ କିଛି ଘଣ୍ଟା ବର୍ଷାରେ ପୁରୀ ସହରରେ



କୃତ୍ରିମ ବନ୍ୟା ସୃଷ୍ଟି ହେବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହା ଦ୍ୱାରା ଓଡ଼ିଶା ବଦନାମ ହେଉଥିବା ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି। ଏଣୁ କେବଳ କାଗଜ କଲମରେ ପୁରୀକୁ ବିଶ୍ୱ ସ୍ତରୀୟ ସହର ନକରି ବାସ୍ତବରେ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ ହେବାର ଆବଶ୍ୟକତା ଥିବା ବୁଦ୍ଧିଜୀବୀ କହିଛନ୍ତି। ପୁରୀ ସହର ସମେତ ପୁରୀ ମହାନଗର ନିଗମରେ ସାମିଲ ହୋଇଥିବା ନୂଆ ଅଞ୍ଚଳକୁ ନେଇ ଏକ ସ୍ୱତନ୍ତ୍ର ମାଷ୍ଟର ପ୍ଲାନ କରାଯାଇ ଡ୍ରେନଜ ଭିତ୍ତିଭୂମି ଉନ୍ନତି କରିବାର ଆବଶ୍ୟକତା ଥିବା ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି। ବୁଦ୍ଧିଜୀବୀ ହେକ୍ଟର ମିଶ୍ର କହିଛନ୍ତି, ରାଜ୍ୟ ସରକାର ପୁରୀ ସହରକୁ ଏକ ବିଶ୍ୱ ସ୍ତରୀୟ ସହରର ପରିକଳ୍ପନା କରିଛନ୍ତି। ଏଠାରେ ଅନ୍ତର୍ଜାତୀୟ ବିମାନ ବନ୍ଦର ନିର୍ମାଣ କଥା କୁହାଯାଉଛି। କୋଣାର୍କ ପୁରୀ ଚିଲିକାକୁ ନେଇ ସ୍ୱତନ୍ତ୍ର ପର୍ଯ୍ୟଟନ ସର୍କିଟ କରିବା କଥା ସରକାର କହୁଛନ୍ତି। ହେଲେ ମାତ୍ର ଅଧ ଘଣ୍ଟେ ବର୍ଷା ହେଲେ ପୁରୀ ସହର ସମ୍ପୂର୍ଣ୍ଣ ବେହାଲ ହୋଇପଡୁଛି । ଗତ ନୀଳାଦ୍ରି ବିଜେ ଦିନ ଯେଉଁ ପ୍ରବଳ ବର୍ଷା ହେଲା ପୁରୀ ସହର ସମ୍ପୂର୍ଣ୍ଣ ଜଳବନ୍ଦୀ ହୋଇପଡ଼ିଲା। ପୁରୀ କୁ ଆସିଥିବା ଭକ୍ତ ଓ ପର୍ଯ୍ୟଟକ ମାନେ ଏହା ଦେଖି ସ୍ତବ୍ଧ ହୋଇଯାଇଥିଲେ। ବଡ ଦୁଃଖ କ୍ଷୋଭର ବିଷୟ ପୁରୀ ମହାନଗର ନିଗମ ମାନ୍ୟତା ପାଇଥିବା ବେଳେ ଜଳ ନିଷ୍କାସନ ନେଇ କୌଣସି ସ୍ୱତନ୍ତ୍ର ଯୋଜନା ଆଜି ପର୍ଯ୍ୟନ୍ତ ମହାନଗର ନିଗମ ପକ୍ଷରୁ ହୋଇନାହିଁ। ଏ ନେଇ କୌଣସି ସ୍ୱତନ୍ତ୍ର ଯୋଜନା କି ବ୍ଲୁ ପ୍ରିଣ୍ଟ ଆଜି ପର୍ଯ୍ୟନ୍ତ ହୋଇନାହିଁ । ଡ୍ରେନେଜ ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ ମାରିଛି। ଯଦି ରାଜ୍ୟ ସରକାର ପୁରୀ ସହର ର ଜଳ ନିଷ୍କାସନ ସମସ୍ୟାକୁ ନେଇ ଯଦି କିଛି ସ୍ୱତନ୍ତ୍ର ମାଷ୍ଟର ପ୍ଲାନ ନକରନ୍ତି ତାହା ଆଗାମୀ ଦିନରେ ଆହୁରି ଭୟଙ୍କର ସ୍ଥିତି ସୃଷ୍ଟି ହେବ। ଖଣ୍ଡିଆବନ୍ଧ ବାସିନ୍ଦା ମାଗା ଦାସ କହିଛନ୍ତି, ରଥଯାତ୍ରା ରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଲଗାଣ ବର୍ଷା ଲାଗି ରହିବାରୁ ଆମ ଅଞ୍ଚଳ ସମ୍ପୂର୍ଣ୍ଣ ଜଳବନ୍ଦୀ ହୋଇପଡ଼ିଲା। ୨୦୦ ପରିବାର ଏଠାରେ ରହୁଥିବା ବେଳେ ଜଳବନ୍ଦୀ ସ୍ଥିତି ଯୋଗୁ ଯାତାୟାତରେ ବହୁତ ସମସ୍ୟା ହେଉଛି। ଛାତ୍ରଛାତ୍ରୀ ମାନେ ସ୍କୁଲ ଯିବା ଆସିବାରେ ବହୁତ୍ ସମସ୍ୟା ସମ୍ମୁଖୀନ ହେଉଛନ୍ତି। ବର୍ଷା ଜଳ ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ବିଷଧର ସାପ, ଜଳ ଯିବ ଘରେ ପ୍ରବେଶ କରୁଛନ୍ତି। ପୂର୍ବରୁ ଯେଉଁ ସ୍ଥାନ ଦେଇ ଜଳ ନିଷ୍କାସନ ହେଉଥିଲା ଉକ୍ତ ସ୍ଥାନକୁ କିଛି ଲୋକ ଜବରଦଖଲ କରିଛନ୍ତି। ଫଳରେ ଜଳ ନିଷ୍କାସନ ହୋଇ ନପାରି ଜଳବନ୍ଦୀ ସ୍ଥିତି ସୃଷ୍ଟି ହୋଇଛି। ଆମେ ପ୍ରଶାସନ କୁ ଅନୁରୋଧ କରୁଛୁ ଜଳ ନିଷ୍କାସନ ବ୍ୟବସ୍ଥା ସହ ଡ୍ରେନ ନିର୍ମାଣ ହେଉ। ପୁରୀ ଜିଲ୍ଲା କଂଗ୍ରେସ ମୁଖପାତ୍ର ସ୍ୱାଧୀନ ପଣ୍ଡା କହିଛନ୍ତି, ରଥଯାତ୍ରା ରେ ପୁରୀ ସହର ରେ ବିଭିନ୍ନ ସମସ୍ୟା ସମାଧାନ ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଅନୁଦାନ ଦେଲେ। ହେଲେ ରଥଯାତ୍ରା ସମନ୍ୱୟ ବୈଠକ ରେ ସରକାର ପୁରୀ ସହର ର ବୁଦ୍ଧିଜୀବୀଙ୍କୁ ଆଲୋଚୋନା ପାଇଁ ଡାକିଲେନି। କେବଳ ପ୍ରଶାସନର ଚାଟୁକାରିତା କରିଥିବା କିଛି ତଥା କଥିତ ଲୋକଙ୍କୁ ବୈଠକକୁ ଡକାଗଲା। ଫଳରେ ପ୍ରକୃତ ସମସ୍ୟା ଓ ଏହାର ସମାଧାନ ନେଇ କୌଣସି ଆଲୋଚୋନା ହେଲା ନାହିଁ। ଫଳରେ ରଥଯାତ୍ରାରେ ବର୍ଷା ଯୋଗୁଁ ପୁରୀ ସହର ସମ୍ପୂର୍ଣ୍ଣ ବେହାଲ ହୋଇଯାଇଥିଲା। ବଡଦାଣ୍ଡ, ସମୁଦ୍ର କୂଳ, ବିଭିନ୍ନ ସାହି, ତଳିଆ ଅଞ୍ଚଳରେ ଜଳ ବନ୍ଦୀ ସ୍ଥିତି ସୃଷ୍ଟି ହୋଇଥିଲା। ସମ୍ପୂର୍ଣ୍ଣ ରଥଯାତ୍ରାରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଥିଲା। ରଥଯାତ୍ରାର ଯଥେଷ୍ଟ ପୂର୍ବରୁ ପୁରୀ ମହାନଗର ନିଗମ ର ଜଣେ ବଡ଼ ପଦାଧିକାରୀ ଆସିଲେ। ହେଲେ ତାଙ୍କର କାର୍ଯ୍ୟଦକ୍ଷତା ଆମେ ଦେଖିପାରିଲୁ ନାହିଁ। କେବଳ ଗରିବ ଉଠା ଦୋକାନୀଙ୍କୁ ଉଚ୍ଛେଦ ଛଡା ଆଉ କୌଣସି କାର୍ଯ୍ୟ ଉପରେ କମିଶନର ଦୃଷ୍ଟି ଦେଲେ ନାହିଁ। ନଳା ସଫେଇ ନେଇ ବାରମ୍ବାର ଅଭିଯୋଗ କରାଗଲେ ମଧ୍ୟ କେହି ଅଭିଯୋଗକୁ ଗୁରୁତ୍ୱ ଦେଉ ନଥିବା ଉଠା ଦୋକାନ ମହଲରେ ଅଭିଯୋଗ ହେଉଛି।

# ଜଣେ ଛାତ୍ରୀକୁ ଦୁଇଜଣ ଶିକ୍ଷକ, ବିଚିତ୍ର ଶିକ୍ଷା ବ୍ୟବସ୍ଥା

ରାୟଗଡା:୪/୮(ନି:ପ୍ର)ବିଚିତ୍ର ଶିକ୍ଷା ବ୍ୟବସ୍ଥା। ଶ୍ରେଣୀରେ ଜଣେ ମାତ୍ର ଛାତ୍ରୀ। କିନ୍ତୁ ଦୁଇଜଣ ଶିକ୍ଷକ। ଏଭଳି ଏକ ଆଶ୍ଚର୍ଯ୍ୟଜନକ ଚିତ୍ର ଦେଖିବାକୁ ମିଳିଛି ରାୟଗଡା ଜିଲ୍ଲା ଶେଷଖାଲ ପଞ୍ଚାୟତ ସ୍ଥିତ ଲୁମ୍ବେଶୁ ପ୍ରାଥମିକ ବିଦ୍ୟାଳୟରେ। ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ବ୍ୟବସ୍ଥା ରହିଥିବା ବେଳେ ୧୨ ଜଣ ଛାତ୍ର ଛାତ୍ରୀ ନାମ ଲେଖାଇଛନ୍ତି।

ଏହିକଥା ଶିକ୍ଷା ମଣ୍ଡଳ ସଂଯୋଜକଙ୍କ ନିକଟରୁ ଜଣାପଡିଛି। ସେଥି ମଧ୍ୟରୁ ଜଣେ ମାତ୍ର ଛାତ୍ରୀ ପାଠ ପଢ଼ିବା ପାଇଁ ଆସୁଛନ୍ତି ବୋଲି କହିଥିବା ବେଳେ ଅନ୍ୟମାନେ ବିଦ୍ୟାଳୟକୁ ଆସୁନାହାନ୍ତି। ଅପରପକ୍ଷେ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ କହିଛନ୍ତି ଯେ, ୧୮। ଜଣ ଛାତ୍ର ନାମ ଲେଖାଇଛନ୍ତି, କିନ୍ତୁ ପାହାଡ଼ ତଳେ ସ୍କୁଲ ଥିବାରୁ, ପାହାଡ଼ ନିକଟକୁ ପାଠ ପଢ଼ିବା ପାଇଁ ଯିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଏଠାରେ ପ୍ରକାଶଯୋଗ୍ୟଯେ, ପାହାଡ଼ ପାଦଦେଶରେ ଥିବା ଉକ୍ତ ବିଦ୍ୟାଳୟକୁ କେଶଡା ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ସମିଶ୍ରଣ କରାଯାଇଥିଲା।

ତେଣୁ ଏହି ଗ୍ରାମର ଅନେକ ଛାତ୍ର ଛାତ୍ରୀ ମଙ୍ଗଳ ବିଭାଗ ବିଦ୍ୟାଳୟରେ ପାଠପଢୁଛନ୍ତି। କେବଳ ଲୁଂମ୍ବେଶୁ ପ୍ରାଥମିକ ବିଦ୍ୟାଳୟରେ ନୁହେଁ ସୀମାନ୍ତରେ ଅବସ୍ଥିତ କେରଡା ପଞ୍ଚାୟତ ଅନ୍ତର୍ଗତ ବୋରହାଲୁଆ ପ୍ରାଥମିକ ବିଦ୍ୟାଳୟରେ ସମୁଦାୟ ୧୩ ଜଣ, ଝୁଂଜାମଣି ପ୍ରାଥମିକ ବିଦ୍ୟାଳୟରେ ୯ ଜଣ ଓ ସେହିପରି ମିଟି କେରଡା ପ୍ରାଥମିକ ବିଦ୍ୟାଳୟରେ ୧୧ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଛାତ୍ରଛାତ୍ରୀ ସଂଖ୍ୟା ଉଣା ରହିଥିଲେ ମଧ୍ୟ ଦୁଇଟି ଲେଖାଏଁ ଶିକ୍ଷକଙ୍କୁ ନିଯୁକ୍ତି ମିଳିଛି ।

## ୫ ମାସ ହେଲା ବୃଦ୍ଧା ପାଇନାହାନ୍ତି ଭତ୍ତା

ରାୟଗଡା,୪ ।୮ (ନିପ୍ର): ୫ ମାସ ହେଲା ବୃଦ୍ଧା ରୋଗୀ ପାଇନାହାନ୍ତି ଭତ୍ତା ଟଙ୍କା। ଔଷଧ କିଣିବାକୁ ନାହିଁ ପଇସା ନଥିବା ସୋମନେ ଅଭିଯୋଗ କରିଛନ୍ତି। ଏହାର ବିକଳ୍ପ ବ୍ୟବସ୍ଥା କଣ ଆଉ କିଛି ନାହିଁ କି ବୋଲି ପ୍ରଶ୍ନ କରିଛନ୍ତି ଭତ୍ତାରୁ ବଞ୍ଚିତ ଅନେକ ବୃଦ୍ଧ ବୃଦ୍ଧା। ଦୀର୍ଘ ୫ ମାସ ହେଲା ଜଣେ ବୃଦ୍ଧା ପୀଡିତା ପାଇନାହାନ୍ତି ବାର୍ଦ୍ଧକ୍ୟ ଭତ୍ତା। ଔଷଧ କିଣିବା ପାଇଁ ପାଖରେ ପଇସା ନାହିଁ। ଦଶ ଦିଗ ଅନ୍ଧାର ଦିଶୁଛି।

ପୀଡିତା ବୃଦ୍ଧା ଜଣକ ହେଲେ ରାୟଗଡା ଜିଲ୍ଲା ଅନ୍ତର୍ଗତ ଶେଷଖାଲ ପଞ୍ଚାୟତର କେସେଡା ଗ୍ରାମର। ସେ ସରକାରୀ ଚିକିତ୍ସା ବଦଳରେ ବେସରକାରୀ ଚିକିତ୍ସା ପାଇଁ ରହିଛି ଅର୍ଥାଭାବ। କଣ କରି ପାରିବେ ଏହି ପରିଣତ ବୟସରେ। ପଡିରହିଛନ୍ତି ଖଟିଆରେ। ଉକ୍ତ ବୃଦ୍ଧାଜଣକ ରକ୍ତଚାପ ଜନିତ ରୋଗରେ ପୀଡ଼ିତ ହୋଇ ଔଷଧ କିଣି ଖାଉଥିବା କହିଛନ୍ତି। ବୟସର ଅପରାହ୍ନରେ ଏହି ଭତ୍ତା ଟଙ୍କା ଅନେକ କାମରେ ଲାଗୁଥିଲା।ସାହାରା ବନିଥିଲା। ସରକାର ଭତ୍ତା ଟଙ୍କା ବନ୍ଦ କରିଦେବାରୁ ଅନେକ ଦୁଃଖରେ କାଳ କାଟୁଛନ୍ତି ବୃଦ୍ଧା ସମେତ ଅନେକ ହିତାଧିକାରୀ। ବ୍ୟାଙ୍କକୁ ଦୌଡ଼ି ଦୌଡ଼ି ନିରାଶ। ତଥାପି ମିଳୁନି ଭତ୍ତା ଟଙ୍କା।, ଏକଥା କହିଛନ୍ତି ଜଣେ ସରପଞ୍ଚ । ଅନ୍ୟ କେତକ ହିତାଧିକାରୀ କହିଛନ୍ତି କଣ ଏହାର ଅନ୍ୟ କିଛି ବିକଳ୍ପ ପନ୍ଥା ସରକାରଙ୍କ ପାଖରେ ନାହିଁ। ଏବିଷୟରେ ରାୟଗଡା ବିଧାୟକ କହିଛନ୍ତି ଯେ, ସରକାର ହିତାଧିକାରୀ କିପରି ଭାବେ ପ୍ରତି ମାସରେ ଭତ୍ତା ଟଙ୍କା ପାଇବେ ସେ କଥା ବୁଝିବା ଆବଶ୍ୟକ। ଏଥିପାଇଁ ସରକାର ଘରକୁ ଘର ଯାଇ ସେମାନଙ୍କ ଅସୁବିଧା କଥା ବୁଝିବା ଦରକାର।କାରଣ ସେମାନେ ବୟସାଧିକ୍ୟ ଯୋଗୁଁ ଅତିଶୟ ଦୁର୍ବଳ, ପୁଣି ଅଧିକାଂଶ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ। ତେଣୁ ତାଙ୍କ ଘର ଘରକୁ ଲୋକ ସହ ଆଇଟି କାର୍ଯ୍ୟ ଜାଣିଥିବା ବ୍ୟକ୍ତିଙ୍କୁ ପଠାଇ ଘର ପାଖରେ ଏହାର ସମାଧାନ କରିବା ଆବଶ୍ୟକ।

## ବନ୍ୟା ଅଞ୍ଚଳରେ ସହାୟତା ନିମନ୍ତେ ପ୍ରଶାସନ ପକ୍ଷରୁ ପଦକ୍ଷେପ

ଯାଜପୁର,୪ ।୮ (ନିପ୍ର): ଯାଜପୁର ଜିଲ୍ଲାରେ ସାମ୍ପ୍ରତିକ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସହାୟତା ଓ ରିଲିଫ୍ କାର୍ଯ୍ୟ ଜାରି ରହିଛି। ଜିଲ୍ଲାପାଳ ଅମ୍ବର କୁମାର କର ବଡ଼ଚଣା ବ୍ଲକ ଗସ୍ତ କରି ରିଲିଫ, ଉଦ୍ଧାର କାର୍ଯ୍ୟ ଓ କ୍ଷୟକ୍ଷତି ଆକଳନ ନିମନ୍ତେ ବିଭାଗୀୟ ଅଧିକାରୀ ଙ୍କ ସହିତ ସମୀକ୍ଷା କରିଛନ୍ତ।

ଏହି ବୈଠକରେ ବଡ଼ଚଣା ବିଧାୟକ ଅମର କୁମାର ନାୟକ , ବ୍ଲକ ଅଧକ୍ଷା ମିନତି ସେନାପତି ଯୋଗଦେଇ ବନ୍ୟା ଜନିତ କ୍ଷୟକ୍ଷତି ର ସଠିକ ଆକଳନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଅତିରିକ୍ତ ଉପଜିଲ୍ଲାପାଳ ପଲ୍ଲବୀ ରାଣୀ ରାଜ, ବିଡ଼ିଓ, ତହସିଲଦାର ଉପସ୍ଥିତ ଥିଲେ। ଜିଲ୍ଲା ଜରୁରୀକାଳୀନ ବିଭାଗର ସୂଚନା ଅନୁଯାୟୀ, ଜିଲ୍ଲାର ୮ଟି ବ୍ଲକ୍ (ଯାଜପୁର, କୋରେଇ, ଦଶରଥପୁର, ବିଞ୍ଝାରପୁର, ବରୀ, ରସୁଲପୁର, ଧର୍ମଶାଳା ଓ ବଡ଼ଚଣା) ଏବଂ ଯାଜପୁର ପୌରାଞ୍ଚଳର ୧୧୭ଟି ଗ୍ରାମ ପଞ୍ଚାୟତ ଅଧୀନସ୍ଥ ୪୦୩ଟି ଗ୍ରାମର ପ୍ରାୟ ୩,୯୭,୬୭୮ ଜଣ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ବନ୍ୟା ପୀଡ଼ିତଙ୍କ ଖାଦ୍ୟପେୟ ପାଇଁ ୨୦୫ଟି ମାଗଣା ରନ୍ଧାଖାଦ୍ୟ କେନ୍ଦ୍ର ଖୋଲାଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୧୫ଟି କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି। ଜରୁରୀକାଳୀନ ସହାୟତା ସ୍ୱରୂପ ପ୍ରଶାସନ ପକ୍ଷରୁ ବ୍ୟାପକ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଛି । ଏହାବସହ ବନ୍ୟାଞ୍ଚଳରେ ସ୍ୱାସ୍ଥ୍ୟ ଓ ପ୍ରାଣୀସେବା ଯୋଗାଇଦେବା ପାଇଁ ୧୪ଟି ମେଡିକାଲ୍ ଟିମ୍ ଏବଂ ୮ଟି ଭେଟେରିନାରୀ ଟିମ୍‌କୁ ମୁତୟନ କରାଯାଇଛି। କ୍ଷତିଗ୍ରସ୍ତ ହୋଇଥିବା ଘର ଗୁଡ଼ିକର ଚୂଡ଼ାନ୍ତ ଆକଳନ ପ୍ରକ୍ରିୟା ବର୍ତ୍ତମାନ ଜାରି ରହିଛି। ଅପରପକ୍ଷରେ, ବନ୍ୟା ଯୋଗୁଁ ୩୫ଟି ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି, ୬ଟି ସ୍ଥାନରେ ଘାଇ ସୃଷ୍ଟି ହୋଇଛି ଏବଂ ୧୧ଟି ରାସ୍ତା ଓ ୩ଟି ପୋଲଖୁଣ୍ଟ କ୍ଷତିଗ୍ରସ୍ତ ହୋଇଛି। ଜାରକା ଜଳ ସେଚନ ବିଭାଗ ଅନୁଯାୟୀ, ୨୦ଟି ସ୍ଥାନରେ ଘାଇ ବିପଦ ସୃଷ୍ଟି ହୋଇଥିବା ବେଳେ ୧୦ଟି ନଦୀବନ୍ଧ ଉପରେ ପାଣି ପ୍ରବାହିତ ହୋଇଛି। ବନ୍ୟାଜଳ ହ୍ରାସ ପାଇବା କ୍ଷଣି ପୁନରୁଦ୍ଧାର ଓ ମରାମତି କାର୍ଯ୍ୟ ଆରମ୍ଭ କରାଯିବ।

## ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ ସହ ବିଭାଗୀୟ ସମୀକ୍ଷା କଲେ ବିଧାୟକ

ବୌଦ୍ଧ,୪ ।୮ (ନିପ୍ର): ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଆଜି ବୌଦ୍ଧ ଜିଲ୍ଲାର ହରଭଙ୍ଗା ବ୍ଲକର ବନ୍ୟା ପ୍ରଭାବିତ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ପରିସ୍ଥିତିର ଅନୁଧ୍ୟାନ କରିବା ସହ ବନ୍ୟାଜନିତ କ୍ଷୟକ୍ଷତି ନେଇ ବିଭାଗୀୟ ସମୀକ୍ଷା କରିଥିଲେ। ଗତ ପ୍ରାୟ ଏକ ସପ୍ତାହ ଧରି ମହାନଦୀରେ ବନ୍ୟାଜଳ ପ୍ରବାହିତ ହେବା ଫଳରେ ହରଭଙ୍ଗା ବ୍ଲକର କୁମାରୀ, କୁଶାସିଙ୍ଗା, କୁଡ଼ାସିଙ୍ଗା, ଖଣ୍ଡିଧଳପୁର, ପାଣିଘରା ସମେତ ବିଭିନ୍ନ ଗ୍ରାମ ବନ୍ୟା ଜଳ ଦ୍ୱାରା ପ୍ରଭାବିତ ହୋଇଥିଲା। ବହୁ ଚାଷଜମିରେ ବନ୍ୟା ପାଣି ଜମି ରହିବା ଫଳରେ ଧାନ ଓ ପନିପରିବା ଚାଷ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ବର୍ତ୍ତମାନ ମହାନଦୀର ଜଳସ୍ତର ହ୍ରାସ ପାଇ ବିପଦ କଟିଯାଇଥିଲେ ମଧ୍ୟ ବନ୍ୟା ପ୍ରଭାବିତ ଲୋକଙ୍କ ଦୁର୍ଦ୍ଦଶା ଏବଂ କ୍ଷୟକ୍ଷତି ଲାଗି ରହିଛି। ପରିଦର୍ଶନ ସମୟରେ ବିଧାୟକଙ୍କ ସହ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପଜିଲ୍ଲାପାଳ ବିନୟ କୁମାର ଭୋଇ,ହରଭଙ୍ଗା ତହସିଲଦାର କର୍ଣ୍ଣ ସୁନା, ଡେପୁଟି କଲେକ୍ଟର ଜ୍ୟୋତି ରଞ୍ଜନ ଭୁଏ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ବନ୍ୟା ପ୍ରଭାବିତ ଗ୍ରାମ ବୁଲି ଦେଖିଥିଲେ । ପ୍ରଭାବିତ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ବୁଝିଥିଲେ।ପରବର୍ତ୍ତୀ ସମୟରେ କୁଶଙ୍ଗ ପଞ୍ଚାୟତଠାରେ ବିଭିନ୍ନ ବିଭାଗର ଅଧିକାରୀ ମାନଙ୍କୁ ନେଇ ବନ୍ୟାଜନିତ କ୍ଷୟକ୍ଷତି ଓ ରିଲିଫ୍ ବ୍ୟବସ୍ଥା ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ କୃଷି, ରାଜସ୍ୱ,ଜଳସମ୍ପଦ, ପଞ୍ଚାୟତିରାଜ ଓ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗ ପକ୍ଷରୁ କ୍ଷୟକ୍ଷତିର ପ୍ରାଥମିକ ଆକଳନ ଓ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଧାୟକ ଜିଲ୍ଲାସ୍ତରୀୟ ଏବଂ ବିଭିନ୍ନ ଲାଇନ୍ ବିଭାଗର ଅଧିକାରୀ ମାନଙ୍କୁ ବନ୍ୟା ପ୍ରଭାବିତ ଚାଷୀ ଓ ସାଧାରଣ ଲୋକଙ୍କୁ ସରକାରଙ୍କ ପକ୍ଷରୁ ମିଳୁଥିବା ସମସ୍ତ ସହାୟତା ଓ ସୁବିଧା ତୁରନ୍ତ ପହଞ୍ଚାଇବା ସହ କ୍ଷୟକ୍ଷତିର ସଠିକ୍ ଆକଳନ କରି ଶୀଘ୍ର ରିପୋର୍ଟ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି

ପାରଳାଖେମଣ୍ଡି,୪ ।୮ (ନିପ୍ର):ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାସ୍ତରୀୟ ସଂଯୁକ୍ତ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନଗା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ,ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିରଞ୍ଚି ବାଗ,ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା ଅଭିଯୋଗ ଶୁଣାଣି କରିଥିଲେ। ଆଜିର ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିରରେ ମୋଟ- ୧୫୦ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୧୩୪ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା - ୧୬ ଗୋଟି ଅଭିଯୋଗ ଆସିଥିଲା । ସେଥିମଧ୍ୟରୁ ତିନି ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୭୦ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ୨ ଜଣ ଦିବ୍ୟଙ୍ଗ ଛାତ୍ରୀଙ୍କୁ ଉଚ୍ଚ ଶିକ୍ଷା ନିମନ୍ତେ ଲାପଟପ୍ ପ୍ରଦାନ କରିଛନ୍ତି। ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା,ଜମି ପଟ୍ଟା, ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣିରେ ଗୋଷାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ



ଗୋର ଚନ୍ଦ୍ର ପଟ୍ଟନାୟକ ,ସ୍ଥାନୀୟ ତହସିଲଦାର ନାରାୟଣ ବେହେରା ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଏହି ଅଭିଯୋଗ ଶୁଣାଣିରେ ଉପସ୍ଥିତ ଥିଲେ।

# ପ୍ରଳୟଙ୍କରୀ ବନ୍ୟାରେ ଧୋଇଗଲା କଂକ୍ରିଟ ରାସ୍ତା

ଧାମନଗର,୪ ।୮ (ନିପ୍ର):ଚଳିତ ପ୍ରଳୟଙ୍କରୀ ବନ୍ୟାର ପାଞ୍ଚ ଦିନ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ ଧାମନଗର ବ୍ଲକର ବିଭିନ୍ନ ଅଞ୍ଚଳରେ ଏବେବି ଲୋକମାନେ ଦୁର୍ଦ୍ଦଶା ଭୋଗୁଛନ୍ତି। ବିଶେଷକରି ଧାମନଗର ବ୍ଲକ ଅନ୍ତର୍ଗତ ରଇପୁର ଗ୍ରାମ ପଞ୍ଚାୟତର ବାଙ୍କସାହି ଏବଂ ଆରନସାହିର ଲୋକମାନେ ଏବେ ମଧ୍ୟ ଜଳବନ୍ଦୀ ଅବସ୍ଥାରେ ରହି ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ବନ୍ୟା ଜଳ କମିଥିଲେ ହେଁ ତଳିଆ ଅଞ୍ଚଳରେ ଲୋକମାନେ ନାନାଦି ହଇରାଣ ହେଉଛନ୍ତି। ଚାଷ ଜମିରୁ ବନ୍ୟା ପାଣି ସମ୍ପୂର୍ଣ୍ଣ ଶୁଖି ନଥିବାରୁ ରୁଆ ଧାନ ଓ ଧାନ ତଳି ପଚି ନଷ୍ଟ ହୋଇଗଲାଣି, ଯାହାକି ଚାଷୀକୁଳକୁ ଗଭୀର ଚିନ୍ତାରେ ପକାଇଛି। ଏହି ବନ୍ୟାରେ ରାସ୍ତାଘାଟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ଅନେକ ସ୍ଥାନରେ ରାସ୍ତାରେ ବଡ଼ ବଡ଼ ଘାଇ ସୃଷ୍ଟି ହୋଇ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ସବୁଠାରୁ ବଡକଥା ହେଲା ରାସ୍ତାର ସୁରକ୍ଷା ଦୃଷ୍ଟି ରୁ କଂକ୍ରିଟ ରାସ୍ତା ନିର୍ମାଣ କରା ଯାଉଥିବା ବେଳେ ତାହା ଏତେ ନିମ୍ନ ମାନର କାର୍ଯ୍ୟ ହେଉଚି ଯେ ତାହା ବନ୍ୟାଜଳରେ ଭାସି ଯାଉଛି।



ଏପରି ଘଟଣା ଧାମନଗର ବ୍ଲକ କରଦା ପଞ୍ଚାୟତ ରେ ଦେଖିବାକୁ ମିଳିଛି।କରଦା - ସୃଜାଣସିଂହପୁର ପ୍ରଧାନମନ୍ତ୍ରୀ ସଡକ ଯୋଜନା ରାସ୍ତା ର ଭାଟିଆ ପୋଲ ନିକଟ ରାସ୍ତାରେ ପ୍ରାୟ ୪୦ ଫୁଟ ରେ କଂକ୍ରିଟ ରାସ୍ତା ନଷ୍ଟ ହୋଇ ଥିବାର ଦେଖିବାକୁ ମିଳିଛି।

ବନ୍ୟା ଜଳ ରେ ନିର୍ମାଣ ହୋଇ ଥିବା କଂକ୍ରିଟ ଭାସି ଯାଇଛି।କିଛି ମାସ ପୂର୍ବେ ଉକ୍ତ ରାସ୍ତା ମରାମତି କରାଯାଇ ଥିବାବେଳେ ଏବେ ବନ୍ୟାରେ ଉକ୍ତ ରାସ୍ତା ଭାସି ଯିବାରୁ ଲୋକମାନେ ଯାତାୟାତରେ ଲୋକ ମାନେ ହଇରାଣ ହେଉଛନ୍ତି।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସମ୍ବଲପୁରୀ ହାତବୁଣା ବସ୍ତ୍ର ପରିଧାନ

ବୌଦ୍ଧ,୪ ।୮ (ନିପ୍ର); ସମ୍ବଲପୁରୀ ଦିନ୍ ପାଳନ ଅବସରରେ ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ଓ ଆକର୍ଷଣୀୟ ପରିବେଶ ସୃଷ୍ଟି ହୋଇଥିଲା। ଯାହା ଖୁବ୍ ଚମତ୍କାର ଓ ପ୍ରେରଣାଦାୟକ ଥିଲା। ହସ୍ତତନ୍ତ ଶିଳ୍ପର ସଂରକ୍ଷଣ, ପ୍ରସାର ଏବଂ ସ୍ଥାନୀୟ ବୁଣାକାର ମାନଙ୍କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ପ୍ରେରଣାରେ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ସମ୍ବଲପୁରୀ ହାତବୁଣା ବସ୍ତ୍ର ପରିଧାନ କରି କାର୍ଯ୍ୟାଳୟରେ ଉପସ୍ଥିତ ହୋଇଥିଲେ।ଏହି ଅବସରରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଉପଜିଲ୍ଲାପାଳ ବିନୟ କୁମାର ଭୋଇଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ପ୍ରଶାସନିକ ଅଧିକାରୀ, ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ସମ୍ବଲପୁରୀ ବେଶଭୂଷାରେ ସଜ୍ଜିତ ହୋଇ କାର୍ଯ୍ୟାଳୟର ଶୋଭା ବର୍ଦ୍ଧନ କରିଥିଲେ।

ସମ୍ବଲପୁରୀ ପରମ୍ପରା ଓ ଐତିହ୍ୟର ଝଲକ ସମଗ୍ର ପରିବେଶକୁ ଉତ୍ସବମୁଖର କରିଦେଇଥିଲା। ପରବର୍ତ୍ତୀ ସମୟରେ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ଏକ ସାମୂହିକ ଫଟୋ ସେସନ୍ ଆୟୋଜିତ ହୋଇଥିଲା। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ନାୟକ ସମ୍ବଲପୁରୀ ହାତବୁଣା ବସ୍ତ୍ରର ବ୍ୟବହାରକୁ ଦୈନନ୍ଦିନ ଜୀବନରେ ଅଧିକ ପ୍ରାଧାନ୍ୟ ଦେବା ପାଇଁ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ। ସେ କହିଥିଲେ ଯେ, ସ୍ଥାନୀୟ ହସ୍ତତନ୍ତ ଉତ୍ପାଦର ବ୍ୟବହାର ବୃଦ୍ଧି ପାଇଲେ ବୁଣାକାର ସମ୍ପ୍ରଦାୟ ଆର୍ଥିକ ଭାବେ ସଶକ୍ତ ହେବା ସହ ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ପରମ୍ପରାର ସଂରକ୍ଷଣ ଓ ପ୍ରସାର ଆହୁରି ସୁଦୃଢ଼ ହେବ।

## ବେଆଇନ ବାଲି ଚୋରି ଅଭିଯୋଗରେ ୧୦ହାଇଓ୍ୱା ଜବତ

ରାଉରକେଲା, ୪/୮ (ନିପ୍ର): ବେଆଇନ ଭାବେ ଜବତ ବାଲିକୁ ଚୋରି ଓ ପରିବହନ ଅଭିଯୋଗରେ ଖଣି ଏବଂ ରାଜସ୍ୱ ବିଭାଗ ପକ୍ଷରୁ ଏକ ବଡ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ବାଲି ବୋଝେଇ ୧୦ଟି ହାଇଓ୍ୱା ଟ୍ରକକୁ ଜବତ କରାଯାଇଛି। ସରକାରୀ ସୂତ୍ର ଅନୁଯାୟୀ, ଖଣି ଓ ରାଜସ୍ୱ ବିଭାଗ ଦ୍ୱାରା କିଛି ଦିନ ପୂର୍ବରୁ ସଲଙ୍ଗାବାହାଲରୁ ବିପୁଳ ପରିମାଣର ବେଆଇନ ଗଚ୍ଛିତ ବାଲି ଜବତ କରାଯାଇଥିଲା। ସୋମବାର ରାତିରେ, ଜବତ ବାଲିକୁ ଏକ ସନ୍ଦିଗ୍ଧ ବାଲି ମାଫିଆଙ୍କ ସଦସ୍ୟମାନେ ଉଠାଇ ଅନ୍ୟ ସ୍ଥାନକୁ ଚାଲାଣ କରୁଥିବା ଅଭିଯୋଗ ହେବା ପରେ ଏହାର ସୂଚନା ପାଇ, ରାଇବୋଗା ପୋଲିସ ସହିତ ଖଣି ଏବଂ ରାଜସ୍ୱ ବିଭାଗର ଅଧିକାରୀମାନଙ୍କୁ ନେଇ ଗଠିତ ଏକ ମିଳିତ ଦଳ ଚଢାଉ କରି ଟ୍ରକଗୁଡ଼ିକୁ ଅଟକାଇଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ବାଲି ବଣାଇଁ ଅଞ୍ଚଳକୁ ପରିବହନ କରାଯାଉଥିଲା। ସମ୍ପୃକ୍ତ ଲୋକଙ୍କୁ ଚିହ୍ନଟ କରିବା ପାଇଁ କର୍ତ୍ତୃପକ୍ଷ ଘଟଣାର ବିସ୍ତୃତ ତଦନ୍ତ ଆରମ୍ଭ କରିଛନ୍ତି। ଅଧିକାରୀମାନେ କହିଛନ୍ତି ଯେ ସୁନ୍ଦରଗଡ଼ ଜିଲ୍ଲାରେ ବେଆଇନ ବାଲି ଖନନ ଏବଂ ପରିବହନ କାର୍ଯ୍ୟକଳାପ ଚିନ୍ତାର ବିଷୟ ହୋଇ ରହିଥିବାରୁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେଇ କାର୍ଯ୍ୟାନୁଷ୍ଠାନକୁ ତୀବ୍ର କରାଯାଇଛି।

## କେସିଙ୍ଗା ସହର ଓ ଆଖପାଖ ଅଞ୍ଚଳରେ ଚୋରି

କେସିଙ୍ଗା,୪ ।୮ (ନିପ୍ର): କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହର ଓ ଆଖପାଖ ଅଞ୍ଚଳରେ ଦିନକୁ ଦିନ ଚୋରି, ଲୁଟ ଓ ଅପରାଧିକ ଘଟଣା ବୃଦ୍ଧି ପାଉଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସୁରକ୍ଷାର ଭାବନା ବଢ଼ିବାରେ ଲାଗିଛି। ଏହାରି ମଧ୍ୟରେ କେସିଙ୍ଗା ବ୍ଲକ ଅନ୍ତର୍ଗତ ତୁର୍ଲାଖମନ ଗ୍ରାମର ଜଣେ ବ୍ୟକ୍ତିଙ୍କ ବାଇକ ଚୋରି ଘଟଣା ସାମ୍ନାକୁ ଆସିଛି। ସୂଚନା ଅନୁଯାୟୀ, ତୁର୍ଲାଖମନ ଗ୍ରାମର ନରହରି ସାହା ଗତ ଶନିବାର ସକାଳେ ନିଜର ହିରୋ ମୋଟରସାଇକେଲ ଯୋଗେ ତୁଣ୍ଡଲା ସାପ୍ତାହିକ ବଜାରକୁ ସଉଦାପତ୍ର କିଣିବା ପାଇଁ ଯାଇଥିଲେ। ବଜାର ନିକଟରେ ବାଇକକୁ ପାର୍କିଂ କରି ସେ କିଣାକିଣି କରିବାକୁ ଯାଇଥିଲେ। କିଛି ସମୟ ପରେ ଫେରି ଆସି ଦେଖିବାବେଳେ ବାଇକଟି ସେଠାରେ ନଥିଲା। ସେ ବଜାର ପରିସରରେ ବହୁ ସମୟ ଧରି ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇନଥିଲେ। ପରେ ନରହରି ସାହା କେସିଙ୍ଗା ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗକୁ ଗ୍ରହଣ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି। ବଜାର ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ ସହିତ ସନ୍ଦିଗ୍ଧ ବ୍ୟକ୍ତିଙ୍କ ସମ୍ପର୍କରେ ଖୋଳତାଡ଼ କରାଯାଉଛି ବୋଲି ଜଣାପଡ଼ିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ତୁଣ୍ଡଲା ବଜାର ଓ କେସିଙ୍ଗା ସହରରେ ବାଇକ ଚୋରି ଘଟଣା ବଢୁଥିବାରୁ ସାଧାରଣ ଲୋକ ଚିନ୍ତାରେ ଅଛନ୍ତି। ବଜାର ଦିନରେ ପୁଲିସ ପାଟ୍ରୋଲିଂ ବଢ଼ାଇବା, ପାର୍କିଂ ସ୍ଥାନରେ କଡ଼ା ନଜରଦାରି ରଖିବା ଓ ଚୋରଙ୍କୁ ଶୀଘ୍ର ଗିରଫ କରିବା ପାଇଁ ସ୍ଥାନୀୟ ବାସିନ୍ଦାମାନେ ଦାବି କରିଛନ୍ତି। ବଜାରକୁ ଆସୁଥିବା ଲୋକମାନେ ମଧ୍ୟ ନିଜ ଯାନବାହନକୁ ସୁରକ୍ଷିତ ସ୍ଥାନରେ ରଖିବା ସହ ଲକ୍ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ବର୍ତ୍ତମାନ ପୁଲିସର ତଦନ୍ତ ଜାରି ରହିଛି। ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କୁ ଶୀଘ୍ର ଧରାଯିବ ଏବଂ ଚୋରି ହୋଇଥିବା ବାଇକ ଉଦ୍ଧାର ହେବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ ।

## ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମୃତ୍ୟୁକାଳୀନ ଅର୍ଥରାଶୀ ହଡ଼ପ ଅଭିଯୋଗ

ରାୟଗଡା,୪ ।୮ (ନିପ୍ର): ରାୟଗଡା ଜିଲ୍ଲା କାଶୀପୁର ବ୍ଲକ ଅନ୍ତର୍ଗତ ବଡ଼ମାରିଭଟା, ଗ୍ରାମର ସସ୍ମିତା ନାଏକ ପିତା:ସ୍ୱର୍ଗତ ସୋମନାଥ ନାୟକ, ରାୟଗଡା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ସାକ୍ଷାତ କରି ଏକ ଲିଖିତ ଅଭିଯୋଗ କରି ଦର୍ଶାଇଛନ୍ତି। ଯେ,ତାଙ୍କ ଭଉଣୀ ୨୦୨୨ ମସିହା ଜୁନ ୧୨ ତାରିଖରେ ଏକ ଗଛରୁ ପଡ଼ିଯିବାରୁ ତାର ମୃତ୍ୟୁ ହୋଇଯାଇଥିଲା। ସେହି ମୃତ୍ୟୁକାଳୀନ ଅର୍ଥ ରାଶି ପ୍ରଦାନ କରିବା ପାଇଁ କାଶୀପୁର ସମ୍ପ୍ରସାରଣ ଅଧିକାରୀ ଦୁଇଟି କିସ୍ତିରେ ବା ଦୁଇଥରରେ ୨୦ ହଜାର,୨୦ ହଜାର କରି ସମୁଦାୟ ୪୦ ହଜାର ଟଙ୍କା ନେଇଥିଲେ। ସେ ୨୦୨୫ ମସିହା ମେ ୨୦ ତାରିଖରେ ୨୦ ହଜାର ଟଙ୍କା ଏବଂ ନଭେମ୍ବର ୧୪ ତାରିଖରେ ଆଉ ୨୦ ହଜାର ଟଙ୍କା, ଏହିପରିଭାବେ ଦୁଇଥରରେ ୪୦ ହଜାର ଟଙ୍କା ମୃତ୍ୟୁକାଳୀନ ଅର୍ଥରାଶି ବାବଦକୁ ନେଇଛନ୍ତି। ସସ୍ମିତା ଆହୁରୀ ମଧ୍ୟ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ,ମୃତ୍ୟୁକାଳୀନ ଅର୍ଥରାଶି ମିଳିନଥିବା ବେଳେ ମଙ୍ଗଳ ସାମ୍ପ୍ରସାରଣ ଅଧିକାରୀଙ୍କ ୨୦୨୬ ଜୁନ ୩୦ ରେ ବଦଳି ହୋଇଯାଇଛି। ଏଣୁ ମଂଗଳ ସମ୍ପ୍ରସାରଣ ଅଧିକାରୀ ନେଇଥିବା ୪୦ ହଜାର ଟଙ୍କା ସହ ମୃତ୍ୟୁକାଳୀନ ଅର୍ଥରାଶି ପ୍ରଦାନ ପାଇଁ ଜିଲ୍ଲାପାଳଙ୍କ ନିକଟରେ ନିବେଦନ କରିଥିବା କହିଥିଲେ।

## ସ୍ୱାଧୀନତା ଦିବସ ପ୍ରସ୍ତୁତି

ପୁରୀ,୪ ।୮ (ନିପ୍ର): ପୁରୀ ଜିଲ୍ଲାସ୍ତରୀୟ ୮୦ ତମ ସ୍ୱାଧୀନତା ଦିବସ ପାଳନ ନିମିତ୍ତ ଏକ ପ୍ରସ୍ତୁତି ବୈଠକ ଆଜି ପୂର୍ବାହ୍ନରେ ସର୍କିଟ ହାଉସଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଅଧକ୍ଷତା କରିବା ସହ ଏହି ଜାତୀୟ ଦିବସ କୁ ଆନନ୍ଦ,ଉଲ୍ଲାସ ଓ ଶୃଙ୍ଖଳାର ସହ ପାଳନ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରତ୍ୟେକ ବିଭାଗ ସେମାନଙ୍କ ଦାୟିତ୍ୱ ସୁଚାରୁରୂପେ ନିର୍ବାହ ପାଇଁ ସେ ପରାମର୍ଶ ଦେଇଥିଲେ। ପରେ ବିସ୍ତୃତ ଆଲୋଚନା ପରେ ସ୍ଥିର ହେଲା ଯେ ତାଳବଣିଆ ସ୍ଥିତ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ସ୍ୱାଧୀନତା ଦିବସର ମୁଖ୍ୟ ଅତିଥି ପୂର୍ବାହ୍ନ ୯ ଘଟିକା ସମୟରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ପ୍ୟାରେଡ଼ ରେ ଅଭିବାଦନ ଗ୍ରହଣ ଓ ଉଦ୍‌ବୋଧନ ପ୍ରଦାନ କରିବେ।

# ବାର୍ କାଉନସିଲ ପୁରୁଷ କ୍ଲବରେ ପରିଣତ ହୋଇଛି: ସୁପ୍ରିମକୋର୍ଟ

## ମହିଳା ପ୍ରତିନିଧିତ୍ୱ ଉପରେ ଜୋର୍ ଦେଲେ ପ୍ରଧାନ ବିଚାରପତି



ନୂଆଦିଲ୍ଲୀ,୪।୮: ଦେଶର ବିଭିନ୍ନ ରାଜ୍ୟ ବାର୍ କାଉନସିଲର ମହିଳାଙ୍କ ପ୍ରତିନିଧିତ୍ୱ ବଢ଼ାଇବା ଏବଂ ପୁରୁଷଙ୍କ ଏକଚାଟିଆ ପ୍ରଭାବକୁ ଶେଷ କରିବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ କରିଛନ୍ତି। ରାଜ୍ୟ ବାର୍ କାଉନସିଲ୍ ନିର୍ବାଚନରେ ଅନିୟମିତତା, ଭୋଟ୍ ପଦ୍ଧତି ଏବଂ ମହିଳା ସଦସ୍ୟଙ୍କୁ ମନୋନୀତ କରିବା ସମ୍ପର୍କିତ ଏକାଧିକ ଆବେଦନର ଶୁଣାଣି ବେଳେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଏହି ମନ୍ତବ୍ୟ ଦେଇଛନ୍ତି। ଶୁଣାଣି ସମୟରେ ପ୍ରଧାନ ବିଚାରପତି କହିଥିଲେ, ରାଜ୍ୟ ବାର୍ କାଉନସିଲଗୁଡ଼ିକ ଧୀରେ ଧୀରେ 'ପୁରୁଷଙ୍କ କ୍ଲବ୍'ରେ ପରିଣତ ହୋଇଯାଇଛି। କେତେକ ଲୋକ ଏହାକୁ ନିଜସ୍ୱ ଏକଚାଟିଆ କ୍ଷେତ୍ର ଭଳି ଚଳାଉଛନ୍ତି। ଏଭଳି ଏକାଧିକାର ସମ୍ପୂର୍ଣ୍ଣ ରୂପେ ଭାଙ୍ଗିବା ଦରକାର। ଏହି ମାମଲାରେ ସୁପ୍ରିମକୋର୍ଟ ପ୍ରତ୍ୟେକ ରାଜ୍ୟର ହାଇକୋର୍ଟଙ୍କ ପ୍ରଧାନ ବିଚାରପତିଙ୍କୁ ସମ୍ପୃକ୍ତ ରାଜ୍ୟ ବାର୍ କାଉନସିଲର ଦୁଇଜଣ ମହିଳା ସଦସ୍ୟଙ୍କୁ ସହ-ମନୋନୀତ କରିବା ପାଇଁ ନାମ ସୁପାରିସ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ପୂର୍ବତନ ହାଇକୋର୍ଟ ବିଚାରପତି ହୋଇଥିବା ବେଳେ ଅନ୍ୟଜଣେ ବାରର ସୁନାମ ଅର୍ଜନ କରିଥିବା ବରିଷ୍ଠ ମହିଳା ଓକିଲ ହେବା ଆବଶ୍ୟକ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ଏହାସହ ବାର୍ କାଉନସିଲ୍ ନିର୍ବାଚନରେ ପରାଜିତ ପ୍ରାର୍ଥୀଙ୍କୁ ମଧ୍ୟ ସହ-ମନୋନୀତ ସଦସ୍ୟ ଭାବେ ବିଚାର କରାଯିବାରେ କୌଣସି ବାଧା ନାହିଁ ବୋଲି କୋର୍ଟ କହିଛନ୍ତି।ଏହି ମାମଲାରେ ସ୍ଥାନାନ୍ତରଯୋଗ୍ୟ ଭୋଟ୍ (ଟ୍ରାନ୍ସଫରେବଲ୍ ଭୋଟ୍) ଗଣନା ପଦ୍ଧତି, ବିଶେଷକରି ମହିଳା ପ୍ରାର୍ଥୀଙ୍କ କ୍ଷେତ୍ରରେ ଏହା କିପରି ଲାଗୁ ହେବ, ସେହି ପ୍ରସଙ୍ଗକୁ ନ୍ୟାୟମୂର୍ତ୍ତି ସୁଧାଂଶୁ ଧୂଲିଆଙ୍କ ନେତୃତ୍ୱାଧୀନ ଉଚ୍ଚକ୍ଷମତାସମ୍ପନ୍ନ ତଦାରଖ କମିଟିକୁ ପୁଣିଥରେ ବିଚାର ପାଇଁ ପଠାଯାଇଛି। କମିଟିକୁ ବାର୍ର ସଦସ୍ୟମାନଙ୍କଠାରୁ ପରାମର୍ଶ ମାଗିବା, ସେମାନଙ୍କୁ ମୌଖିକ ଶୁଣାଣିର ସୁଯୋଗ ଦେବା ଏବଂ ତାହାପରେ ନିଜର ସୁପାରିସ ଚୂଡ଼ାନ୍ତ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ବାର୍ କାଉନସିଲ୍ ଅଫ୍ ଇଣ୍ଡିଆ ଓ ବିଭିନ୍ନ ରାଜ୍ୟ ବାର୍ କାଉନ୍ସିଲ୍ର ନିର୍ବାଚନ ତଦାରଖ ଓ ନିର୍ବାଚନ ସମ୍ପର୍କିତ ବିବାଦର ସମାଧାନ ପାଇଁ ସୁପ୍ରିମକୋର୍ଟ ପୂର୍ବରୁ ନ୍ୟାୟମୂର୍ତ୍ତି ସୁଧାଂଶୁ ଧୂଲିଆଙ୍କ ଅଧ୍ୟକ୍ଷତାରେ ଏହି ଉଚ୍ଚକ୍ଷମତାସମ୍ପନ୍ନ କମିଟି ଗଠନ କରିଥିଲେ।

## ଇ-୨୦ ପେଟ୍ରୋଲ ନୀତି ବିରୋଧରେ ଆପର ବିକ୍ଷୋଭ

### ପଦଯାତ୍ରାକୁ ଅଟକାଇଲା ପୋଲିସ



ନୂଆଦିଲ୍ଲୀ,୪।୮: କେନ୍ଦ୍ର ସରକାରଙ୍କ ଇ୨୦ ଇଥାନଲ ମିଶ୍ରିତ ପେଟ୍ରୋଲ ନୀତିର ବଳପୂର୍ବକ ଲାଗୁ ବିରୋଧରେ ଆମ୍ ଆଦମୀ ପାର୍ଟି (ଆପ୍) ଜାତୀୟ ଆବାହକ ଅରବିନ୍ଦ କେଜ୍ରିୱାଲ ଏବଂ ବରିଷ୍ଠ ନେତା ମନୀଷ ସିସୋଦିଆଙ୍କ ନେତୃତ୍ୱରେ ମଙ୍ଗଳବାର ମଧ୍ୟାହ୍ନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାସଭବନ ଅଭିମୁଖେ ଏକ ପଦଯାତ୍ରା ଆରମ୍ଭ କରାଯାଇଥିଲା। ତେବେ ଦିଲ୍ଲୀ ପୁଲିସ ଏବଂ ସୁରକ୍ଷା ବାହିନୀ ପକ୍ଷରୁ ଏହି ପଦଯାତ୍ରାକୁ ପ୍ରଧାନମନ୍ତ୍ରୀଙ୍କ ବାସଭବନକୁ ଯିବା ପୂର୍ବରୁ ହିଁ ଫିରୋଜ ଶାହା ରୋଡ୍ ନିକଟରେ ଅଟକାଇ ଦିଆଯାଇଛି। ପ୍ରଶାସନ ପକ୍ଷରୁ ଅନୁମତି ପ୍ରତ୍ୟାଖ୍ୟାନ କରାଯିବା ଏବଂ ବାଟରେ ଅଟକାଯିବା ପ୍ରତିବାଦରେ ଅରବିନ୍ଦ କେଜ୍ରିୱାଲ, ମନୀଷ ସିସୋଦିଆ ଏବଂ ସଞ୍ଜୟ ସିଂଙ୍କ ସମେତ ସମସ୍ତ ଆପ୍ ନେତା ଓ ସମର୍ଥକ ସେହି ସ୍ଥାନରେ ହିଁ ରାସ୍ତା ଉପରେ ବସି ଜୋରଦାର ଧାରଣା ପ୍ରଦର୍ଶନ କରିଛନ୍ତି। ଅରବିନ୍ଦ କେଜ୍ରିୱାଲ କହିଛନ୍ତି ଯେ, ସେ ଲକ୍ଷ ଲକ୍ଷ ଜନସାଧାରଣଙ୍କ ସ୍ୱାକ୍ଷର ସମ୍ବଳିତ ସ୍ମାରକପତ୍ର ଏବଂ ଇ୨୦ ଯୋଗୁଁ ଗାଡ଼ି ନଷ୍ଟ ହୋଇଥିବା ପ୍ରାୟ ୧୦୦ ଜଣ ଗାଡ଼ି ମାଲିକଙ୍କୁ ନେଇ ପ୍ରଧାନମନ୍ତ୍ରୀଙ୍କୁ ବ୍ୟକ୍ତିଗତ ଭାବେ ଭେଟିବାକୁ ଚାହୁଁଥିଲେ। ସେ ଅଭିଯୋଗ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚାପରେ ଆସି ଦେଶରେ ଜବରଦସ୍ତ ଇ୨୦ ପେଟ୍ରୋଲ ନୀତି ଲଦି ଦେଉଛନ୍ତି।

## ଲୋକସଭାରେ ଟିକସ ଓ ଅନ୍ୟାନ୍ୟ ଆଇନ ସଂଶୋଧନ ବିଲ୍ ଆଗତ



ନୂଆଦିଲ୍ଲୀ,୪।୮: ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ଲୋକସଭାରେ ଟିକସ ଓ ଅନ୍ୟାନ୍ୟ ଆଇନ (ସଂଶୋଧନ) ବିଲ୍ ଆଗତ କରିଛନ୍ତି। ଏଥିରେ ଟିକସ କ୍ଷେତ୍ରରେ ଏକାଧିକ ସଂଶୋଧନ ପ୍ରସ୍ତାବ ରହିଛି। ଦେଶରେ ନିବେଶକୁ ପ୍ରୋତ୍ସାହନ ଦେବା, ନିର୍ମାଣକୁ ବଢ଼ାଇବା, ଟିକସରେ ସ୍ଥିରତା ପ୍ରଦାନ କରିବା ଏବଂ ଆୟକର (ସଂଶୋଧନ) ଅଧ୍ୟାଦେଶ ୨୦୨୬କୁ ଆଇନରେ ପରିଣତ କରିବା ଲାଗି ବ୍ୟବସ୍ଥା ଏହି ବିଲରେ ରହିଛି। ବିଶେଷକରି ଆୟକର ଆଇନ ୨୦୨୫, ଅର୍ଥ ଆଇନ ୨୦୨୬ ଏବଂ ପେମେଣ୍ଟ ଆଣ୍ଡ୍ ସେଟେଲମେଣ୍ଟ ସିଷ୍ଟମ୍ସ ଆଇନ ୨୦୦୭ରେ ସଂଶୋଧନ ଏହି ବିଲ୍ ଜରିଆରେ ହେବ। ବିଶ୍ୱରେ ସଂପ୍ରତି ମୁଣ୍ଡ ଟେକିଥିବା ଭୂରାଜନୈତିକ ପରସ୍ଥିତି ଏବଂ ବିଶ୍ୱ ବାଣିଜ୍ୟ ଓ ଯୋଗାଣ ଶୃଙ୍ଖଳରେ ସୃଷ୍ଟି ହୋଇଥିବା ବ୍ୟାଘାତ ପୃଷ୍ଠଭୂମିରେ ଆଇନରେ ସଂଶୋଧନ ପ୍ରସ୍ତାବ ରହିଛି। ଦେଶକୁ ବିଦେଶୀ ପୁଞ୍ଜି ଆକୃଷ୍ଟ କରିବା ଲାଗି ସରକାର ଚଳିତବର୍ଷ ଜୁନ ୫ ତାରିଖରେ ଏକ ଅଧ୍ୟାଦେଶ ଜାରି କରିଥିଲେ। ସେଥିରେ ବିଦେଶୀ ପୋର୍ଟଫୋଲିଓ ନିବେଶକ ବା ଏଫପିଆଇମାନେ ସରକାରୀ ସିକ୍ୟୁରିଟିଜରେ ନିବେଶ କରି ଯେଉଁ ସୁଧ ଓ ପୁଞ୍ଜିଲାଭ ପାଉଛନ୍ତି ତାହା ଉପରୁ ଆୟକର ଛାଡ଼ କରାଯାଇଥିଲା। ନୂଆ ବିଲ୍ ଜରିଆରେ ତାହା ଆଇନରେ ପରିଣତ ହେବ। ଆଜି ଆଗତ ହୋଇଥିବା ବିଲରେ ଯେଉଁ ବିଦେଶୀ କମ୍ପାନି ସୀମା ଶୁଳ୍କ ନିୟନ୍ତ୍ରିତ ଅଞ୍ଚଳରେ ସେମାନଙ୍କ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ମହଜୁଦ ରଖି ଭାରତୀୟ ନିର୍ମାତାଙ୍କୁ ବିକ୍ରି କରୁଛନ୍ତି ସେମାନଙ୍କ ପାଇଁ ଟିକସ ଛାଡ଼ ବ୍ୟବସ୍ଥା ରହିଛି। ଏଥିସହିତ କଟା ଯାଇ ନଥିବା କିମ୍ବା ପଲିସ୍ ହୋଇ ନଥିବା ହୀରା ବ୍ୟବସାୟରେ ଯୋଗ୍ୟ ସଂସ୍ଥାଗୁଡ଼ିକଠାରୁ ୨୦୪୧ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଟିକସ ଛାଡ଼ ସୁବିଧା ରହିଛି। ପେମେଣ୍ଟ ଏବଂ ସେଟେଲମେଣ୍ଟ ସିଷ୍ଟମ୍ସ ଆଇନ ୨୦୦୭ରେ ଯେଉଁ ସଂଶୋଧନ ପ୍ରସ୍ତାବ ରହିଛି ତାହାଦ୍ୱାରା ସରକାର ଗୋଟିଏ କିମ୍ବା ଏକାଧିକ ଇଲେକ୍ଟ୍ରୋନିକ୍ ପେମେଣ୍ଟ ବ୍ୟବସ୍ଥା ଉପରେ ମର୍ଚ୍ଚାଣ୍ଟ ଡିସକାଉଣ୍ଟ ରେଟ୍ (ଏମଡିଆର) ଲଗାଇବା ଅନୁମତି ପାଇବେ। ଅର୍ଥାତ୍ କେଉଁ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାରେ ଏମଡିଆର୍ ଲାଗୁ ହେବ ଏବଂ କେଉଁଥିରେ ଲାଗୁ ହେବ ନାହିଁ ତାହାର ଅଧିକାର ସରକାରଙ୍କୁ ପ୍ରଦାନ ନେଇ ନୂଆ ବିଲରେ ପ୍ରସ୍ତାବ ରହିଛି। ସରକାର ଅଧିକ ମୂଲ୍ୟର ୟୁପିଆଇ କାରବାର ଉପରେ ଏମଡିଆର୍ ଲଗାଇ ପାରନ୍ତି ବୋଲି ଚର୍ଚ୍ଚା ହେଉଥିବା ବେଳେ ଏହି ନୂଆ ବିଲ୍ ଆଗତ ହୋଇଛି। ମନି କଣ୍ଟ୍ରୋଲ ପକ୍ଷରୁ ଜୁଲାଇ ୧୭ ତାରିଖର ଏକ ରିପୋର୍ଟ ଅନୁଯାୟୀ, ପ୍ରସ୍ତାବିତ ଏମଡିଆର୍ ଫି ୦.୫ ପ୍ରତିଶତରୁ କମ୍ ରହିବ ଏବଂ ୨୦୦୦ ଟଙ୍କାରୁ ଅଧିକ ମୂଲ୍ୟର କାରବାର ଉପରେ ଏହା ଲାଗୁ ହେବ।

## ହାସିନାଙ୍କ ବାଂଲାଦେଶ ପ୍ରତ୍ୟାବର୍ତ୍ତନକୁ ନେଇ ମିଳିଲା ଧମକ

# ବିମାନ ବନ୍ଦରରୁ ସିଧା ଫାଶୀ ଖୁଣ୍ଟ



ଢାକା,୪।୮: ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନା ଅଗଷ୍ଟ ୨୦୨୪ ରୁ ଭାରତରେ ରହୁଛନ୍ତି। କ୍ଷମତାରୁ ବହିଷ୍କୃତ ହେବା ପରଠାରୁ ସେ ସେଠାରେ ରହିଛନ୍ତି। ସେ କହିଛନ୍ତି ଯେ ସେ ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ତାଙ୍କ ଦେଶକୁ ଫେରିବାକୁ ଚାହାଁନ୍ତି। ଏହି ବୟାନ ପରେ, ବାଂଲାଦେଶୀ ଛାତ୍ର ନେତା ନାହିଦ ଇସଲାମ ଘୋଷଣା କରିଛନ୍ତି ଯେ ଯଦି ଶେଖ ହାସିନା ଫେରିଯାଆନ୍ତି, ତେବେ ତାଙ୍କୁ ବିମାନବନ୍ଦରରୁ ସିଧା ଫାଶୀ ଖୁଣ୍ଟକୁ ନିଆଯିବ। ନ୍ୟାଶନାଲ ସିଟିଜେନ ପାର୍ଟି (ଏନସିପି)ର ସଂଯୋଜକ ଏବଂ ସଂସଦରେ ମୁଖ୍ୟ ବିରୋଧୀ ସଚେତକ ନାହିଦ ଇସଲାମ ଅଗଷ୍ଟ ୩ରେ ଢାକାରେ ଏକ କାର୍ଯ୍ୟକ୍ରମରେ ଏକ ଗୁରୁତ୍ୱପୂର୍ଣ୍ଣ ବିବୃତ୍ତି ଦେଇଥିଲେ: 'ଯଦିଓ ପ୍ରଧାନମନ୍ତ୍ରୀ ତାରିକ ରହମାନ ଦିଲ୍ଲୀ ସହିତ ଏକ ଚୁକ୍ତି କରନ୍ତି ଏବଂ ଶେଖ ହାସିନାଙ୍କୁ ଫେରାଇ ଆଣନ୍ତି, ତଥାପି ଜନସାଧାରଣ ଏବଂ ଜୁଲାଇ ଆନ୍ଦୋଳନ ସମୟରେ ସହିଦ ହୋଇଥିବା ଲୋକଙ୍କ ପରିବାର ହାସିନାଙ୍କୁ ଫାଶୀ ନଦେବା ପର୍ଯ୍ୟନ୍ତ ରାସ୍ତାରେ ରହିବେ।' ନାହିଦ ଇସଲାମ ସ୍ପଷ୍ଟ କରିଥିଲେ ଯେ 'ସେମାନଙ୍କର ଜନ ଆନ୍ଦୋଳନ କୌଣସି ନିର୍ଦ୍ଦିଷ୍ଟ ନେତାଙ୍କୁ କ୍ଷମତାରେ ସ୍ଥାପନ କରିବା ପାଇଁ ଲକ୍ଷ୍ୟ ରଖିନଥିଲା, ବରଂ ଏକଛତ୍ରବାଦୀ ଶାସନ, ଚାନ୍ଦା ଆଦାୟ ଏବଂ ଦୁର୍ନୀତିକୁ ଥରେ ଏବଂ ସବୁଦିନ ପାଇଁ ମୂଳୋତ୍ପାଟନ କରିବା ପାଇଁ ଥିଲା।'

## ଗୁଜରାଟରେ ଚାନ୍ଦିପୁରା ଭାଇରସ୍ ଆତଙ୍କ, ୨୨ ଶିଶୁଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୪।୮ ଗୁଜରାଟରେ ୧୫ ବର୍ଷରୁ କମ୍ ବୟସର ପିଲାମାନଙ୍କଠାରେ ଚାନ୍ଦିପୁରା ଭାଇରସ୍ ପ୍ରକୋପ ବୃଦ୍ଧି ପାଉଛି । ଏନେଇ ରାଜ୍ୟ ସରକାରଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ଏପର୍ଯ୍ୟନ୍ତ ଏହି ଭାଇରସ୍ ଯୋଗୁଁ ୨୨ ଜଣ ପିଲାଙ୍କର ମୃତ୍ୟୁ ଘଟିଛି । ରାଜ୍ୟରେ ୧୮୪ ସନ୍ଦିଗ୍ଧ ମାମଲା ରିପୋର୍ଟ ହୋଇଛି । ସେଥିମଧ୍ୟରୁ ନମୁନା ପରୀକ୍ଷାରୁ ୩୫ ଜଣ ରୋଗୀଙ୍କଠାରେ ଚାନ୍ଦିପୁରା ଭାଇରସ୍ ସଂକ୍ରମଣ ହୋଇଥିବା ନିଶ୍ଚିତ ହୋଇଛି। ୧୧ ଟି ନମୁନାର ଫଳାଫଳ ଏବେ ବି ବାକି ଅଛି । ବର୍ଦ୍ଧିତ ବିପଦକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ସତର୍କ କରାଇ ଦେଇଛନ୍ତି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ମୋଡରେ ରହିଛନ୍ତି । ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ, ସ୍ୱାସ୍ଥ୍ୟ ବିଭାଗ ରାଜ୍ୟବ୍ୟାପୀ ଚାନ୍ଦିପୁରା ଭାଇରସ୍ ପରିସ୍ଥିତି ଉପରେ ନିରନ୍ତର ନଜର ରଖିଛି ଏବଂ ସମସ୍ତ ଆବଶ୍ୟକୀୟ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି।

## ବିହାରରେ ଛାତ୍ର ଆନ୍ଦୋଳନ: ବ୍ୟାରିକେଡ୍ ଭାଙ୍ଗିଲେ ଏନଏସୟୁଆଇ କର୍ମୀ




ନୂଆଦିଲ୍ଲୀ,୪।୮: ବିହାରର ରାଜଧାନୀ ପାଟନାରେ କଂଗ୍ରେସର ଛାତ୍ର ସଂଗଠନ ଏନଏସୟୁଆଇ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଆବାସ ଘେରାଉ ପାଇଁ ବିଶାଳ ପ୍ରତିବାଦ ରାଲି ଆୟୋଜନ କରାଯାଇଛି। ଏହି ରାଲିରେ ବହୁ ସଂଖ୍ୟକ ଛାତ୍ର ଓ କର୍ମୀ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଆବାସ ଅଭିମୁଖେ ଅଗ୍ରସର ହୋଇଥିଲେ । ପୋଲିସ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ କିଛି ପ୍ରଦର୍ଶନକାରୀ ବ୍ୟାରିକେଡ୍ ଭାଙ୍ଗି ଆଗକୁ ବଢ଼ିଯାଇଥିଲେ। ସୂଚନା ଅନୁସାରେ, ପାଟନାର ଇନକମ୍ ଟ୍ୟାକ୍ସ ଛକ ନିକଟରେ ପୋଲିସ ପକ୍ଷରୁ ବ୍ୟାରିକେଡ୍ ସ୍ଥାପନ କରାଯାଇଥିଲା। ପ୍ରଥମ ବ୍ୟାରିକେଡ୍ ଭାଙ୍ଗି ପ୍ରଦର୍ଶନକାରୀମାନେ ଆଗକୁ ବଢ଼ିଥିଲେ, କିନ୍ତୁ ପରବର୍ତ୍ତୀ ବ୍ୟାରିକେଡରେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଏହି ପ୍ରଦର୍ଶନ ବିହାରରେ ଛାତ୍ର ଆନ୍ଦୋଳନ ସମୟରେ ଛାତ୍ରଛାତ୍ରୀଙ୍କ ଉପରେ ହୋଇଥିବା ଲାଠିଚାର୍ଜ ଏବଂ ସିୱାନରେ ଛାତ୍ରଙ୍କ ଉପରେ ଗୁଳିଚାଳନା ଘଟଣାକୁ ବିରୋଧ କରି ନ୍ୟାୟ ଦାବିରେ କରାଯାଇଥିଲା ।

# ୭ ବର୍ଷରେ ୩୬ ଦେଶରୁ ୨୭୪ ପଳାତକଙ୍କୁ ଆଣିଛି ଭାରତ

## ଏବେ ଯାଏଁ ୧୭୮୭୪ କୋଟିର ସମ୍ପତ୍ତି ଜବତ



ନୂଆଦିଲ୍ଲୀ,୪।୮: ଭାରତ ୨୦୧୯ ରୁ ୨୦୨୬ ମଧ୍ୟରେ ୩୬ ଟି ଦେଶରୁ ୨୭୪ ଜଣ ପଳାତକଙ୍କୁ ଦେଶକୁ ପ୍ରତ୍ୟାବର୍ତ୍ତନ କରାଇଛି । ମଙ୍ଗଳବାର ଗୃହ ମନ୍ତ୍ରଣାଳୟ ଏହି ଘୋଷଣା କରିଛି। ଏହି ପଳାତକ ମାନଙ୍କ ମଧ୍ୟରେ ଆତଙ୍କବାଦୀ, ଗ୍ୟାଙ୍ଗଷ୍ଟର, ଆର୍ଥିକ ଏବଂ ନିଶା କାରବାରକାରୀ, ଏବଂ ହତ୍ୟା, ବଳାତ୍କାର ଅଭିଯୁକ୍ତ ଏବଂ POCSO (ମନି ଲଣ୍ଡରିଂ ନିବାରଣ) ଆଇନ (POCSO) ଅଧୀନରେ ପଳାୟନ କରୁଥିବା ବ୍ୟକ୍ତିମାନେ ଅନ୍ତର୍ଭୁକ୍ତ। ମନ୍ତ୍ରଣାଳୟ ଏହା ମଧ୍ୟ କହିଛି ଯେ, ମନି ଲଣ୍ଡରିଂ ନିବାରଣ ଆଇନର କଡ଼ା ପ୍ରବର୍ତ୍ତନ ମଧ୍ୟରେ ୨୦୧୯ ରୁ ୨୦୨୬ ମଧ୍ୟରେ ପଳାତକ ଅପରାଧୀଙ୍କ ୧୭,୮୭୪ କୋଟି ଟଙ୍କାର ସମ୍ପତ୍ତି ଜବତ କରାଯାଇଛି। ରିପୋର୍ଟରେ କୁହାଯାଇଛି ଯେ, ଭାରତରୁ ପଳାୟନ କରିଥିବା ଆର୍ଥିକ ଅପରାଧୀଙ୍କ ସହ ଜଡିତ ମାମଲାରେ ୧୮,୭୬୨ କୋଟି ଟଙ୍କା ଉଦ୍ଧାର କରାଯାଇଛି। ଏଥିରେ ଏହା ମଧ୍ୟ କୁହାଯାଇଛି ଯେ ୨୦୨୨ ମସିହାରେ ମୋଟ ୪୦ଟି ରେଡ୍ କର୍ଣ୍ଣର ନୋଟିସ୍, ୨୦୨୩ ମସିହାରେ ୧୦୦ଟି, ୨୦୨୪ ମସିହାରେ ୧୦୭ଟି, ୨୦୨୫ ମସିହାରେ ୧୧୨ଟି ଏବଂ ୨୦୨୬ ମସିହାରେ ଏପର୍ଯ୍ୟନ୍ତ ୧୮୨ଟି ରେଡ୍ କର୍ଣ୍ଣର ନୋଟିସ୍ ଜାରି କରାଯାଇଥିଲା। ଏଥି ମଧ୍ୟରୁ ଗତ ତିନି ବର୍ଷ ମଧ୍ୟରେ ୫୦୧ ଜଣ ପଳାତକ ଅପରାଧୀଙ୍କ ବିରୁଦ୍ଧରେ ରେଡ୍ କର୍ଣ୍ଣର ନୋଟିସ୍ ଜାରି କରାଯାଇଛି। ଗୃହ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ୨୦୦୯ ମସିହାରୁ ଭାରତକୁ ଫେରାଇ ଅଣାଯାଇଥିବା ୨୭୪ ଜଣ ପଳାତକଙ୍କ ମଧ୍ୟରୁ ୨୦୨୬ ମସିହା ଜୁଲାଇ ସୁଦ୍ଧା ମୋଟ ୪୫ ଜଣ ପଳାତକଙ୍କୁ ଫେରାଇ ଅଣାଯାଇଥିଲା, ଯେତେବେଳେ ୨୦୨୫ ମସିହାରେ ୭୦ ଜଣ, ୨୦୨୪ ମସିହାରେ ୪୩ ଜଣ, ୨୦୨୩ ମସିହାରେ ୩୭ ଜଣ, ୨୦୨୨ ମସିହାରେ ୪୦ ଜଣ, ୨୦୨୧ ମସିହାରେ ୨୩ ଜଣ, ୨୦୨୦ ମସିହାରେ ସାତ ଜଣ ଏବଂ ୨୦୧୯ ମସିହାରେ ନଅ ଜଣ ପଳାତକଙ୍କୁ ଫେରାଇ ଅଣାଯାଇଥିଲା। ଏହା ଉଲ୍ଲେଖ କରିବା ଉଚିତ ଯେ, ଏହି ସମସ୍ତ ପଳାତକ ଠକେଇ, ଆର୍ଥିକ ଠକେଇ, ଆତଙ୍କବାଦୀ କାର୍ଯ୍ୟକଳାପ, ଭାରତ ବିରୋଧୀ କାର୍ଯ୍ୟକଳାପ, ନାର୍କୋ-ଆତଙ୍କବାଦ, ଆର୍ଥିକ ଅପରାଧ, ଆତଙ୍କବାଦୀ କାର୍ଯ୍ୟକଳାପ, ଦେଶ ବିରୋଧୀ କାର୍ଯ୍ୟକଳାପ, ନାର୍କୋ-ଆତଙ୍କବାଦ, ସଂଗଠିତ ଅପରାଧ, ଗ୍ୟାଙ୍ଗଷ୍ଟାରବାଦ, ଆଦାୟ, ହତ୍ୟା, ଡକାୟତି, ହିଂସାତ୍ମକ ଅପରାଧ, ଯୌନ ଅପରାଧ, ବଳାତ୍କାର, ଚକ୍ରାନ୍ତ, ନିଶା ଚାଲାଣ, ଘଉଚଙ୍ଗ, ଅବୈଧ ବାଣିଜ୍ୟ, ନକଲି ମୁଦ୍ରା, ସାଇବର ଅପରାଧ, ମାନବ ଚାଲାଣ ଏବଂ ଅପହରଣ ଭଳି ଅପରାଧରେ ଜଡିତ ଥିଲେ। ଏହି ୨୭୪ ପଳାତକଙ୍କ ମଧ୍ୟରୁ ୬୨ ଜଣ ହତ୍ୟା, ଡକାୟତି ଏବଂ ହିଂସାତ୍ମକ ଅପରାଧ ସହିତ ଜଡିତ ଥିଲେ। ବାକି ୫୩ ଜଣ ଯୌନ ଅପରାଧ, ବଳାତ୍କାର ଏବଂ PoCS ସହିତ ଜଡିତ ଥିଲେ; ୪୫ ଜଣ ଅନ୍ୟ ଅପରାଧୀ କାର୍ଯ୍ୟକଳାପ ସହିତ ଜଡିତ ଥିଲେ। ଏହି ସମୟରେ, ୪୨ ଜଣ ସଂଗଠିତ ଅପରାଧ, ଗ୍ୟାଙ୍ଗଷ୍ଟାରବାଦ ଏବଂ ଆଦାୟ ସହିତ ଜଡିତ ଥିଲେ ଏବଂ ୧୮ ଜଣ ମାନବ ଚାଲାଣ ଏବଂ ଅପହରଣ ସହିତ ଜଡିତ ଥିଲେ। ବାକି ୧୫ ଜଣ ଆତଙ୍କବାଦୀ କାର୍ଯ୍ୟକଳାପ, ନାର୍କୋ-ଆତଙ୍କବାଦ, ୧୬ ଜଣ ଡ୍ରଗ୍ସ, ୧୨ ଜଣ ନକଲି ମୁଦ୍ରା, ସାଇବର ଅପରାଧ ଏବଂ ଚୋରା ଚାଲାଣ ସହିତ ଜଡିତ ଥିଲେ। ନଅ ଜଣ ପଳାତକ ଠକେଇ ଏବଂ ଆର୍ଥିକ ଅପରାଧ ପାଇଁ ୱାଣ୍ଟେଡ୍ ଥିଲେ। ତେବେ ଗୃହ ମନ୍ତ୍ରଣାଳୟ କହିଛି ଯେ ଭାରତର ପ୍ରତ୍ୟର୍ପଣ ପ୍ରୟାସରେ ଦୁଇଗୁଣ ଦଣ୍ଡ ଏବଂ ଦୁଇଗୁଣ ଅପରାଧ ନୀତି ସମେତ ଆଇନଗତ ଏବଂ ନ୍ୟାୟିକ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡିଥିଲା, ଯାହା ଫଳରେ ପ୍ରତ୍ୟର୍ପଣ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା। ଏହା ବ୍ୟତୀତ, ଗୃହ ମନ୍ତ୍ରଣାଳୟ ଏବଂ ବିଭିନ୍ନ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟର ଅଭାବ ଯୋଗୁଁ ଏହି ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥିଲା। ପଳାତକଙ୍କ ବିଷୟରେ ସୂଚନା ବଣ୍ଟନ, ସେମାନଙ୍କ ସ୍ଥାନ ଟ୍ରାକ୍ କରିବା ଏବଂ ରେଡ୍ କର୍ଣ୍ଣର ନୋଟିସ୍ ଜାରି କରିବା ମଧ୍ୟ ମନ୍ଥର ଥିଲା। ଗୃହ ମନ୍ତ୍ରଣାଳୟ କହିଛି, 'ପୂର୍ବ ସରକାର ମାନଙ୍କରେ ପଳାତକଙ୍କୁ ଫେରାଇ ଆଣିବା ପାଇଁ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଥିଲା।' ମୋଦି ସରକାର ପଳାତକଙ୍କ ପ୍ରତ୍ୟର୍ପଣକୁ ଏକ ଜାତୀୟ ପ୍ରାଥମିକତା ଦେଇଛନ୍ତି ।

## ଏୟାର ଇଣ୍ଡିଆ ବିମାନର ଜରୁରୀ ଅବତରଣ

ନୂଆଦିଲ୍ଲୀ,୪।୮: ଫୁକେଟ- ଦିଲ୍ଲୀ ଏୟାର ଇଣ୍ଡିଆ ବିମାନର ଜରୁରୀ ଅବତରଣ । ମଝି ଆକାଶରେ କିଛି ସମସ୍ୟା ହେବାରୁ ଜରୁରୀ ଅବତରଣ କଲା ଏୟାର ଇଣ୍ଡିଆ ବିମାନ । ଅବତରଣ ପରେ ସମସ୍ତ ଯାତ୍ରୀ ଏବଂ ସୁରକ୍ଷିତ ଭାବେ ଓହ୍ଲାଇଥିଲେ । ଅଳ୍ପ ସଂଖ୍ୟକ ଯାତ୍ରୀ ଓ କ୍ରୁ ସଦସ୍ୟଙ୍କୁ ସାମାନ୍ୟ ଆଘାତ ହୋଇଥିବା ସୂଚନା ମିଳିଛି । ଆହତଙ୍କୁ ଚିକିତ୍ସା ପାଇଁ ବିମାନ ବନ୍ଦରର ଏକ ମେଡିକାଲକୁ ନିଆଯାଇଥିଲା । ବର୍ତ୍ତମାନ ଚିକିତ୍ସା ଜାରି ରହିଛି । ତେବେ ଅଘଟଣ ପରେ ଏୟାର ଇଣ୍ଡିଆର ଜଣେ ମୁଖପାତ୍ର କହିଛନ୍ତି ଯେ, ଆମର ଯାତ୍ରୀ ଏବଂ କର୍ମଚାରୀଙ୍କ ସୁରକ୍ଷା କଲ୍ୟାଣ ପାଇଁ ଏୟାର ଇଣ୍ଡିଆର ସର୍ବୋଚ୍ଚ ପ୍ରାଥମିକତା ରହିଛି । ପ୍ରଭାବିତ ଲୋକଙ୍କୁ ସହାୟତା କରିବୁ ଏବଂ ଅଘଟଣର କାରଣ କଣ ତାହା ମଧ୍ୟ ତଦନ୍ତ କରିବୁ ।

## ପୂର୍ବତନ ରାଜ୍ୟପାଳ ଡିୱାଇ ପାଟିଲଙ୍କ ପରଲୋକ



ନୂଆଦିଲ୍ଲୀ,୪।୮: ବିହାର, ତ୍ରିପୁରା ଓ ପଶ୍ଚିମବଙ୍ଗର ପୂର୍ବତନ ରାଜ୍ୟପାଳ, ବରିଷ୍ଠ କଂଗ୍ରେସ ନେତା ତଥା ବିଶିଷ୍ଟ ଶିକ୍ଷାବିତ୍ ପଦ୍ମଶ୍ରୀ ଡ ଡିୱାଇ ପାଟିଲଙ୍କର ମଙ୍ଗଳବାର ପୂର୍ବାହ୍ଣରେ ପରଲୋକ ଘଟିଛି। ଦୀର୍ଘ ଦିନ ଧରି ଅସୁସ୍ଥ ଥିବା ଡ ପାଟିଲ କୋହ୍ଲାପୁରର କସବା ବାୱଡାସ୍ଥିତ ନିଜ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ତାଙ୍କୁ ୯୨ ବର୍ଷ ବୟସ ହୋଇଥିଲା। ପରିବାର ପକ୍ଷରୁ ତାଙ୍କ ମୃତ୍ୟୁ ସମ୍ପର୍କରେ ସୂଚନା ଦିଆଯାଇଛି। 'ଦାଦା' ନାମରେ ପରିଚିତ ପାଟିଲଙ୍କ ଜନ୍ମ ୧୯୩୫ ଅକ୍ଟୋବର ୨୨ରେ ମହାରାଷ୍ଟ୍ରର କୋହ୍ଲାପୁର ଜିଲ୍ଲାରେ ହୋଇଥିଲା। ସେ ଦୀର୍ଘ ସମୟ ଧରି କଂଗ୍ରେସ ସହ ଜଡ଼ିତ ରହିବା ସହ ୧୯୬୭ରୁ ୧୯୭୮ ପର୍ଯ୍ୟନ୍ତ ବିଧାୟକ ଭାବେ କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ସେ ବିହାର, ତ୍ରିପୁରା ଓ ପଶ୍ଚିମବଙ୍ଗର ରାଜ୍ୟପାଳ ଭାବେ କାର୍ଯ୍ୟ କରିଥିଲେ। ୨୦୧୪ରେ ସେ ବିହାରର ରାଜ୍ୟପାଳ ଥିବାବେଳେ ପଶ୍ଚିମବଙ୍ଗର ରାଜ୍ୟପାଳଙ୍କ ଇସ୍ତଫା ପରେ ସେଠାର ଅତିରିକ୍ତ ଦାୟିତ୍ୱ ମଧ୍ୟ ତାଙ୍କୁ ଦିଆଯାଇଥିଲା। ଡ ପାଟିଲ ଶିକ୍ଷା କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ସାରା ଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଡିୱାଇ ପାଟିଲ ବିଶ୍ୱବିଦ୍ୟାଳୟ ଅଧୀନରେ ମେଡିକାଲ, ଇଞ୍ଜିନିୟରିଂ, ପରିଚାଳନା, ନର୍ସିଂ ଓ ଅନ୍ୟାନ୍ୟ ଉଚ୍ଚଶିକ୍ଷା ଅନୁଷ୍ଠାନ ଦେଶର ବିଭିନ୍ନ ସ୍ଥାନରେ ଚାଲିଛି। ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ସମାଜସେବା କ୍ଷେତ୍ରରେ ତାଙ୍କ ଅବଦାନ ପାଇଁ ଭାରତ ସରକାର ତାଙ୍କୁ 'ପଦ୍ମଶ୍ରୀ' ସମ୍ମାନରେ ସମ୍ମାନିତ କରିଥିଲେ।

## ୧୮ ବର୍ଷୀୟ ନେଥନ୍ ଥୋମାସ୍ ହେଲେ ପ୍ରଫେସର ଭାଙ୍ଗିଲେ ୩୦୬ ବର୍ଷ ପୁରୁଣା ରେକର୍ଡ



ନୂଆଦିଲ୍ଲୀ,୪।୮: ଯେଉଁ ବୟସରେ କଲେଜରେ ଆଡମିଶନ୍ ନେଇ ଆମେ କ୍ୟାରିୟର ଆରମ୍ଭ କଥା ଭାବୁ ସେ ବୟରେ ଆମେରିକାର ଜଣେ ଯୁବକ ହୋଇଛନ୍ତି ପ୍ରଫେସର। ୧୮ ବର୍ଷୀୟ ନେଥନ୍ ଥୋମାସ୍ ପୃଥିବୀର ସବୁଠାରୁ କମ୍ ବୟସ୍କ ପ୍ରଫେସର ହୋଇ ଏକ ନୂଆ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି। ସେ ଇଞ୍ଜିନିୟରିଂ ଏବଂ କମ୍ପ୍ୟୁଟର ପ୍ରୋଗ୍ରାମିଂ ପଢ଼ାଇ ମାତ୍ର ୧୮ ବର୍ଷ ୩୪୬ ଦିନ ବୟସରେ ଏହି ସଫଳତା ହାସଲ କରିଛନ୍ତି। ଏହା ସହିତ ସେ ପ୍ରାୟ ୩୦୬ ବର୍ଷ ପୁରୁଣା ଗିନିଜ୍ ୱାର୍ଲ୍ଡ ଭାଙ୍ଗିଛନ୍ତି। ଏହା ପୂର୍ବରୁ ୧୭୧୭ ମସିହାରେ ସ୍କଟଲ୍ୟାଣ୍ଡର ଗଣିତଜ୍ଞ କୋଲିନ୍ ମ୍ୟାକଲୋରିନ୍ ୧୯ ବର୍ଷ ବୟସରେ ପ୍ରଫେସର ହୋଇ ଏହି ରେକର୍ଡ କରିଥିଲେ। ନେଥନ୍ ସେହି ରେକର୍ଡକୁ ଏବେ କାଟି ଦେଇଛନ୍ତି। ନେଥନ୍ ମିଆମି ଡେଡ୍ କଲେଜରେ ଇଞ୍ଜିନିୟରିଂ ଛାତ୍ରମାନଙ୍କୁ 'ସି ପ୍ରୋଗ୍ରାମିଂ' ପଢ଼ାଉଛନ୍ତି। ବିଶେଷ କଥା ହେଉଛି ତାଙ୍କ ଶ୍ରେଣୀର ଅଧିକାଂଶ ଛାତ୍ରଛାତ୍ରୀ ତାଙ୍କରି ବୟସର କିମ୍ବା ତାଙ୍କଠାରୁ ବଡ଼। ନେଥନ୍ ଜଣେ ଅସାଧାରଣ ପ୍ରତିଭାଶାଳୀ ଛାତ୍ର। ସେ ମାତ୍ର ୧୦ ବର୍ଷ ବୟସରେ କଲେଜରେ ନାମ ଲେଖାଇଥିଲେ ୧୮ ବର୍ଷ ବୟସ ସୁଦ୍ଧା ସେ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ଉଭୟ ବ୍ୟାଚେଲର୍ସ ଏବଂ ମାଷ୍ଟର୍ସ ଡିଗ୍ରୀ ସମାପ୍ତ କରିସାରିଛନ୍ତି। ବର୍ତ୍ତମାନ ପ୍ରଫେସର ଭାବେ କାର୍ଯ୍ୟ କରିବା ସହ ସେ ମିଆମି ସ୍କୁଲ୍ ଅଫ୍ ଲ' ରୁ ଆଇନ ପଢୁଛନ୍ତି ଏବଂ ଇଣ୍ଟେଲେକଚୁଆଲ୍ ପ୍ରପର୍ଟି ରେ ବିଶେଷଜ୍ଞ ହେବାକୁ ଚାହୁଁଛନ୍ତି।

## ପିଓକେ ଦମନଲୀଳା ପ୍ରସାରଣର ପରିଣାମ ଅଲ୍ ଜଜିରାକୁ ନିଷିଦ୍ଧ କଲା ପାକିସ୍ତାନ

ଇସଲାମାବାଦ,୪।୮: ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଚାଲିଥିବା ସରକାର ବିରୋଧୀ ପ୍ରତିବାଦ ଏବଂ ନିର୍ବାଚନ ସମୟରେ ଇସଲାମାବାଦର ନିର୍ମମ ଦମନଲୀଳା ଉପରେ କ୍ରମାଗତ ଖବର ପ୍ରସାରଣ କରିବା ପରେ କତର ଆନ୍ତର୍ଜାତୀୟ ଗଣମାଧ୍ୟମ ସଂସ୍ଥା 'ଅଲ୍ ଜଜିରା' ଉପରେ ପାକିସ୍ତାନ କଟକଣା ଲଗାଇଛି। ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କ ନେତୃତ୍ୱାଧୀନ ସରକାର ଏପର୍ଯ୍ୟନ୍ତ ଏହି ବ୍ୟାନ୍ ସମ୍ପର୍କରେ କୌଣସି ଆନୁଷ୍ଠାନିକ ଘୋଷଣା କରିନଥିଲେ ମଧ୍ୟ ସମଗ୍ର ପାକିସ୍ତାନରେ ଉପଭୋକ୍ତା ଅଲ୍ ଜଜିରାର ଇଂରାଜୀ ୱେବସାଇଟ୍ ବ୍ୟବହାର କରିବାରେ ଅସମର୍ଥ ହେଉଥିବା ଦାବି କରିଛନ୍ତି। ଅପରପକ୍ଷରେ, ପାକିସ୍ତାନର ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଲ୍ ଜଜିରା ଉପରେ ଚୟନାତ୍ମକ ଖବର ପ୍ରସାରଣ କରିବା ସହ ନିର୍ବାଚନ ଏବଂ ମତଦାନ ପ୍ରକ୍ରିୟାକୁ ବିଭ୍ରାନ୍ତିକର ଭାବେ ଉପସ୍ଥାପନ କରିଥିବା ଅଭିଯୋଗ ଆଣିଛି। ମନ୍ତ୍ରଣାଳୟ ନିଜର ଏକ୍ସ ହ୍ୟାଣ୍ଡେଲରେ ଜାରି କରିଥିବା ଏକ ବିବୃତିରେ କହିଛି ଯେ, ମୁଜାଫରାବାଦର କିଛି ନିର୍ଦ୍ଦିଷ୍ଟ ମତଦାନ କେନ୍ଦ୍ରରୁ ଅଲ୍ ଜଜିରାର ପକ୍ଷପାତପୂର୍ଣ୍ଣ ରିପୋର୍ଟିଂକୁ ଆମେ ଦେଖିଛୁ। ସେମାନେ ନିଜ ଇଚ୍ଛା ଅନୁସାରେ ସମୟ ବାଛି କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ବୟାନ ଜରିଆରେ ପିଓକେ ନିର୍ବାଚନକୁ ନିନ୍ଦିତ କରିବାକୁ ଚେଷ୍ଟା କରିଛନ୍ତି।

# ଆବାସ ଘର ଦେବା ନାଁରେ ସାଇବର ଠକେଇ

ଭାପୁର(ନିପ୍ର): ଜଣେ ଗରିବ ବ୍ୟକ୍ତି ଆବାସ ଘର ପାଇବା ଆଶାରେ ରହିଥିବା ବେଳେ ଆବାସ ଗୃହ ଯୋଗାଇ ଦେବାକୁ ଫୋନରେ କହି ୩୦ ହଜାର ଟଙ୍କା ଲୁଟି ନେଇଛନ୍ତି ସାଇବର ଠକ । ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ କେନ୍ଦୁପଲ୍ଲୀ ପଞ୍ଚାୟତ ହନୁମନ୍ତପ୍ରସାଦ ଗ୍ରାମର ବସନ୍ତ କୁମାର ପାତ୍ର ଆବାସ ଯୋଜନାରେ ସାମିଲ ହେବା ପାଇଁ ଆଶାୟୀ ତାଲିକାରେ ରହିଛନ୍ତି । ସେ ଘରେ ନ ଥିବାବେଳେ ଏକ କଲ ତାଙ୍କ ଫୋନକୁ ଆସିଥିଲା । ଷଷ୍ଠ ଶ୍ରେଣୀରେ ପଢୁଥିବା ତାଙ୍କ ପୁଅ କାହ୍ନା ଫୋନ ଉଠାଇବା ପରେ ତୁମର ଆବାସ ଘର ହୋଇଯାଇଛି ତୁରନ୍ତ ଟଙ୍କା ପଠାଅ ବୋଲି ଅଜଣା ବ୍ୟକ୍ତି କହିଥିଲା । ଘରେ ବାପା ନ ଥିବାବେଳେ ଟଙ୍କା ନ ଦେଲେ ଘର ହୋଇ ପାରିବ ନାହିଁ ଭାବି ନାବାଳକ ଫୋନ ପେରେ ୫ ହଜାର ଟଙ୍କା କଲ କରିଥିବା ଠକଙ୍କ ପାଖକୁ ପଠାଇଥିଲେ । ଅଧିକ ଟଙ୍କା ନ ଥିବାରୁ ନାବାଳକ ଠାରୁ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଫଟୋ ଓ ଏଟିଏମ ଫଟୋ ମଧ୍ୟ ଠକମାନେ ନେଇ ଯାଇଥିଲେ । ବ୍ୟାଙ୍କ ଆକାଉଣ୍ଟ ଓ ଏଟିଏମର ନମ୍ବର ପାଇଲା ପରେ ସାଇବର ଠକ ମାନେ ୨୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଆକାଉଣ୍ଟରୁ ଲୁଟି ନେଇ ଯାଇଥିଲେ । ବସନ୍ତ ଘରକୁ ଆସି ସମସ୍ତ କଥା ଜାଣିବା ପରେ ଲୋକଲଜ୍ୟା ପାଇଁ ଥାନାରେ କୌଣସି ଅଭିଯୋଗ କରି ନ ଥିବା ଜଣାପଡିଛି । ତେବେ ଏପରି ସାଇବର ଅପରାଧକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ବନ୍ଦୋବସ୍ତ କରିବାକୁ ସାଧାରଣରେ ଦାବି ହେଉଛି ।

### ତାଲା ଭାଙ୍ଗି ଘରୁ ସୁନା ଅଳଙ୍କାର ଓ ଲକ୍ଷାଧିକ ଟଙ୍କା ଚୋରି ମାମଲା

# ପେସାଦାର ଅପରାଧୀ ଗିରଫ, ଟଙ୍କା ଓ ସୁନା ଜବତ

ଭୁବନେଶ୍ୱର(ନି.ପ୍ର): ଭୁବନେଶ୍ୱରର ଇନ୍‌ଫୋସିଟି ଥାନା ଅଞ୍ଚଳରେ ଘଟିଥିବା ଏକ ବଡ଼ ଚୋରି ଘଟଣାର ପର୍ଦ୍ଦାଫାସ କରିଛି କମିଶନରେଟ ପୁଲିସ । ଏହି ମାମଲାରେ ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଚୋରି ହୋଇଥିବା ପ୍ରାୟ ସମସ୍ତ ସୁନା ଅଳଙ୍କାର ଏବଂ ନଗଦ ୭୦ ହଜାର ଟଙ୍କା ଜବତ କରିଛି । ପୁଲିସ ସୂଚନା ଅନୁଯାୟୀ, ସିଖରଚଣ୍ଡୀ ନଗର ସରକାରୀ ମେଡିକାଲ ନିକଟରେ ରହୁଥିବା କେ. ରାମା ରାଓ (୪୪) ଗତ ୨ ଅଗଷ୍ଟରେ ଇନ୍‌ଫୋସିଟି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗରେ ସେ ଦର୍ଶାଇଥିଲେ ଯେ, ୨ ଅଗଷ୍ଟ ଭୋର ପ୍ରାୟ ୩ଟା ସମୟରେ ସେ ଓ ତାଙ୍କ ପତ୍ନୀ ବ୍ୟବସାୟିକ କାମରେ ବଜାରକୁ ଯାଇଥିଲେ । ପରେ ଘରକୁ ଫେରିବା ପରେ ଘରର ପଛପଟ କବାଟ ଭଙ୍ଗାଯାଇଥିବା ଏବଂ ଆଲମିରା ତାଲା ଭାଙ୍ଗି ଚୋରି ହୋଇଥିବା ଦେଖିଥିଲେ । ଯାଞ୍ଚ ବେଳେ ଘରୁ ଗୋଟିଏ ଲକେଟ୍ ସହ ସୁନା ହାର, ଦୁଇଟି ସୁନା ଚେନ୍, ଗୋଟିଏ ସୁନା ବ୍ରେସଲେଟ୍, ଗୋଟିଏ ମଙ୍ଗଳସୂତ୍ର, ଗୋଟିଏ ସୁନା ମୁଦି ସହ ପ୍ରାୟ ୧୧୦ ଗ୍ରାମ ସୁନା ଅଳଙ୍କାର ଏବଂ ୧ ଲକ୍ଷ ୬୧ ହଜାର ଟଙ୍କା ନଗଦ ଚୋରି ହୋଇଥିବା ଜଣାପଡ଼ିଥିଲା । ଅଭିଯୋଗ ଆଧାରରେ ଇନ୍‌ଫୋସିଟି ଥାନାରେ କେସ୍ ନମ୍ବର–୬୭୮/୨୦୨୬ ରୁଜୁ କରାଯାଇ ଭାରତୀୟ ନ୍ୟାୟ ସଂହିତା (ବିଏନଏସ)ର ଧାରା ୩୩୧(୪) ଓ ୩୦୫(ଏ) ଅନୁଯାୟୀ ତଦନ୍ତ ଆରମ୍ଭ କରାଯାଇଥିଲା । ମାମଲାର ତଦନ୍ତ ଦାୟିତ୍ୱ ଏସ୍‌ଆଇ ସି.କେ.ଗିରିଙ୍କୁ ଦିଆଯାଇଥିଲା । ତଦନ୍ତ ସମୟରେ ପୁଲିସ କେ. ଭେଙ୍କଟେଶ ରେଡ୍ଡୀ ଓରଫ ଭେଙ୍କଟି (୪୨)ଙ୍କୁ ଗିରଫ କରିଛି । ସେ ସିଖରଚଣ୍ଡୀ ନଗର ଅଞ୍ଚଳର ବାସିନ୍ଦା ବୋଲି ପୁଲିସ କହିଛି । ଅଭିଯୁକ୍ତଙ୍କ ନିକଟରୁ ଚୋରି ହୋଇଥିବା ଗୋଟିଏ ସୁନା ହାର (ଲକେଟ୍ ସହ), ଦୁଇଟି ସୁନା ଚେନ୍, ଗୋଟିଏ ସୁନା ବ୍ରେସଲେଟ୍, ଗୋଟିଏ ମଙ୍ଗଳସୂତ୍ର, ଗୋଟିଏ ସୁନା ମୁଦି ଏବଂ ୭୦ ହଜାର ଟଙ୍କା ନଗଦ ଜବତ କରାଯାଇଛି । ପୁଲିସ ଘଟଣାରେ ଅନ୍ୟ କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଛି କି ନାହିଁ ଏବଂ ବାକି ଚୋରି ସାମଗ୍ରୀ ଉଦ୍ଧାର ପାଇଁ ତଦନ୍ତ ଜାରି ରଖିଛି ।

# କ୍ରାଇମବ୍ରାଞ୍ଚ ନିକଟରେ ଆତ୍ମସମର୍ପଣ କଲେ ଶରଣକୁଳ ନିଲମ୍ବିତ ଆଇଆଇସି



ନୟାଗଡ/ଭୁବନେଶ୍ୱର: ଶରଣକୁଳ ନିଲମ୍ବିତ ଆଇଆଇସି ସୁଜିତ ଦାସ ମଙ୍ଗଳବାର କ୍ରାଇମବ୍ରାଞ୍ଚ ନିକଟରେ ଆତ୍ମସମର୍ପଣ କରିଛନ୍ତି । ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସୁଜିତ କ୍ରାଇମ ବ୍ରାଞ୍ଚରେ ହାଜର ହୋଇ ଆତ୍ମସମର୍ପଣ କରିଥିବା ସୂଚନା ମିଳିଛି । ମହିଳାଙ୍କୁ ଯୌନ ନିର୍ଯାତନା ଅଭିଯୋଗରେ ଆଇଆଇସିଙ୍କ ନାମରେ ମାମଲା ରୁଜୁ ହୋଇଥିଲା । ଡିଜିପିଙ୍କ ନିର୍ଦ୍ଦେଶରେ କ୍ରାଇମବ୍ରାଞ୍ଚ ସିଏଡବ୍ଲ୍ୟୁ ମାମଲାର ତଦନ୍ତ କରୁଛି । ଅନ୍ୟପକ୍ଷେ ହାଇକୋର୍ଟ ଆଇଆଇସିଙ୍କ ଗିରଫଦାରୀ ଉପରେ ରୋକ ଲଗାଇଛନ୍ତି । ସୁଜିତଙ୍କୁ ତଦନ୍ତରେ ସହଯୋଗ କରିବା ପାଇଁ ରହିଛି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

# ପୃଥକ୍ ସଡ଼କ ଦୁର୍ଘଟଣାରେ ଜଣେ ମୃତ; ୪ ଗୁରୁତର

ରାଇରଙ୍ଗପୁର/ବାଦାମପାହାଡ଼/ବିଜାତଳା: ମୟୂରଭଂଜ ଜିଲ୍ଲା ରାଇରଙ୍ଗପୁର ଉପଖଣ୍ଡରେ ପୃଥକ୍ ପୃଥକ୍ ସଡ଼କ ଦୁର୍ଘଟଣାରେ ମଙ୍ଗଳବାର ଜଣେ ଲୋକଙ୍କର ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଗୁରୁତର ଅଛନ୍ତି । ମୃତ ବ୍ୟକ୍ତି ହେଲେ ପାଣ୍ଡର କିସ୍କୁ (୨୨) । ସୂଚନା ଅନୁଯାୟୀ ମଙ୍ଗଳବାର ସନ୍ଧ୍ୟା ସମୟରେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବିଜାତଳା ନିକଟସ୍ଥ ଦାମୁଡ଼ିଗଡାସ୍ଥ କେନାଲ ନିକଟରେ ବାଇକ୍-ସ୍କର୍ପିଓ ଦୁର୍ଘଟଣା ଘଟିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି । ବାଦାମପାହାଡ ଥାନା ଅନ୍ତର୍ଗତ ଚୁଲିଭଙ୍ଗା ଗ୍ରାମର ପାଣ୍ଡର କିସ୍କୁ, ତାଙ୍କ ସ୍ତ୍ରୀ ସିତାମଣି ସୋରେନ୍, ପୁଅ ଭୀମ କିସ୍କୁ (୫) ମିଶି ତାଙ୍କ ଝିଅଙ୍କୁ ଗୋରୁମହିଷାଣି ଥାନା ଅନ୍ତର୍ଗତ ବଳରାମପୁରସ୍ଥିତ ଆଶ୍ରମ ସ୍କୁଲରେ ଛାଡ଼ି ଘରକୁ ଫେରୁଥିବା ସମୟରେ ଦାମୁଡ଼ିଗଡାସ୍ଥ ବାଙ୍କବଲ ବନ୍ଧର କେନାଲ ନିକଟରେ ଥିବା ରାଇରଙ୍ଗପୁର-ବାରିପଦା ମୁଖ୍ୟ ରାସ୍ତାରେ ଏକ ସ୍କର୍ପିଅ (ଓଡ଼ି-୧୧-ଏଜେ- ୨୩୪୩) ଓ ବାଇକ୍ (ଓଡ଼ି-୧୧-ଏଏ-୬୧୩୬) ସହିତ ଧକ୍କା ହୋଇଥିଲା । ସେହିପରି ଜିଲ୍ଲା ରାଞ୍ଚି-ବିଜୟୱାଡା ୨୨୦ ନମ୍ବର ଜାତୀୟ ରାଜପଥର ବାଦାମପାହାଡ଼ ଥାନା ଅନ୍ତର୍ଗତ ଦଲକି ଛକରେ ଟ୍ରକ ଓ ହାଇୱା ମୁହାଁମୁହିଁ ଧକ୍କା ହେବାରୁ ଦୁଇ ଡ୍ରାଇଭର ଗୁରୁତର ଆହତ ହୋଇ କ୍ୟାବିନରେ ଫସି ରହିଥିଲେ । ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କରାଯାଇଛି । ପ୍ରଥମେ ଜଣେ ଡ୍ରାଇଭରଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିବା ବେଳେ ଅନ୍ୟ ଡ୍ରାଇଭରଙ୍କୁ ଉଦ୍ଧାର କରିବାକୁ ଦୀର୍ଘ ଦୁଇଘଣ୍ଟା ସମୟ ଲାଗିଥିଲା । ବାଦାମପାହାଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ସହ ଉଦ୍ଧାର କରିଥିଲେ । ତେବେ ଗୁରୁତର ଟ୍ରକ ଡ୍ରାଇଭର ଜଣକ ବାଦାମପାହାଡ଼ ବୁରୁଡି ଗ୍ରାମର ମଦନ ହେମ୍ବ୍ରମ (୫୫) ଏବଂ ହାଇୱା ଡ୍ରାଇଭର ଜଣକ ଅନୁଗୁଳ ଜିଲ୍ଲା ପାଲଲହଡା ଅଞ୍ଚଳର ବଳରାମ ମୁଣ୍ଡା (୨୫)ବୋଲି ଜଣାପଡିଛି । ତେବେ ବାଦାମପାହାଡ଼ ଅଗ୍ନିଶମ ବାହିନୀଙ୍କ ଟିମ ଦୁଇଘଣ୍ଟା ସମୟ ଧରି ଉଦ୍ଧାର ପ୍ରକ୍ରିୟା ପରେ ହାଇୱା ଡ୍ରାଇଭରଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ଡାକ୍ତରଖାନାକୁ ପଠାଇଛନ୍ତି । ବାଦାମପାହାଡ଼ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟ ଯାନକୁ ଜବତ କରି ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି ।



### ଉପଜିଲ୍ଲାପାଳଙ୍କ ଅଚାନକ ପରିଦର୍ଶନ

# ୬ଟି ବଳଦ ସହ ଗାଡ଼ି ଓ ସାର ବୋଝେଇ ଟ୍ରକ ଜବତ

ରାୟଗଡ଼(ନିପ୍ର): ଜିଲ୍ଲାରେ ଆଇନର ଶାସନ ସୁନିଶ୍ଚିତ କରିବା ଏବଂ ବେଆଇନ କାର୍ଯ୍ୟକଳାପ ଉପରେ ଅଙ୍କୁଶ ଲଗାଇବା ଉଦ୍ଦେଶ୍ୟରେ ରାୟଗଡ଼ ଉପଜିଲ୍ଲାପାଳ ରମେଶ କୁମାର ଜେନାଙ୍କ ଦ୍ୱାରା ମଙ୍ଗଳବାର ଏକ ଅଚାନକ ପରିଦର୍ଶନ କରାଯାଇଥିଲା । ପରିଦର୍ଶନ ସମୟରେ ଜନତା ଗାଁ ନିକଟରେ ୬ଟି ବଳଦ ବୋଝେଇ ଯାଉଥିବା ଏକ ଗାଡ଼ିକୁ ଜବତ କରାଯାଇଥିଲା । ଏହାପରେ ଜନତା ଗାଁରୁ ଫେରୁଥିବା ବେଳେ ଘାଟି ଅଞ୍ଚଳରେ ସନ୍ଦେହଜନକ ଭାବେ ସାର ବୋଝେଇ ଯାଉଥିବା ଏକ ଟ୍ରକକୁ ମଧ୍ୟ ଅଟକାଇ ଯାଞ୍ଚ କରାଯାଇଥିଲା । ପ୍ରାଥମିକ ଯାଞ୍ଚ ପରେ ଉକ୍ତ ଟ୍ରକକୁ ମଧ୍ୟ ଜବତ କରାଯାଇଥିଲା । ଜବତ ହୋଇଥିବା ଉଭୟ ଗାଡ଼ିକୁ ପରବର୍ତ୍ତୀ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ରାୟଗଡ଼ ପୋଲିସଙ୍କ ନିକଟକୁ ହସ୍ତାନ୍ତର କରାଯାଇଛି । ପ୍ରଶାସନ ପକ୍ଷରୁ ବେଆଇନ ପରିବହନ ଏବଂ ଅନ୍ୟାନ୍ୟ ଅନିୟମିତ କାର୍ଯ୍ୟକଳାପ ବିରୋଧରେ ଏଭଳି ଯାଞ୍ଚ ଓ ଚଢ଼ାଉ ଆଗାମୀ ଦିନରେ ମଧ୍ୟ ଜାରି ରହିବ ।

# ପିଲା କଳିରୁ ରକ୍ତ ବୋହିଲା: ଥାନାରେ ଜଣେ ଅଟକ

ଭାପୁର(ନିପ୍ର): ଗୋଟିଏ ପରିବାରରେ ପିଲା କଳିକୁ ନେଇ ବାପା, ମାଆ, ପୁଅ, ବୋହୂ, ଭଉଣୀଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଥିବା ବେଳେ ଘଟଣା ଯାଇ ଥାନାରେ ପହଞ୍ଚିଛି । ଏହି ଘଟଣାରେ ପୋଲିସ ଦୁଇ ଜଣଙ୍କୁ ଅଟକ ରଖିଛି । ଭାପୁର ବ୍ଲକ ଫତେଗଡ଼ ଥାନା ବାଇଗୁଣିଆ ଗ୍ରାମର ପଞ୍ଚୁ ମହାପାତ୍ର (୭୨), ସ୍ତ୍ରୀ ଭାସ୍କର ମହାପାତ୍ର (୬୫), ପୁଅ ରଞ୍ଜନ ମହାପାତ୍ର (୩୩), ବୋହୂ ମିନତୀ ସାହୁ (୨୮), ପଞ୍ଚୁଙ୍କ ବିଧବା ଝିଅ ବନିତା ସାହୁ (୩୦) ଏବଂ ରଞ୍ଜନଙ୍କ ଦୁଇଟି ସନ୍ତାନ ଗୋଟିଏ ପରିବାର ମଧ୍ୟରେ ଘରେ ରହନ୍ତି । କୌଣସି କାରଣରୁ ରଞ୍ଜନଙ୍କ ଦୁଇ ପିଲାଙ୍କ ମଧ୍ୟରେ କଳି ଲାଗିବାରୁ ତାହା ଉଗ୍ରରୂପ ଧାରଣ କରି ପରିବାରର ବାପା, ମା, ପୁଅ, ବୋହୂ ଏବଂ ବିଧବା ଭଉଣୀ ସେହି କଳିରେ ଭାଗ ନେଇଥିଲେ । ଏହି ପାରିବାରିକ କଳିରେ ସମସ୍ତ ସଦସ୍ୟମାନେ ଗାଁ ଦାଣ୍ଡକୁ ଆସି ରକ୍ତାକ୍ତ ସଂଘର୍ଷ ଘଟିଥିଲା । ଖବରପାଇ ଫତେଗଡ଼ ଥାନା ଅଧିକାରୀ ଅଜୟ କୁମାର ସାହୁ ଏବଂ ଜଗନ୍ନାଥ ଫାଣ୍ଡି ଅଧିକାରୀ ସଞ୍ଜୟ କୁମାର ଜଗଦେବ ଘଟଣାସ୍ଥଳରେ ପହଞ୍ଚି ପଞ୍ଚୁଙ୍କୁ ଥାନାରେ ଅଟକ ରଖିଥିବାବେଳେ ତାଙ୍କ ସ୍ତ୍ରୀ ଓ ଝିଅକୁ ଥାନାକୁ ଆଣି ପଚରାଉଚରା କରି ଛାଡି ଦେଇଥିବା ଥାନା ସୂତ୍ରରୁ ପ୍ରକାଶ । ପୁଅ, ବୋହୂ ଗୁରୁତର ଅବସ୍ଥାରେ ଭୁବନେଶ୍ୱରରେ ଚିକିତ୍ସା ହେଉଥିବା ଜଣାପଡିଛି ।

## ଦୁର୍ଘଟଣାରେ ସାମ୍ବାଦିକ ଆହତ

ଭାପୁର(ନିପ୍ର): ଭାପୁର ବ୍ଲକ ଯୁବ ସାମ୍ବାଦିକ ଚିତ୍ତରଞ୍ଜନ ପଣ୍ଡା ମଙ୍ଗଳବାର ଅପରାହ୍ନରେ ବାଇକ ଦୁର୍ଘଟଣାରେ ହାତ ଭାଙ୍ଗି ଯାଇ ଗୁରୁତର ରୂପେ ଆହତ ହୋଇଛନ୍ତି । ଘଟଣାରୁ ପ୍ରକାଶ, ଶ୍ରୀ ପଣ୍ଡା କଳାପଥର-ଭାପୁର ବାଇପାସ ରାସ୍ତାରେ ଫେରୁଥିବା ବେଳେ ଭାପୁର ଆଦିବାସୀ ସାହିର ଜନୈକ ଯୁବକ ହଠାତ ମୋପେଡକୁ ଧରି ରାସ୍ତା ଆଡୁଆଳ କରି ଛିଡା ହେବାରୁ ଶ୍ରୀ ପଣ୍ଡାଙ୍କ ବାଇକ ଭାରସାମ୍ୟ ହରାଇ ମୋପେଡକୁ ଧକ୍କା ଦେଇଥିଲା । ଫଳରେ ସେ ଘୋଷାରି ହୋଇ ପଡିବାରୁ ତାଙ୍କର ବାମ ହାତଟି ଭାଙ୍ଗି ଯାଇଥିବା ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟରତ ଡାକ୍ତରଙ୍କଠାରୁ ପ୍ରକାଶ ।

## ରହସ୍ୟ ଘେରରେ କନେଷ୍ଟବଳଙ୍କ ମୃତ୍ୟୁ

ବୈଶିଙ୍ଗା: ମୟୂରଭଞ୍ଜଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ୧୮ ନମ୍ବର ଜାତୀୟ ରାଜପଥର ପଦ୍ମନାଭପୁର ଛକ ନିକଟରେ ଜଣେ କର୍ତ୍ତବ୍ୟରତ ପୁଲିସ କନେଷ୍ଟବଳଙ୍କ ରହସ୍ୟମୟ ମୃତ୍ୟୁ ଘଟଣା ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଛି । ବୈଶିଙ୍ଗା ଥାନାରେ କାର୍ଯ୍ୟରତ ୨୦୦୨ ବ୍ୟାଚର କନେଷ୍ଟବଳ ବସନ୍ତ ମହାନ୍ତଙ୍କ ମୃତଦେହ ଏକ ଲାଲ ରଙ୍ଗର କାର ଭିତରୁ ଉଦ୍ଧାର ହେବା ପରେ ଘଟଣାକୁ ନେଇ ନାନା ପ୍ରଶ୍ନ ଉଠିଛି । ପ୍ରଥମିକ ଭାବେ ସ୍ୱାଭାବିକ ମୃତ୍ୟୁ ନେଇ ଚର୍ଚ୍ଚା ହୋଇଥିଲେ ମଧ୍ୟ ପରିବାର ପକ୍ଷରୁ ବେକ ଓ ଛାତିରେ କ୍ଷତଚିହ୍ନ ଥିବା ଅଭିଯୋଗ ସହ ହତ୍ୟା ସନ୍ଦେହ ପ୍ରକାଶ କରାଯିବାରୁ ଘଟଣା ଅଧିକ ସମ୍ବେଦନଶୀଳ ହୋଇପଡ଼ିଛି । ସୂଚନା ଅନୁଯାୟୀ, ସୋମବାର ସକାଳ ପ୍ରାୟ ୧୧ଟାରେ ଏକ ଲାଲ ରଙ୍ଗର କାର (ଓଡ଼ି୧୧ୱାଇ-୯୫୯୬) ପଦ୍ମନାଭପୁର ଛକ ନିକଟରେ ରାଜପଥ ପାର୍ଶ୍ୱରେ ଅଚଳ ଅବସ୍ଥାରେ ଛିଡ଼ା ହୋଇ ରହିଥିଲା । ଅପରାହ୍ନ ପର୍ଯ୍ୟନ୍ତ କାରଟି ସେହି ସ୍ଥାନରେ ରହିବାରୁ ସ୍ଥାନୀୟ ଲୋକଙ୍କ ସନ୍ଦେହ ବଢ଼ିଥିଲା । ପରେ ଗାଡ଼ି ନିକଟକୁ ଯାଇ ଦେଖିବା ବେଳେ ଚାଳକ ଆସନରେ କନେଷ୍ଟବଳ ବସନ୍ତ ମହାନ୍ତ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ । ବୈଶିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ଶବ ବ୍ୟବଚ୍ଛେଦ ପରେ ବାରିପଦାସ୍ଥିତ ପୁଲିସ ରିଜର୍ଭ କାର୍ଯ୍ୟାଳୟ ପରିସରରେ ମୟୂରଭଞ୍ଜ ଏସ୍.ପି. ବରୁଣ ଗୁଣ୍ଟୁପାଲିଙ୍କ ସମେତ ଜିଲ୍ଲାର ଶତାଧିକ ପୁଲିସ ଅଧିକାରୀ ଓ କର୍ମଚାରୀ ନିରବ ପ୍ରାର୍ଥନା ପୂର୍ବକ ପୁଷ୍ପାର୍ଘ୍ୟ ଅର୍ପଣ କରି ସ୍ୱର୍ଗତ କନେଷ୍ଟବଳଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସେହି ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇ ଏହି ଦୁଃଖଦ ଘଟଣାରେ ଗଭୀର ଶୋକ ପ୍ରକାଶ କରିଥିଲେ ।

# ଅଭ୍ୟାସଗତ ଅପରାଧୀ ଗିରଫ, ଦୁଇ ଚୋରା ମୋବାଇଲ ଜବତ

ଭୁବନେଶ୍ୱର(ନି.ପ୍ର): ରାଜଧାନୀର ମାଷ୍ଟର କ୍ୟାଣ୍ଟିନ ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ରାତ୍ରିକାଳୀନ ପାଟ୍ରୋଲିଂ ସମୟରେ କ୍ୟାପିଟାଲ ଥାନା ପୁଲିସ ଜଣେ ଅଭ୍ୟାସଗତ ଅପରାଧୀଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ତପନ ନାୟକ ଓରଫ କାଳନ୍ଦି । ପୁଲିସ ଅଭିଯୁକ୍ତଙ୍କ ନିକଟରୁ ଦୁଇଟି ସନ୍ଦେହଜନକ ଚୋରା ଆଣ୍ଡ୍ରଏଡ୍ ମୋବାଇଲ ଫୋନ୍ ଜବତ କରିଛି । ସୂଚନା ଅନୁଯାୟୀ, କ୍ୟାପିଟାଲ ଥାନାର ଇନ୍ସପେକ୍ଟର ନିରଞ୍ଜନ ବେହେରା ଓ ତାଙ୍କ ଟିମ୍ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ବେଳେ ମାଷ୍ଟର କ୍ୟାଣ୍ଟିନ ବସ୍‌ଷ୍ଟାଣ୍ଡ ନିକଟରେ ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଅଟକାଇ ଯାଞ୍ଚ କରିଥିଲେ । ତାଙ୍କ ପରିଚୟ ଖୋର୍ଦ୍ଧା ଜିଲ୍ଲା ଭୁବନେଶ୍ୱର ସହିଦନଗର ଥାନା ଅଧୀନ ବୟାବାବା ବସ୍ତିର କାଳନ୍ଦୀ ଓରଫ ତପନ ନାୟକ ବୋଲି ଜଣାପଡ଼ିଥିଲା । ପୁଲିସ ଫେସିଆଲ ରେକଗ୍ନିସନ୍ ସିଷ୍ଟମ୍ (ଏଫଆରଏସ) ମାଧ୍ୟମରେ ତାଙ୍କ ପରିଚୟ ଯାଞ୍ଚ କରିବା ପରେ ସେ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବା ସହ ତାଙ୍କ ନାମରେ ଏକାଧିକ ଆପରାଧିକ ମାମଲା ରହିଥିବା ଜଣାପଡ଼ିଥିଲା । ତଲାସି ବେଳେ ଅଭିଯୁକ୍ତଙ୍କ ନିକଟରୁ ଦୁଇଟି ମୋବାଇଲ ଜବତ କରାଯାଇଥିଲା । ଉଭୟ ମୋବାଇଲ ଚୋରି ହୋଇଥିବା ସନ୍ଦେହ କରାଯାଉଛି । ପଚରାଉଚରା ଓ ଯାଞ୍ଚ ବେଳେ ଜଣାପଡ଼ିଛି ଯେ, ଅଭିଯୁକ୍ତ ପୂର୍ବରୁ ଦୋଷୀ ସାବ୍ୟସ୍ତ ହୋଇଥିବା ସହ ତାଙ୍କ ନାମରେ ସମାନ ପ୍ରକାରର ୧୨ଟି ଆପରାଧିକ ମାମଲା ରହିଛି । ସେ ଏବଂ ତାଙ୍କ ସହଯୋଗୀମାନେ ରାତି ବେଳେ ରେଳ ଷ୍ଟେସନ୍ ଓ ଅନ୍ୟ ସାର୍ବଜନିକ ସ୍ଥାନରୁ ଫେରୁଥିବା ଯାତ୍ରୀମାନଙ୍କୁ ଟାର୍ଗେଟ କରି ମୋବାଇଲ ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଛିନତାଇ ଏବଂ ଚୋରି କରୁଥିବା ପୁଲିସ ସନ୍ଦେହ କରୁଛି । ତାଙ୍କ ନାମରେ ଖାରବେଳ ନଗର ଥାନାରେ ମଧ୍ୟ ପୂର୍ବରୁ ମାମଲା ରହିଛି । ପୁଲିସ ବର୍ତ୍ତମାନ ଜବତ ମୋବାଇଲ ଫୋନ୍‌ର ପ୍ରକୃତ ମାଲିକଙ୍କୁ ଚିହ୍ନଟ କରିବା, ଅନ୍ୟ ପୀଡ଼ିତଙ୍କୁ ଖୋଜିବା ଏବଂ ଅଭିଯୁକ୍ତଙ୍କ ସହଯୋଗୀମାନଙ୍କୁ ଧରିବା ପାଇଁ ତଦନ୍ତ ଜାରି ରଖିଛି । ଅଭିଯୁକ୍ତଙ୍କୁ ମଙ୍ଗଳବାର ଅଦାଲତରେ ହାଜର କରାଯାଇ ନ୍ୟାୟିକ ହେପାଜତକୁ ପଠାଯିବ । ତାଙ୍କ ବିରୋଧରେ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୨୯ ଅନୁଯାୟୀ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ଟ୍ରେନ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା ଗୋବିନ୍ଦପୁର ଥାନା ଅଧିନସ୍ଥ ସଗରା ସୋନାଖାନ୍ ରେଳ ଷ୍ଟେସନ ମଧ୍ୟରେ ଏକ ମାଲଗାଡ଼ି ଟ୍ରେନ ଧକ୍କାରେ ଜଣେ ୧୯ ବର୍ଷୀୟ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଚିନିମହୁଲ ଗ୍ରାମର ସ୍ୱର୍ଗତ ବିପିନ ଭଇଁଷାଙ୍କ ପୁଅ ରାହୁଲ ଭାଇଁଷା(୧୯) ବୋଲି ଜଣାପଡିଛି । ଏ ନେଇ ରାଉରକେଲା ରେଳବାଇ ପୋଲିସ୍ ଏକ ମାମଲା (ନଂ -୫୭/୨୬) ରୁଜୁ କରି ତଦନ୍ତ କରୁଛି । ରାଜଗାଙ୍ଗପୁର ରେଳବାଇ ପୋଲିସ୍ ଏସ୍‌ଆଇ ଲିଙ୍ଗରାଜ ସାହୁଙ୍କ ସୂଚନା ଅନୁଯାୟୀ, ରବିବାର ସନ୍ଧ୍ୟା ସମୟରେ ରାହୁଲ ତାଙ୍କ ବଡ଼ ଭଉଣୀଙ୍କ ଘରକୁ ଯିବା ପାଇଁ ସୋନାଖାନରୁ ରାଇକାକଛାର ଅଭିମୁଖେ ଯାଉଥିଲେ । ଉକ୍ତ ସମୟରେ ସଗରା ସୋନାଖାନ ମଝିରେ ତୃତୀୟ ରେଳ ଲାଇନ୍‌ରେ ଦ୍ରୁତଗତିରେ ଆସୁଥିବା ରକେଟ୍/ଏନ୍‌ଏମ୍‌ଜି/ବିଏସ୍‌ଏଲ୍ ମାଲଗାଡ଼ି ତାଙ୍କୁ ଧକ୍କା ଦେଇଥିଲା । ଲୋକୋ ପାଇଲଟ୍ ବାରମ୍ବାର ହର୍ଣ୍ଣ ବଜାଇବା ସହ ଜରୁରୀକାଳୀନ ବ୍ରେକ୍ ପ୍ରୟୋଗ କରିଥିଲେ ମଧ୍ୟ ଟ୍ରେନ୍‌ର ବେଗ ଅଧିକ ଥିବାରୁ ଦୁର୍ଘଟଣାକୁ ଏଡ଼ାଇବା ସମ୍ଭବ ହୋଇନଥିଲା । ଘଟଣାସ୍ଥଳରେ ହିଁ ରାହୁଲଙ୍କ ମୃତ୍ୟୁ ଘଟିଥିଲା । ସୋମବାର ରେଳବାଇ ପୋଲିସ୍ ଏଏସ୍‌ଆଇ ରଞ୍ଜନ କୁମାର ବାରିକ ମୃତଦେହ ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ ରାଜଗାଙ୍ଗପୁର ସିଏଚ୍‌ସିକୁ ପଠାଇଥିଲେ । ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ।

## ସିଏମଓରୁ ନାଇଡୁ କମିଶନ ଫାଇଲ୍ ଗାୟବ ମାମଲାରେ କ୍ରାଇମବ୍ରାଞ୍ଚ୍ ଡିଜିଙ୍କ ସୂଚନା

କଟକ(ନିପ୍ର): ସିଏମଓରୁ ନାଇଡୁ କମିଶନ ଫାଇଲ ଗାଏବ ଘଟଣାରେ ବଡ଼ ସୂଚନା ଦେଲେ କ୍ରାଇମବ୍ରାଞ୍ଚ୍ ଡିଜି ବିନୟତୋଷ ମିଶ୍ର । ପୁରା ଘଟଣାର ତଦନ୍ତ ବୈଷୟିକ ଉପାୟରେ କରାଯାଉଛି । ଖୁବଶୀଘ୍ର ଅନ୍ୟ କିଛି ଲୋକଙ୍କୁ ଜେରା କରାଯିବ । ତଦନ୍ତ ଚାଲୁଥିବା ବେଳେ ଯାହାର ସମ୍ପୃକ୍ତି ଆସିବ ସିଏ ହାଜର ହେବା ପାଇଁ ବାଧ୍ୟ ବୋଲି କହିଛନ୍ତି କ୍ରାଇମବ୍ରାଞ୍ଚ ଡିଜି । ତଦନ୍ତ ବେଳେ କିଏ ସାକ୍ଷୀ, କିଏ ସନ୍ଦିଗ୍ଧ ଆଉ କିଏ ଅଭିଯୁକ୍ତ ତାହା ପ୍ରମାଣ କହିବ । ତେଣୁ ତଦନ୍ତ ବେଳେ ଯେଉଁମାନଙ୍କୁ ନୋଟିସ କରାଯିବ ସେମାନେ ଏଡ଼ାଇ ଯାଇପାରିବେ ନାହିଁ । ତଦନ୍ତ ଚାଲିଛି, ଖୁବଶୀଘ୍ର ସାମ୍ନାକୁ ଆସିବ କିଏ ହେବ ସାକ୍ଷୀ ଏବଂ କିଏ ହେବ ଅଭିଯୁକ୍ତ । ଆବଶ୍ୟକ ଅନୁସାରେ ପର୍ଯ୍ୟାୟକ୍ରମେ ଜଣ ଜଣକୁ ହେବ ନୋଟିସ ବୋଲି କହିଛନ୍ତି କ୍ରାଇମବ୍ରାଞ୍ଚ ଡିଜି ।

## ପୂର୍ବତନ ସମିତିସଭ୍ୟଙ୍କୁ ଆକ୍ରମଣ

ଭାପୁର(ନିପ୍ର): ପଞ୍ଚାୟତ ନିର୍ବାଚନ ଯେତିକି ପାଖେଇ ଆସୁଛି ଭାପୁର ବ୍ଲକରେ ରାଜନୈତିକ ହିଂସା ବର୍ତ୍ତମାନଠାରୁ ଦେଖିବାକୁ ମିଳିଲାଣି । ମଙ୍ଗଳବାର ଅପରାହ୍ନ ସମୟରେ ଭାପୁର ବ୍ଲକ ଧାନଚାଙ୍ଗଡ଼ା ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଭୀମସେନ ସାମଲଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି । ଘଟଣାରୁ ପ୍ରକାଶ, ଶ୍ରୀ ସାମଲ ନିଜ ଗ୍ରାମରୁ ବାଇକ ଯୋଗେ ଭାପୁର ଆସୁଥିବା ବେଳେ ରାକମା ଗ୍ରାମର ମହାଦେବଙ୍କ ପୋଖରୀ ରାସ୍ତାରେ ଦୁଇ ଜଣ ଦୁର୍ବୃତ୍ତ ମୁହଁରେ ମୁଖା ବାନ୍ଧି ବାଇକରେ ଆସି ସାମଲଙ୍କୁ ଅଟକାଇ ଖଣ୍ଡାରେ ଆକ୍ରମଣ କରିଥିଲେ । ଫଳରେ ଶ୍ରୀ ସାମଲ ହାତ ଦେଖାଇ ଦେବାରୁ ଖଣ୍ଡା ଚୋଟ ହାତରେ ବାଜିବାରୁ ଅଳ୍ପକେ ରକ୍ଷା ପାଇଯାଇଛନ୍ତି । ଦୁର୍ବୃତ୍ତମାନେ ଆକ୍ରମଣ କରି ଫେରାର ହୋଇଯାଇଥିବା ବେଳେ ଆହତ ଶ୍ରୀ ସାମଲଙ୍କୁ ସ୍ଥାନୀୟ ଯୁବକମାନେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ । ସ୍ୱାସ୍ଥ୍ୟକେନ୍ଦ୍ରରେ ଶ୍ରୀ ସାମଲ ଚିକିତ୍ସା ହୋଇ ଘରକୁ ଫେରିଥିବାବେଳେ ବର୍ତ୍ତମାନଠାରୁ ରାଜନୈତିକ ହିଂସା ଆରମ୍ଭକୁ ନେଇ ରାଜନୀତିଜ୍ଞଙ୍କ ମହଲରେ ଆଲୋଚନାର ବିଷୟ ପାଲଟିଛି ।

# ଓଡ଼ିଶା ପୋଲିସ-ଏନଏଫଏସୟୁ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର

### ସାଇବର ଅପରାଧ ତଦନ୍ତ ଓ ଡିଜିଟାଲ ଫରେନସିକ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ପାଇଁ ଏକ ଐତିହାସିକ ପଦକ୍ଷେପ: ଡିଜିପି

ଭୁବନେଶ୍ୱର(ନି.ପ୍ର): ସାଇବର ଅପରାଧର ସଠିକ ମୁକାବିଲା, ଡିଜିଟାଲ ଫରେନ୍ସିକ୍ସରେ ଦକ୍ଷତା ବୃଦ୍ଧି ଏବଂ ବୈଜ୍ଞାନିକ ତଦନ୍ତ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଓଡ଼ିଶା ପୋଲିସର ସିଆଇଡି–କ୍ରାଇମବ୍ରାଞ୍ଚ ଏବଂ ରାଷ୍ଟ୍ରୀୟ ଫରେନ୍ସିକ ବିଜ୍ଞାନ ବିଶ୍ୱବିଦ୍ୟାଳୟ (ଏନଏଫଏସୟୁ), ଭୁବନେଶ୍ୱର ମଧ୍ୟରେ ଆଜି ଏକ ୫ବର୍ଷିଆ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଓଡ଼ିଶା ପୋଲିସର ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଉପସ୍ଥିତିରେ ଡିଜିପି, କ୍ରାଇମବ୍ରାଞ୍ଚ ବିନୟତୋଷ ମିଶ୍ର ଓ ଏନଏଫଏସୟୁ କ୍ୟାମ୍ପସ ନିର୍ଦ୍ଦେଶିକା, ଡ଼ଃ ପୁରବୀ ପୋଖରିୟାଲ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ । ପରେ ଡିଜିପି ଶ୍ରୀ ଖୁରାନିଆ "ସାଇବର ଅପରାଧ ତଦନ୍ତ ଏବଂ ଡିଜିଟାଲ ଫରେନ୍ସିକ ଶୀର୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଡିଜିପି କହିଥିଲେ ଯେ, ଆଜିର ଦିନଟି ଓଡ଼ିଶା ପୋଲିସର ଆଧୁନିକୀକରଣ ଓ ବିକାଶ ଯାତ୍ରାରେ ଏକ ଐତିହାସିକ ମାଇଲଖୁଣ୍ଟ । ଏହି ପାଞ୍ଚବର୍ଷିଆ ବୁଝାମଣାପତ୍ର ଉଭୟ ଅନୁଷ୍ଠାନ ମଧ୍ୟରେ ଏକ ସୁଦୃଢ଼ ଭିତ୍ତିଭୂମି ସୃଷ୍ଟି କରିବ । ପ୍ରଥମ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହେବା ଯୋଗୁଁ ରାଜ୍ୟର ସାଇବର ପୋଲିସିଂ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟର ଶୁଭାରମ୍ଭ ବୋଲି ସେ କହିଥିଲେ । ସେ କହିଥିଲେ ଯେ, ବର୍ତ୍ତମାନ ଅପରାଧର ସ୍ୱରୂପ ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି ଏବଂ ପ୍ରାୟ ପ୍ରତ୍ୟେକ ଅପରାଧରେ ଡିଜିଟାଲ ପ୍ରମାଣର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ମ୍ୟୁଲ୍ ଆକାଉଣ୍ଟ, ଅନଲାଇନ୍ ନିବେଶ ଠକେଇ ଏବଂ "ଡିଜିଟାଲ ଗିରଫ" ଭଳି ସାଇବର ଅପରାଧ କ୍ରମାଗତ ଭାବେ ବଢୁଥିବା ବେଳେ ନୂତନ ଫୌଜଦାରୀ ଆଇନରେ ଫରେନ୍ସିକ ବିଜ୍ଞାନକୁ ତଦନ୍ତର କେନ୍ଦ୍ରବିନ୍ଦୁ କରାଯାଇଛି । ତେଣୁ ଇଲେକ୍‌ଟ୍ରୋନିକ୍ ପ୍ରମାଣର ସଠିକ୍ ଜବତ, ସଂରକ୍ଷଣ ଓ ପରିଚାଳନା ପ୍ରତ୍ୟେକ ପୋଲିସ ଅଧିକାରୀଙ୍କର ମୌଳିକ ଦକ୍ଷତା ହେବା ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ । ସାଇବର ଅପରାଧ ଚ୍ୟାଲେଞ୍ଜର ମୁକାବିଲା ପାଇଁ ରାଜ୍ୟରେ ୨୦ଟି ନୂତନ ସାଇବର ଅପରାଧ ଓ ଅର୍ଥନୈତିକ ଥାନା ସ୍ଥାପନ କରାଯାଇଥିବା ବେଳେ ସମସ୍ତ ଥାନାକୁ ପ୍ରାୟ ୧୫କୋଟି ଟଙ୍କା ମୂଲ୍ୟର ଆଧୁନିକ ହାର୍ଡୱେର ଓ ସଫ୍ଟୱେର ଯୋଗାଇ ଦିଆଯାଇଛି । ଏହି ଉପକରଣଗୁଡ଼ିକର ବ୍ୟବହାର ପାଇଁ ଉନ୍ନତମାନର ପ୍ରଶିକ୍ଷଣ ଅପରିହାର୍ଯ୍ୟ ବୋଲି ସେ କହିଥିଲେ । ଏନଏଫଏସୟୁ ସହ ବୁଝାମଣାପତ୍ର କେବଳ ପ୍ରଶିକ୍ଷଣରେ ସୀମିତ ନରହି ଅପରାଧସ୍ଥଳ ପରିଚାଳନା, ଉଚ୍ଚଶିକ୍ଷା, ମିଳିତ ଗବେଷଣା, ଫରେନ୍ସିକ୍ ଭିତ୍ତିଭୂମିର ବିକାଶ ଓ ବୈଷୟିକ ପରାମର୍ଶ ଭଳି ବହୁ କ୍ଷେତ୍ରକୁ ସାମିଲ କରିବା ଦିଗରେ ଡିଜିପି ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମରେ ଡିଜିପି, କ୍ରାଇମବ୍ରାଞ୍ଚ ବିନୟତୋଷ ମିଶ୍ର କହିଥିଲେ ଯେ, ଏନଏଫଏସୟୁ ସହ ସହଭାଗିତା ଯୋଗୁଁ ପୋଲିସ ବିଭାଗର ସମସ୍ତ ସ୍ତରର କର୍ମଚାରୀ ଓ ଅଧିକାରୀଙ୍କୁ ଉଚ୍ଚମାନର ବୈଷୟିକ ପ୍ରଶିକ୍ଷଣ ଦେବା ସମ୍ଭବ ହୋଇପାରିବ । ୨୦୨୭ ଜାନୁଆରୀ ସୁଦ୍ଧା ରାଜ୍ୟର ୩୪ଟି ପୋଲିସ ଜିଲ୍ଲା ଏବଂ କ୍ରାଇମବ୍ରାଞ୍ଚର ମୋଟ ୪୮୦ ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ୧୬ଟି ବ୍ୟାଚରେ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ଡିଜିପି ଶ୍ରୀ ମିଶ୍ର ସୂଚନା ଦେଇଥିଲେ । ପ୍ରତ୍ୟେକ ବ୍ୟାଚରେ ୩୦ ଜଣ ଅଂଶଗ୍ରହଣ କରିବେ ଏବଂ କନଷ୍ଟେବଲ୍ ଠାରୁ ଡିଏସପି ପର୍ଯ୍ୟନ୍ତ ଅଧିକାରୀମାନେ ଏହି ପ୍ରଶିକ୍ଷଣରେ ସାମିଲ ହେବେ । ୬ ଦିନିଆ ଏହି ପ୍ରଶିକ୍ଷଣରେ ୫ଦିନ ଏନଏଫଏସୟୁ ରେ ଶ୍ରେଣୀଗୃହ ଓ ପରୀକ୍ଷାଗାର ଭିତ୍ତିକ ପ୍ରଶିକ୍ଷଣ ଏବଂ ୧ ଦିନ ସାଇବର କମ୍ପ୍ଲେକ୍ସରେ ପ୍ରଶିକ୍ଷଣ ଦିଆଯିବ ବୋଲି ସେ ସୂଚନା ଦେଇଥିଲେ । ପ୍ରଥମ ବ୍ୟାଚକୁ ସମ୍ବୋଧନ କରି ଡିଜିପି କହିଥିଲେ ଯେ, ଏହି ପ୍ରଶିକ୍ଷଣର ପ୍ରକୃତ ସଫଳତା କେବଳ ପ୍ରମାଣପତ୍ର ହାସଲରେ ନୁହେଁ, ବରଂ ସଠିକ୍ ଡିଜିଟାଲ ପ୍ରମାଣ ସଂଗ୍ରହ, ବୈଜ୍ଞାନିକ ତଦନ୍ତ ଏବଂ ଅଦାଲତରେ ଗ୍ରହଣଯୋଗ୍ୟ ପ୍ରମାଣ ଉପସ୍ଥାପନ କରିବାର ଦକ୍ଷତା ହାସଲ କରିବାର ଆବଶ୍ୟକତା ରହିଛି । ପ୍ରଶିକ୍ଷଣ ଶେଷ ପରେ ନିଜ ନିଜ ଜିଲ୍ଲାକୁ ଫେରି ଅନ୍ୟ ସହକର୍ମୀମାନଙ୍କୁ ମଧ୍ୟ ଏହି ଜ୍ଞାନ ବାଣ୍ଟିବାକୁ ସେ ଆହ୍ୱାନ ଜଣାଇଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶିକା ଏସଫଏଲ, ଡ. ସନ୍ତୋଷ ବାଲା, ଏନଏଫଏସୟୁ କ୍ୟାମ୍ପସ ନିର୍ଦ୍ଦେଶିକା ଡ଼ଃ ପୁରବୀ ପୋଖରିୟାଲ, ଆଇଜି (କ୍ରାଇମବ୍ରାଞ୍ଚ) ଡ଼ଃ ସାର୍ଥକ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ । ଘରଝଟ ଆସୋସିଏଟ ପ୍ରଫେସର, ଡ଼ଃ ବିଶ୍ୱକଲ୍ୟାଣ ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ବହି ତ୍ରୁଟି ଷଡଯନ୍ତ୍ର ନେଇ କ୍ରାଇମବ୍ରାଞ୍ଚର ତନାଘନା ଜାରି, ମାମଲାରେ ୨୪୦ ଜଣଙ୍କ ତାଲିକା ପ୍ରସ୍ତୁତ

କଟକ(ନିପ୍ର): ରାଜ୍ୟରେ ପିଲାଙ୍କ ପାଠ୍ୟ ପୁସ୍ତକରେ ବ୍ୟାପକ ତ୍ରୁଟି ମାମଲାର ତଦନ୍ତ ଚାଲିଛି କହିଲେ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର । ମାମଲାରେ ୨୪୦ ଜଣଙ୍କ ତାଲିକା ପ୍ରସ୍ତୁତ କରିଛି କ୍ରାଇମବ୍ରାଞ୍ଚ । ତଦନ୍ତକୁ ନେଇ ବିଭିନ୍ନ ସମୟରେ ବୈଷୟିକ ପ୍ରକ୍ରିୟାରେ ତଦନ୍ତ ଜାରି ରହିଛି । ଏହା ତଦନ୍ତର ବହୁତ ବଡ଼ ପ୍ରକ୍ରିୟା ରହିଛି ବୋଲି ସେ କହିଛନ୍ତି । ବହି ଛାପିବାରେ ୨ଶହରୁ ୨୫୦ ଲୋକଙ୍କ ସମ୍ପୃକ୍ତି ଥିବାରୁ ପର୍ଯ୍ୟାୟକ୍ରମେ ତଦନ୍ତ ଚାଲିଛି । ପୂର୍ବରୁ ଏହି ମାମଲାରେ ଏସସିଇଆରଟିର ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢୀ ଗିରଫ ହୋଇଛନ୍ତି । ଅପରାଧିକ ମାମଲା ରୁଜୁ କରି ସ୍ୱତନ୍ତ୍ର ଟିମ୍ ଗଠନ ସହ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରୁଛି କ୍ରାଇମବ୍ରାଞ୍ଚ । ବହି ତ୍ରୁଟି ଷଡଯନ୍ତ୍ରରେ ଆଉ କାହାର ସମ୍ପୃକ୍ତି ରହିଛି ତାହାର ତନାଘନା କରୁଛି କ୍ରାଇମ ବ୍ରାଞ୍ଚ । ପ୍ରଥମରୁ ଅଷ୍ଟମ ଶ୍ରେଣୀ ବହିରେ ଦୁଇ ହଜାରରୁ ଅଧିକ ଭାଷା ଓ ତଥ୍ୟଗତ ତ୍ରୁଟି ରହିଛି । ଏହାକୁ ନେଇ ଷଡ଼ଯନ୍ତ୍ର ବାରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ପରେ କ୍ରାଇମ ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ପରେ ପୁରା ଘଟଣାରେ କ୍ରାଇମବ୍ରାଞ୍ଚ ତଦନ୍ତ ଚଳାଇଛି ।

# ଗାଁ ଝିଅର ସଫଳତାକୁ ନେଇ ରାଷ୍ଟ୍ରପତି ଭବନରୁ ଆସିଲା ନିମନ୍ତ୍ରଣ



ଝାରସୁଗୁଡ଼ା, ୪/୮(ନିପ୍ର): ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ ଅନ୍ତର୍ଗତ ତିଲେଇମାଲ ଗ୍ରାମ ପାଇଁ ଆସିଛି ଏକ ଗୌରବମୟ ମୁହୂର୍ତ୍ତ। ଗ୍ରାମର ଝିଅ ଭେଷମତି ନାଏକଙ୍କୁ ଆସନ୍ତା ୧୫ ଅଗଷ୍ଟ ସ୍ୱାଧୀନତା ଦିବସ ଅବସରରେ ନୂଆଦିଲ୍ଲୀ ସ୍ଥିତ ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱାଧୀନତା ଦିବସ ପାଳନ କାର୍ଯ୍ୟକ୍ରମରେ ସାମିଲ ହେବା ସହ ରାଷ୍ଟ୍ରପତି ଭବନରେ ଆୟୋଜିତ ରାତ୍ରିଭୋଜନରେ ଯୋଗଦେବା ପାଇଁ ସୋମବାର ସରକାରୀ ନିମନ୍ତ୍ରଣ ମିଳିଛି। ଏହି ସମ୍ମାନଜନକ ନିମନ୍ତ୍ରଣ ପାଇବା ପରେ ଭେଷମତିଙ୍କ ପରିବାର, ଗ୍ରାମବାସୀ ଏବଂ ସମଗ୍ର ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଭେଷମତି ନାଏକ ବର୍ତ୍ତମାନ ସମ୍ବଲପୁରସ୍ଥିତ ଆଇଆଇଏମ୍ ରେ କାର୍ଯ୍ୟରତ ଅଛନ୍ତି। ନିଜ ପରିଶ୍ରମ, ଦକ୍ଷତା ଓ କର୍ମନିଷ୍ଠା ବଳରେ ସେ ଏହି ସମ୍ମାନଜନକ ସୁଯୋଗ ପାଇଥିବାରୁ ଏହା କେବଳ ତାଙ୍କ ବ୍ୟକ୍ତିଗତ ସଫଳତା ନୁହେଁ, ବରଂ ଝାରସୁଗୁଡ଼ା ଜିଲ୍ଲା ଏବଂ ଲଇକେରା ଅଞ୍ଚଳ ପାଇଁ ମଧ୍ୟ ଗର୍ବର ବିଷୟ ପାଲଟିଛି। ରାଷ୍ଟ୍ରପତି ଭବନରେ ସ୍ୱାଧୀନତା ଦିବସ ଅବସରରେ ଆୟୋଜିତ ଏହି ଐତିହାସିକ କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ପ୍ରାନ୍ତରୁ ବଛା ବଛା ବ୍ୟକ୍ତିତ୍ୱମାନେ ଯୋଗଦେଇଥାନ୍ତି। ସେମାନଙ୍କ ମଧ୍ୟରେ ଭେଷମତି ନାଏକଙ୍କ ସାମିଲ ହେବା ତିଲେଇମାଲ ଗ୍ରାମ ପାଇଁ ଏକ ଐତିହାସିକ ସଫଳତା ଭାବେ ଦେଖାଯାଉଛି। ଭେଷମତିଙ୍କୁ ଏହି ସମ୍ମାନଜନକ ନିମନ୍ତ୍ରଣ ମିଳିବା ପରେ ବିଭିନ୍ନ ସାମାଜିକ ସଂଗଠନ, ବୁଦ୍ଧିଜୀବୀ, ଜନପ୍ରତିନିଧି, ଶିକ୍ଷକ, ସହକର୍ମୀ ଓ ଶୁଭେଚ୍ଛୁମାନଙ୍କ ପକ୍ଷରୁ ଅଭିନନ୍ଦନ ଓ ଶୁଭେଚ୍ଛାର ସୁଅ ଛୁଟିଛି। ସୋସିଆଲ୍ ମିଡିଆରେ ମଧ୍ୟ ତାଙ୍କ ସଫଳତାକୁ ନେଇ ବହୁ ପ୍ରଶଂସା କରାଯାଉଛି। ଗ୍ରାମାଞ୍ଚଳର ଜଣେ ସାଧାରଣ ପରିବାରରୁ ଆସି ଜାତୀୟ ସ୍ତରରେ ଏଭଳି ସମ୍ମାନ ହାସଲ କରିଥିବା ଭେଷମତି ନାଏକ ଆଜି ଅନେକ ଯୁବପିଢ଼ି, ବିଶେଷକରି ଗ୍ରାମୀଣ ଅଞ୍ଚଳର ଝିଅମାନଙ୍କ ପାଇଁ ପ୍ରେରଣାର ପ୍ରତୀକ ପାଲଟିଛନ୍ତି। ତାଙ୍କ ଏହି ସଫଳତା ନିଶ୍ଚିତ ଭାବେ ଅନ୍ୟ ଯୁବପିଢ଼ିଙ୍କୁ ନିଜ ସ୍ୱପ୍ନ ସାକାର କରିବା ପାଇଁ ନୂଆ ଉତ୍ସାହ ଯୋଗାଇବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ମତ ପ୍ରକାଶ କରିଛନ୍ତି।

## ମା' ମଙ୍ଗଳାଙ୍କ ମନ୍ଦିର ବିକାଶ କାର୍ଯ୍ୟ ନେଇ ସମୀକ୍ଷା



**କାକଟପୁର, ୪/୮(ନିପ୍ର):** ଲୋକସେବା ଭବନଠାରେ କାକଟପୁରର ପ୍ରସିଦ୍ଧ ଶକ୍ତିପୀଠ ମା' ମଙ୍ଗଳାଙ୍କ ମନ୍ଦିରର ବିକାଶ କାର୍ଯ୍ୟ ସମ୍ପର୍କିତ ସମୀକ୍ଷା ବୈଠକ ମଙ୍ଗଳବାର ଆୟୋଜିତ ହୋଇଯାଇଛି। ଏହି ଅବସରରେ ଶ୍ରଦ୍ଧାଳୁଙ୍କ ପାଇଁ ଉନ୍ନତ ସୁବିଧା ସୁନିଶ୍ଚିତ କରିବା ସହ ମନ୍ଦିରର ସାମଗ୍ରିକ ବିକାଶ ବାବଦରେ ବିସ୍ତୃତ ଆଲୋଚନା ହୋଇଥିଲା । ବୈଠକରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା , ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଦେବୋତ୍ତର କମିଶନର ସତ୍ୟନାରାୟଣ ଷଡ଼ଙ୍ଗୀ, ଓଡ଼ିଶା ସେତୁ ଓ ନିର୍ମାଣ ନିଗମ (ଓବିସିସି)ର ପରିଚାଳନା ନିର୍ଦ୍ଦେଶକ ଅନୁପମ ଶାହ, ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏବଂ ଅନ୍ୟ ଅଧିକାରୀଗଣ ଉପସ୍ଥିତ ଥିଲେ।

## ଓଡ଼ିଆ ସାମ୍ବାଦିକତା ଦିବସରେ ସମସ୍ତ ସାମ୍ବାଦିକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଭୁବନେଶ୍ୱର, ୪/୮(ନିପ୍ର): ଓଡ଼ିଆ ସାମ୍ବାଦିକତା ଦିବସରେ ସମସ୍ତ ସାମ୍ବାଦିକଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି । ଏନେଇ ସୋସିଆଲ ହ୍ୟାଣ୍ଡେଲରେ ଏକବାର୍ତ୍ତା ସେୟାର କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଆ ସାମ୍ବାଦିକତା ଦିବସରେ ସମସ୍ତ ସାମ୍ବାଦିକ ଭାଇ ଓ ଭଉଣୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗଣତନ୍ତ୍ରର ସୁଦୃଢ଼ ସ୍ତମ୍ଭ ଭାବେସତ୍ୟ, ନିରପେକ୍ଷତା ଓଜନସ୍ୱାର୍ଥର ସୁରକ୍ଷାରେ ଆପଣଙ୍କ ଅବଦାନ ପ୍ରଶଂସନୀୟ। ସମାଜକୁ ସଚେତନ, ସଶକ୍ତ ଓ ଦାୟିତ୍ୱବାନ କରିବାରେ ଓଡ଼ିଆ ସାମ୍ବାଦିକତାର ଏହି ନିଷ୍ଠାପର ପ୍ରୟାସ ନିରନ୍ତର ଜାରି ରହୁ।

# ଏମାର ମଠ ରୁପା ଇଟା କେଉଁଠି

ଭୁବନେଶ୍ୱର, ୪/୮(ନିପ୍ର): ୨୦୧୧ ମସିହାରେ ଏମାର ମଠରୁ ଜବତ ହୋଇଥିଲା ୫୪୫ ଖଣ୍ଡ ରୁପା ଇଟା। ଦୁଇ ଶ୍ରମିକ ରୁପା ଇଟା ବିକ୍ରି କରି ଧରାପଡ଼ିବା ପରେ ଏମାର ମଠ ପର୍ଯ୍ୟନ୍ତ ପହଞ୍ଚିଥିଲା ପୁଲିସ। ସେତେବେଳେ ଜବତ ଇଟାର ଆନୁମାନିକ ମୂଲ୍ୟ ପ୍ରାୟ ୯୦ କୋଟି ବୋଲି କୁହାଯାଉଥିଲା। ଦେବୋତ୍ତର ବିଭାଗ ପାଖରେ ମଠ ତରଫରୁ ଏ ସମ୍ପତ୍ତିକୁ ନେଇ କୌଣସି ସୂଚନା ଦିଆଯାଇନଥିଲା। ତେଣୁ ରୁପା ଇଟାକୁ ଜବତ କରି ନିଜ ହେଫାଜତକୁ ନେଇଥିଲା ପୁଲିସ। ଏବେ ସେ ଇଟାଗୁଡ଼ିକ କୁଆଡ଼େ ଗଲା ବୋଲି ପୁଣି ଚର୍ଚ୍ଚା ଆରମ୍ଭ ହୋଇଛି। ସେଗୁଡ଼ିକୁ ଶ୍ରୀମନ୍ଦିର ପ୍ରଶାସନ ମାର୍ଫତକୁ ଆଣି ମନ୍ଦିର ସୌନ୍ଦର୍ଯ୍ୟକରଣ କାମରେ ଲଗାଇବାକୁ ଦାବି ଜୋର ଧରିଛି। ସିଂହଦ୍ୱାର, ପତିତପାବନ ଭଳି ଶ୍ରୀମନ୍ଦିର ଅନ୍ୟ ଦ୍ୱାର ଗୁଡ଼ିକୁ ରୁପା ଛାଉଣୀ କରାଇବା ପାଇଁ ଇଟାଗୁଡ଼ିକୁ ଲଗାଇବାକୁ ଦାବି କରିଛନ୍ତି ସେବାୟତ ଓ ବୁଦ୍ଧିଜୀବୀ। ଐତିହାସିକଙ୍କ ମତରେ ଏହି ରୁପା ଇଟା ସବୁ ୧୫୦ ବର୍ଷ ପୁରୁଣା। ଏଭଳି ମୂଲ୍ୟବାନ ରୁପାକୁ ମହାପ୍ରଭୁଙ୍କ କାମ ଲଗାଇବା ଉଚିତ। ପୂର୍ବରୁ ଭକ୍ତଙ୍କ ଦାନ ରୁପାରୁ ୩୦୦ କେଜି ବ୍ୟବହାର କରାଯାଇ ପତିତପାବନ ମନ୍ଦିର, ସିଂହଦ୍ୱାର ଗୁମୁଟ, ୭ ଚଳନ୍ତି ପ୍ରତିମାଙ୍କ ପ୍ରଭା, ଖ୍ୟଲଣ ଆଦିକୁ ଛାଉଣୀ କରାଯାଇଛି। ପରେ ରତ୍ନ ଭଣ୍ଡାର, ରକ୍ଷକ ଭଣ୍ଡାର, ଲୋକନାଥଙ୍କ ଦ୍ୱାର, ଅଣସର ଖଟ ସମେତ ରତ୍ନ ଭଣ୍ଡାର ଦ୍ୱାର ମଧ୍ୟ ଛାଉଣୀ କରାଯାଇଛି। ତେଣୁ ଜବତ ଇଟାକୁ ଆଣି କାମରେ ଲଗାଇଲେ ସୁଫଳ ମିଳିବ ବୋଲି କୁହାଯାଉଛି।



### ଏନଏଚ୍-୪୯ ଚାରିଲେନ୍ ପ୍ରକଳ୍ପକୁ ମିଳିଲା ଗତି

# ଜମି ଅଧିଗ୍ରହଣ ପାଇଁ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ

ଝାରସୁଗୁଡ଼ା, ୪ /୮(ନିପ୍ର): ଝାରସୁଗୁଡ଼ାରୁ କନକତୋରା ପର୍ଯ୍ୟନ୍ତ ଜାତୀୟ ରାଜପଥ-୪୯କୁ ପେଭଡ୍ ସୋଲ୍ଡର ସହ ଚାରିଲେନ୍ ର ପ୍ରଶସ୍ତିକରଣ କରିବା ପ୍ରକଳ୍ପ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ବହୁ ପ୍ରତୀକ୍ଷିତ ଏହି ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ପ୍ରଥମ ପର୍ଯ୍ୟାୟ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ଆନୁଷ୍ଠାନିକ ଭାବେ ଆରମ୍ଭ କରିଥିବାବେଳେ ଏନେଇ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି। କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଗତ ଜୁଲାଇ ୨୭ ତାରିଖରେ ଜାରି ହୋଇଥିବା ଅସାଧାରଣ ଗେଜେଟ୍ ବିଜ୍ଞପ୍ତି (ଏସ୍.ଓ.-୪୧୪୩ ଓ ଏସ୍.ଓ.-୪୧୪୬) ଅନୁଯାୟୀ, ପ୍ରକଳ୍ପ ପାଇଁ ଝାରସୁଗୁଡ଼ା ଜିଲ୍ଲାର ଝାରସୁଗୁଡ଼ା ଓ ଲଖନପୁର ତହସିଲ ଅଞ୍ଚଳରୁ ମୋଟ ୬୦.୨୫୭୭ ହେକ୍ଟର (ପ୍ରାୟ ୧୪୮.୮୯ ଏକର) ଜମି ଅଧିଗ୍ରହଣ କରାଯିବ। ଏଥିରେ ବ୍ୟକ୍ତିଗତ ଚାଷଜମି, ଘରବାରୀ, ସରକାରୀ ଜମି, ଜଙ୍ଗଲ ଓ ଅନ୍ୟାନ୍ୟ ବର୍ଗର ଜମି ସାମିଲ ରହିଛି। ଲଖନପୁର ତହସିଲ ଅନ୍ତର୍ଗତ ବାଦିମାଲ, କଦମଘାଟ, ରେଙ୍ଗୁଲି, ତେଲେନ, ସାଗରପାଲି, କଦମଡ଼ିହି, କୁଟୁରାପାଲି ଓ ଉତୁଗାଁ ମୌଜାରୁ ମୋଟ ୨୪.୪୯୬ ହେକ୍ଟର ଜମି ଅଧିଗ୍ରହଣ କରାଯିବ। ଏଥିମଧ୍ୟରୁ ବାଦିମାଲ ମୌଜାରୁ ସର୍ବାଧିକ ୬.୫୨୯ ହେକ୍ଟର ଜମି ଅଧିଗ୍ରହଣ କରାଯିବାକୁ ଥିବାବେଳେ ଲଖନପୁର ତହସିଲଦାରଙ୍କୁ ଏହି ପ୍ୟାକେଜ୍ ର ସକ୍ଷମ ପ୍ରାଧିକାରୀ ଭାବେ ନିଯୁକ୍ତ କରାଯାଇଛି।



## ବୃଦ୍ଧଙ୍କୁ ନିସ୍ତୁକ ମାଡ଼ ଅଭିଯୋଗ

କୁଚିଣ୍ଡା,୪/୮(ନିପ୍ର): ସମ୍ବଲପୁର ଜିଲ୍ଲା ବାମରା ବନ୍ୟପ୍ରାଣୀ ବନଖଣ୍ଡ କୁଚିଣ୍ଡା ରେଞ୍ଜ ଅଧୀନସ୍ଥ ବଡବାହାଲ ସେକ୍ସନ ବଡମୁଣ୍ଡା ଲୋଇ ଗ୍ରାମର ଜନୈକ ଡୁଙ୍ଗଡୁଙ୍ଗ (୬୫) ୱାଚରଙ୍କ କାଠ ଚୋରାଚାଲାଣ ସମ୍ପର୍କରେ ଗଣମାଧ୍ୟମ ଆଗରେ ସତ କହି ଦେବାରୁ କୁଚିଣ୍ଡା ରେଞ୍ଜ ଅଫିସରେ ତାଙ୍କୁ ଉଲଗ୍ନ କରି ନିସ୍ତୁକ ମାଡ଼ ମରାଯାଇଥିବା ଚର୍ଚ୍ଚାର ବିଷୟ ହୋଇଛି। ମାତ୍ର ଏ ପର୍ଯ୍ୟନ୍ତ କୌଣସି ମାମଲା ରୁଜୁ ହୋଇନଥିବା ବେଳେ ଜଣେ ଅଧିକାରୀ ଏହାର ତଦନ୍ତ ଚାଲିଥିବା କହିଥିବା ଏକ ସୂତ୍ରରୁ ପ୍ରକାଶ। ସୂଚନା ଅନୁଯାୟୀ ବଡମୁଣ୍ଡା ଲୋଇରେ ୱାଚର କାମକରୁଥିବା ପାତ୍ର କୁଆଡେ ୩୦ ଖଣ୍ଡ ମୂଲ୍ୟବାନ କାଠ ପଟ୍ଟା ଅଭିଯୋଗକାରୀ ପୀୟୁଷଙ୍କ ଘରେ ଲୁଚାଇ ରଖିଥିଲେ।

## ପୋଲିସର କାର୍ଯ୍ୟକୁ ପ୍ରଶଂସା

କୁଚିଣ୍ଡା, ୪/୮(ନିପ୍ର): ମାନବିକତା ଓ ସେବା ମନୋଭାବର ଏକ ପ୍ରଶଂସନୀୟ ଉଦାହରଣ ସୃଷ୍ଟି କରିଛି ଗୋବିନ୍ଦପୁର ପୋଲିସ। ବାମରା ବସ୍‌ଷ୍ଟାଣ୍ଡ ନିକଟରେ ଜଣେ ଅସହାୟ ଅଜଣା ଯୁବକ ଉଦ୍ଦେଶ୍ୟହୀନ ଭାବେ ବୁଲୁଥିବା ବେଳେ ଖବର ପାଇ ଗୋବିନ୍ଦପୁର ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଥଇଥାନ କରିବା ପରେ ବେଶ୍ ପ୍ରଶଂସା ଗୋଟାଇଛି। ଅଜଣା ଯୁବକଙ୍କୁ ଉଦ୍ଧାର କରି ଗୋବିନ୍ଦପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)ରେ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କରାଇଥିଲା। ଯୁବକ ଜଣକ ନିଜ ପରିଚୟ ସଠିକ୍ ଭାବେ ଦେଇପାରୁ ନଥିବାରୁ ସେ ମାନସିକ ଅନଗ୍ରସର ଥିବା ଅନୁମାନ ହେଉଛି। ଯୁବକଙ୍କ ସୁରକ୍ଷା, ସେବା ଓ ଯତ୍ନସହ ପୁନର୍ବାସକୁ ଦୃଷ୍ଟିରେ ରଖି ଝାରସୁଗୁଡ଼ା ମିଶନ ଆଶାଲୋକ ଆଶ୍ରମକୁ ହସ୍ତାନ୍ତର କରାଯାଇଛି।

### ନାଇଡୁ କମିସନ ରିପୋର୍ଟ ହଜିବା ମାମଲା

## ତତ୍କାଳୀନ କିରାଣିଙ୍କ ଘରେ କ୍ରାଇମ ବ୍ରାଞ୍ଚ ଚଢ଼ଉ

ଭୁବନେଶ୍ୱର,୪ ।୮: ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟା ସଂପର୍କିତ ନାଇଡୁ କମିସନ ରିପୋର୍ଟ ହଜିବା ମାମଲା କ୍ରାଇମବ୍ରାଞ୍ଚ ହାତକୁ ଯିବା ପରେ, ପୁଣିଥରେ ମୂଳରୁ ଶିରା ଖୋଜୁଛି ଅପରାଧ ଶାଖାର ତଦନ୍ତକାରୀ ଟିମ୍ । ଗୃହ ବିଭାଗ, ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟ ଏବଂ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ । ଏହି ୩ଟି ଅଫିସ ଭିତରେ ଫାଇଲ୍ ହସ୍ତାନ୍ତରର କେଉଁ ବିଧି ବ୍ୟବସ୍ଥା ରହିଛି, ପ୍ରଥମେ ସେ ଦିଗରେ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରାଯାଉଛି ବୋଲି କହିଛନ୍ତି କ୍ରାଇମବ୍ରାଞ୍ଚ ଡିଜି । ତିନିଟି ଅଫିସକୁ ବିଭିନ୍ନ ତଥ୍ୟ ମଗାଯିବା ସହ, ତଦନ୍ତରେ ସହଯୋଗ ପାଇଁ ଜଣେ ନୋଡାଲ ଅଫିସର ଦେବାକୁ କୁହାଯାଇଛି । ପରେ ଯେଉଁମାନେ ତଦନ୍ତ ଘେରକୁ ଆସିବେ ସେମାନଙ୍କୁ ସମନ ଜାରି କରାଯିବ। ଆବଶ୍ୟକତା ଅନୁସାରେ ପର୍ଯ୍ୟାୟ କ୍ରମେ ଜଣ ଜଣକୁ ନୋଟିସ୍ ହେବ ବୋଲି ସୂଚନା ଦେଇଛନ୍ତି କ୍ରାଇମବ୍ରାଞ୍ଚ ଡିଜି। ମଙ୍ଗଳବାର ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ତତ୍କାଳୀନ କିରାଣି ବିଏନ ମହାରଣାଙ୍କ ଘରେ ୫ ଘଣ୍ଟା କ୍ରାଇମବ୍ରାଞ୍ଚ ଟିମ୍ ଚଢ଼ଉ କରିଥିବା ପ୍ରକାଶ।

## ପୁରୀରେ ପ୍ରତିଷ୍ଠା ହେବ କ୍ରୁଜ୍ ଟର୍ମିନାଲ

ପୁରୀ, ୪/୮(ନିପ୍ର): ପୁରୀରେ ପ୍ରତିଷ୍ଠା ହେବ ସମୁଦ୍ର ପର୍ଯ୍ୟଟନ ଟର୍ମିନାଲ । ଯାତ୍ରୀଙ୍କୁ ସୁଖଦ ଜଳଯାତ୍ରାର ଅନୁଭୂତି ଦେବ ସୌଖୀନ କ୍ରୁଜ୍ ଜାହାଜ। ପୁରୀରୁ ଯାତ୍ରୀବାହୀ ଜାହାଜ ପାରାଦୀପ, ଦୀଘା, ବିଶାଖାପାଟଣା, ଆଣ୍ଡାମାନ୍ ନିକୋବରକୁ ଯାତାୟାତ କରିବ। ମେରି ଟାଇମ୍ ସପ୍ତାହ ଅବସରରେ ହେବ ଏମଓୟୁ । ୨ରୁ ୩ବର୍ଷ ଭିତରେ ପ୍ରକଳ୍ପ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରହିଛି। ଏକ ସ୍ୱତନ୍ତ୍ର କମିଟି ଆସି ସ୍ଥାନ ନିରୂପଣ କରିଛନ୍ତି । ମଙ୍ଗଳା ମୁହାଣ ନିକଟରେ ଜମି ଦେଖାଯାଇଛି । ରାଜ୍ୟ ପର୍ଯ୍ୟଟନକୁ ଆହୁରି ଗତିଶୀଳ କରିବାକୁ ସରକାରଙ୍କ ଉଦ୍ୟମ । ପୁରୀରୁ ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ସ୍ଥାନକୁ ଚଳାଚଳ କରିବ ଘରୋଇ ସୌଖୀନ ଜାହାଜ । ପୁରୀର ବ୍ରହ୍ମଗିରିରୁ ସାତପଡ଼ା ମଧ୍ୟରେ ଏହି ଯାତ୍ରୀବାହୀ ଜାହାଜ ଚଳାଚଳ କେନ୍ଦ୍ର ପ୍ରତିଷ୍ଠା ହେବ । ପୁରୀ ମଙ୍ଗଳା ମୁହାଣ ନିକଟରେ ଏହି ଯାତ୍ରୀବାହୀ ଜାହାଜ ଚଳାଚଳ କେନ୍ଦ୍ର ପ୍ରତିଷ୍ଠା ହେବ । ପୁରୀରୁ ପାରାଦୀପ, ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଓ ପଶ୍ଚିମବଙ୍ଗର ଦୀଘା, ଆଣ୍ଡାମାନ ନିକୋବର ଦୀପପୁଞ୍ଜ ପ୍ରଭୃତି ସ୍ଥାନକୁ ଏହି ଯାତ୍ରୀବାହୀ ଜାହାଜ ଯାତାୟାତ କରିବ। ଏହି ପ୍ରକଳ୍ପର ଡିପିଆର ପ୍ରସ୍ତୁତ ହୋଇଛି। ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଓ ଇପିକଲ୍ ମିଳିତ ଭାବେ ଏହି ପ୍ରକଳ୍ପ ପ୍ରସ୍ତୁତ କରୁଛନ୍ତି। ୧.୫ ଲକ୍ଷ କୋଟି ଟଙ୍କା ଖର୍ଚ୍ଚରେ ଏହି ପ୍ରକଳ୍ପ ହେବ। ଚଳିତ ମାସ ୨୭ରୁ ୩୧ ତାରିଖ ମଧ୍ୟରେ ମୁମ୍ବାଇ ଠାରେ ଅନୁଷ୍ଠିତ ହେବାକୁ ଥିବା ଇଣ୍ଡିଆନ୍ ମେରିଟାଇମ୍ ୱିକ୍ ଅବସରରେ ଏମଓୟୁ ଚୁକ୍ତି ସ୍ୱାକ୍ଷର ହେବ । ମଙ୍ଗଳା ମୁହାଣ ନିକଟରେ ଜମି ଦେଖାଯାଇଛି । ଖୁବ ଶୀଘ୍ର ଜମି ଅଧିଗ୍ରହଣ କରାଯାଇ କାର୍ଯ୍ୟ ଆରମ୍ଭ କରାଯିବ ବୋଲି କହିଛନ୍ତି ପର୍ଯ୍ୟଟନ ଅଧିକାରୀ । ଆରମ୍ଭ ହେବ ପ୍ରଥମ ପର୍ଯ୍ୟାୟରେ ପ୍ରକଳ୍ପ ଭିତ୍ତିଭୂମୀ । ଆସନ୍ତା ୨ରୁ ତିନି ବର୍ଷ ଭିତରେ ଏହି ପ୍ରକଳ୍ପ କରିବାକୁ ଲକ୍ଷ୍ୟ ରହିଛି। ସରକାର ଯାତ୍ରୀବାହି ଜାହାଜ କେନ୍ଦ୍ର ସ୍ଥାପନ ପରେ ଏଠାରେ ବେସରକାରୀ ଜାହାଜଗୁଡ଼ିକ ବିଭିନ୍ନ ସ୍ଥାନକୁ ଚଳାଚଳ କରିବ।

# ହାତରେ ଆଙ୍ଗୁଠି ନ ଥିବାରୁ ଭତ୍ତା ପାଇବାରୁ ବଞ୍ଚିତ

## ବ୍ୟବସ୍ଥାର ନିଷ୍ଠୁରତାର ବଳିପଡ଼ିଲେ ୭୦ ବର୍ଷୀୟ ଭିନ୍ନକ୍ଷମ

**ସୋନପୁର, ୪/୮(ନିପ୍ର):** ସରକାରୀ ବ୍ୟବସ୍ଥା କେତେ ନିର୍ଦ୍ଦୟ ଓ ଅନ୍ଧ ହୋଇପାରେ, ତାର ଏକ କରୁଣ ଚିତ୍ର ଦେଖିବାକୁ ମିଳିଛି ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ଜୁଲୁଣ୍ଡା ପଞ୍ଚାୟତର ପଥରଖଣ୍ଡି ଗ୍ରାମରେ। ଡିଜିଟାଲ ଇଣ୍ଡିଆ ଓ ନୂଆ ନିୟମର ଯାନ୍ତ୍ରିକ ଜାଲରେ ଛନ୍ଦି ହୋଇ ଆଜି ଭୋକ ଓ ଉପାସରେ ଦିନ କାଟୁଛନ୍ତି ଜଣେ ୭୦ ବର୍ଷର ଅସହାୟ ଭିନ୍ନକ୍ଷମ ବୃଦ୍ଧ- ଜଳନ୍ଧର ପୁଟେଲ। ଯେଉଁ ଲୋକର ଦୁଇ ହାତରେ ଆଙ୍ଗୁଠି ନାହିଁ, ସରକାରୀ ବ୍ୟବସ୍ଥା ତାଙ୍କୁ ଆଧାର ଟିପଚିହ୍ନ ମାଗୁଛି। ଆଉ ଟିପଚିହ୍ନ ନ ମିଳିବାରୁ ବନ୍ଦ କରିଦିଆଯାଇଛି ତାଙ୍କର ଭତ୍ତା ଟଙ୍କା। ୮୦ ପ୍ରତିଶତ ଦିବ୍ୟାଙ୍ଗ, ତଥାପି ମିଳୁନି ସାହାଯ୍ୟ ତାଙ୍କ ଦୁଇ ହାତରେ ଆଙ୍ଗୁଠି ଗୁଡ଼ିକ ନାହିଁ। ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ତାଙ୍କୁ ମାସିକ ମାତ୍ର ୫୦୦ ଟଙ୍କା ସହାୟତା ମିଳୁଥିଲା। ସ୍ୱାମୀ ଓ ସ୍ତ୍ରୀ ଦୁଇ ପ୍ରାଣୀ, ସରକାରୀ ଆବାସ ଯୋଜନାରେ ମିଳିଥିବା ଘରଖଣ୍ଡିକରେ ରୁହନ୍ତି ଓ ମାଗଣା ଚାଉଳରୁ ପେଟ ପୋଷନ୍ତି। କିନ୍ତୁ ତରକାରୀ, ତେଲ, ଲୁଣ ଆଦି ନିତ୍ୟବ୍ୟବହାର୍ଯ୍ୟ ଜିନିଷ ପାଇଁ ସେହି ୫୦୦ ଟଙ୍କା ହିଁ ଥିଲା ତାଙ୍କ ବଞ୍ଚିବାର ଏକମାତ୍ର ସାହାରା। ଦୁଃଖର ବିଷୟ, ଗତ ୪ ମାସ ହେଲା ସେହି ଭତ୍ତା ଟଙ୍କା ଆସିବା ବନ୍ଦ ହୋଇଯାଇଛି। ବ୍ୟବସ୍ଥାର ବିଡ଼ମ୍ବନା: ଆଙ୍ଗୁଠି ନଥିବା ଲୋକ କେମିତି ଦେବ ଟିପଚିହ୍ନ? ଆଧାର ଭିତ୍ତିକ ଡିବିଟି ମାଧ୍ୟମରେ ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ ବ୍ୟବସ୍ଥା ଏବେ ଜଳନ୍ଧରଙ୍କ ପାଇଁ ଅଭିଶାପ ପାଲଟିଛି। ଏନ୍‌ପିସିଆଇ ପୋର୍ଟାଲରେ ବ୍ୟାଙ୍କ ଖାତା ସହ ଆଧାର ସଂଯୋଗ ହୋଇ ନ ଥିବାରୁ ଏହି ଅସୁବିଧା ଉପୁଜିଛି ବୋଲି କୁହାଯାଉଛି। କିନ୍ତୁ ଯେଉଁ ମଣିଷର ହାତରେ ଆଙ୍ଗୁଠି ନାହିଁ, ସେ ଆଧାର ଲିଙ୍କ୍ ପାଇଁ ଟିପଚିହ୍ନ କେମିତି ଦେବେ? ଏହି ଅମାନବୀୟ ନିୟମ ଯୋଗୁଁ ତାଙ୍କ ଆକାଉଣ୍ଟକୁ ଆଉ ପଇସା ଆସୁନାହିଁ। ନିରାଶ ହୋଇ ଫେରୁଛନ୍ତି ଖାଲି ହାତରେ ବୟସର ସାୟାହ୍ନରେ ଏବଂ ଶାରୀରିକ ଅକ୍ଷମତା ସତ୍ତ୍ୱେ, ନିଜ ହକର ଦୁଇ ପଇସା ପାଇବା ପାଇଁ ଜଳନ୍ଧର ବାରମ୍ବାର ବ୍ୟାଙ୍କ ଓ ବ୍ଲକ ଅଫିସକୁ ଦୌଡ଼ିଦୌଡ଼ି ନୟାନ୍ତ ହେଲେଣି। କିନ୍ତୁ କେହି ତାଙ୍କ ଗୁହାରି ଶୁଣୁନାହାନ୍ତି। ପ୍ରଶାସନର କବାଟ ବାଡେଇ ବାଡେଇ ସେ ନିରାଶ ହୋଇ ଘରକୁ ଫେରୁଛନ୍ତି। ଏ ସମ୍ପର୍କରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କୌଣସି ବୈଷୟିକ ତ୍ରୁଟି କାରଣରୁ ଏପରି ହୋଇଛି ଏବଂ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। କିନ୍ତୁ ପ୍ରଶ୍ନ ଉଠୁଛି-ଏହି ବୈଷୟିକ ତ୍ରୁଟି ସୁଧାରିବାକୁ ଆଉ କେତେ ସମୟ ଲାଗିବ? ଆଉ କେତେ ଦିନ ଜଣେ ଅସହାୟ, ଦିବ୍ୟାଙ୍ଗ ବୃଦ୍ଧଙ୍କୁ ନିଜ ପେଟର ଭୋକ ସହ ଲଢ଼ିବାକୁ ପଡ଼ିବ? ଯନ୍ତ୍ର ଓ ନିୟମ ଆଗରେ କ'ଣ ମାନବିକତା ଆଜି ସମ୍ପୂର୍ଣ୍ଣ ରୂପେ ହାରିଯାଇଛି? ସରକାର ଓ ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ନିହାତି ଜରୁରୀ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।



# ପରଲୋକରେ 'ମହାଭାରତ'ର 'ଅଶ୍ୱତ୍ଥାମା'ପ୍ରଦୀପ ରାୱତ

ମୁମ୍ବାଇ,୪ ।୮ :ସିନେ ଜଗତରୁ ଆସିଛି ଏକ ଅତ୍ୟନ୍ତ ଦୁଃଖଦ ଖବର । ବଲିଉଡ୍ ଫିଲ୍ମ 'ଗଜନୀ' ର ଲୋକପ୍ରିୟ ଖଳନାୟକ ପ୍ରଦୀପ ରାୱତଙ୍କର ୭୪ ବର୍ଷ ବୟସରେ ପରଲୋକ ହୋଇଛି । ମୁମ୍ବାଇସ୍ଥିତ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି ପ୍ରଦୀପ । ଦୀର୍ଘ ଦିନ ଧରି କ୍ୟାନ୍ସରରେ ପୀଡ଼ିତ ଥିଲେ। ତାଙ୍କ ବିୟୋଗରେ ବଲିଉଡ୍ ସହ ସମଗ୍ର ଦକ୍ଷିଣ ଭାରତୀୟ ସିନେ ଜଗତରେ ଶୋକର ଛାୟା ଖେଳିଯାଇଛି । ପ୍ରଦୀପ ଭାରତୀୟ ସିନେମାର ଏପରି ଜଣେ କଳାକାର ଥିଲେ ଯିଏ ନିଜର ଜୀବନ୍ତ ଅଭିନୟ ଏବଂ ଗମ୍ଭୀର ସ୍ୱର ପାଇଁ ବେଶ୍ ଜଣାଶୁଣା ଥିଲେ । ଆମୀର ଖାନ୍‌ଙ୍କ ଅଭିନୀତ ବ୍ଲକ୍‌ବଷ୍ଟର ଫିଲ୍ମ 'ଗଜନୀ'ରେ ତାଙ୍କର ମୁଖ୍ୟ ଖଳନାୟକ ଚରିତ୍ର ଆଜି ବି ଦର୍ଶକଙ୍କୁ ଖୁବ୍ ପସନ୍ଦ । କେବଳ ହିନ୍ଦୀ ନୁହେଁ ଏହା ପୂର୍ବରୁ ସୂର୍ଯ୍ୟାଙ୍କ ଅଭିନୀତ ଅରିଜିନାଲ୍ ତାମିଲ୍ 'ଗଜନୀ'ରେ ମଧ୍ୟ ସେ ନିଜ ଅଭିନୟର ଯାଦୁ ଦେଖାଇଥିଲେ ।ବି. ଆର୍ ଚୋପ୍ରାଙ୍କ ପ୍ରସିଦ୍ଧ ପୌରାଣିକ ସିରିଏଲ୍ 'ମହାଭାରତ'ରେ ସେ 'ଅଶ୍ୱତ୍ଥାମା' ଚରିତ୍ରରେ ଅଭିନୟ କରି ଘରେ ଘରେ ପରିଚିତ ହୋଇପାରିଥିଲେ । ପ୍ରଦୀପ କେବଳ ବଲିଉଡ୍‌ରେ ନୁହେଁ ବରଂ ତେଲୁଗୁ, ତାମିଲ୍, ମାଲାୟାଲମ୍ ଏବଂ କନ୍ନଡ଼ ଚଳଚ୍ଚିତ୍ରରେ ମଧ୍ୟ ଜଣେ ସଫଳ ଖଳନାୟକ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ।



# ରଥଯାତ୍ରା ଆଣ୍ଟି ସ୍ନାଚିଂ ଅଭିଯାନ ୧୭୫ ଲୁଟିଆ ଗିରଫ

**ପୁରୀ, ୪/୮(ନିପ୍ର):** ବିଶ୍ୱପ୍ରସିଦ୍ଧ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ୨୦୨୬ରେ ଲକ୍ଷଲକ୍ଷ ଶ୍ରଦ୍ଧାଳୁଙ୍କ ସୁରକ୍ଷା, ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ଅପରାଧ ନିୟନ୍ତ୍ରଣକୁ ସର୍ବାଧିକ ପ୍ରାଥମିକତା ଦେଇ ପୁରୀ ପୋଲିସ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରିଥିଲା। ପୁରୀ ଏସପି ପ୍ରତୀକ ସିଂଙ୍କ ନେତୃତ୍ୱରେ ଜିଲ୍ଲାର ସମସ୍ତ ପୋଲିସ ଥାନା, ସାଇବର ପୋଲିସ ଥାନାର ସମନ୍ୱିତ ପ୍ରୟାସରେ ଏକ ସ୍ୱତନ୍ତ୍ର ଆଣ୍ଟି ସ୍ନାଚିଂ ଟିମ୍ ଗଠନ କରାଯାଇଥିଲା। ରଥଯାତ୍ରା ସମୟରେ ଜନଗହଳିପୂର୍ଣ୍ଣ ସ୍ଥାନ, ବଡ଼ଦାଣ୍ଡ, ଶ୍ରୀମନ୍ଦିର ପରିସର, ବସ୍‌ଷ୍ଟାଣ୍ଡ, ସମୁଦ୍ରକୂଳ ଏବଂ ଅନ୍ୟାନ୍ୟ ସମ୍ବେଦନଶୀଳ ସ୍ଥାନରେ ଏହି ଟିମ୍ ସାଦା ପୋଷାକରେ ନିରନ୍ତର ନଜର ରଖିଥିଲେ । ଏହି ସୁପରିକଳ୍ପିତ ଅଭିଯାନର ଫଳସ୍ୱରୂପ ୧୭୫ ଜଣ ସ୍ନାଚରଙ୍କୁ ଗିରଫ କରିବାରେ ପୁରୀ ପୋଲିସ ସଫଳତା ହାସଲ କରିଛି। ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ସଂପୃକ୍ତ ଥାନାରେ ମାମଲା ରୁଜୁ କରାଯାଇ ଆଇନ ଅନୁଯାୟୀ ନ୍ୟାୟାଳୟକୁ ପ୍ରେରଣ କରାଯାଇଛି। ଏହି ସଫଳତା ରଥଯାତ୍ରା ସମୟରେ ସଂଗଠିତ ସ୍ନାଚିଂ ବିରୋଧରେ ପୁରୀ ପୋଲିସର ଦୃଢ଼ ଓ ଶୂନ୍ୟ ସହନଶୀଳତା ନୀତିର ପ୍ରତିଫଳନ। ଅଭିଯାନ ସମୟରେ ୩୦୪ଟି ହଜିଯାଇଥିବା ମୋବାଇଲ ଫୋନ୍ ଉଦ୍ଧାର କରାଯାଇଛି। ଏଥିସହ ବହୁ ସୁନା ଅଳଙ୍କାର, ନଗଦ ଅର୍ଥ, ପର୍ସ, ପରିଚୟପତ୍ର ଓ ଅନ୍ୟାନ୍ୟ ବହୁମୂଲ୍ୟ ସାମଗ୍ରୀ ମଧ୍ୟ ଉଦ୍ଧାର କରାଯାଇଛି। ସମସ୍ତ ଉଦ୍ଧାର ସାମଗ୍ରୀକୁ ଯାଞ୍ଚ ପରେ ପ୍ରକୃତ ମାଲିକଙ୍କୁ ପର୍ଯ୍ୟାୟକ୍ରମେ ଫେରସ୍ତ କରାଯାଉଛି। ଆଜି ଆୟୋଜିତ 'ମିସିଂ ମୋବାଇଲ ମେଳା' ମାଧ୍ୟମରେ ଅନେକ ନାଗରିକଙ୍କୁ ସେମାନଙ୍କର ହଜିଯାଇଥିବା ମୋବାଇଲ ଫୋନ୍ ହସ୍ତାନ୍ତର କରାଯାଇଛି। ନିଜର ହଜିଯାଇଥିବା ମୋବାଇଲ ଫେରି ପାଇ ନାଗରିକମାନେ ପୁରୀ ପୋଲିସର ତ୍ୱରିତ କାର୍ଯ୍ୟଶୈଳୀ, ପାରଦର୍ଶିତା ଓ ଜନସେବା ମନୋଭାବକୁ ଉଚ୍ଚ ପ୍ରଶଂସା କରିଛନ୍ତି। ରଥଯାତ୍ରା ସମୟରେ ପ୍ରଯୁକ୍ତିର ସଦୁପଯୋଗ କରି ସିସିଟିଭି ନଜରଦାରୀ, ଇଣ୍ଟେଲିଜେନ୍ସ ସଂଗ୍ରହ, ସାଦା ପୋଷାକଧାରୀ ପୋଲିସ, ଦ୍ରୁତ ପ୍ରତିକ୍ରିୟାକାରୀ ଟିମ୍ ଏବଂ ସମସ୍ତ ଥାନାର ସମନ୍ୱିତ କାର୍ଯ୍ୟ ଫଳରେ ଅପରାଧୀମାନଙ୍କୁ ଶୀଘ୍ର ଚିହ୍ନଟ କରି ଗିରଫ କରିବା ସମ୍ଭବ ହୋଇଥିଲା।




## ଶ୍ରୀଜଗନ୍ନାଥ କାର୍ଟୁନ ଚଳଚ୍ଚିତ୍ର ନେଇ ବୈଠକ

ଭୁବନେଶ୍ୱର,୪ ।୮ : ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପରେ ନିର୍ମିତ କାର୍ଟୁନ୍ ଚଳଚ୍ଚିତ୍ର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନେଇ ରାଜ୍ୟ ଅତିଥି ଭବନରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ସୁପ୍ରିମକୋର୍ଟଙ୍କ ଜୁଲାଇ ୨୯ ତାରିଖ ନିଷ୍ପତ୍ତି ପରେ ଅନୁଷ୍ଠିତ ଏହି ବୈଠକ ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଆଡଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ ପ୍ରମୁଖ ସାମିଲ ହୋଇଥିଲେ। ଆସନ୍ତାକାଲି ଏହି ମାମଲା ହାଇକୋର୍ଟରେ ଶୁଣାଣି ହେବାକୁ ଥିବାରୁ, ଏବେ ହାଇକୋର୍ଟଙ୍କ ନିଷ୍ପତ୍ତିକୁ ଅପେକ୍ଷା କରାଯାଇଛି। ଏହାର ସମାଧାନ ଖୁବ୍ ଶୀଘ୍ର ହେବ ବୋଲି ଆଶା ପ୍ରକାଶ କରିଛନ୍ତି ଗଜପତି ମହାରାଜା।

Mail I.d sebbar1@yahoo.co.in
34001/585/2627

GOVERNMENT OF ODISHA
OFFICE OF THE SUPERINTENDING ENGINEER, BHUBANESWAR (R&B) DIVISION NO.I, BHUBANESWAR
INVITATIONS FOR BIDS THROUGH e-Procurement
No. 5547 Date: 3.8.26

Bid Identification No. C.C. (R&B) 01 e-Procurement Notice No. ( 07 ) of 2026-27

1. Name of the work : Restoration work after laying 33KV UG Cable from Unit-3 PSS (Near Pradarshani Padia, Unit-3 to Railway Station Near Master Canteen (Road No. 1, Road No. 14 & Road No. 6) Bhubaneswar for the year 2026-27.
2. Class of Contractor : As specified in the Column-6 of the Annexure.
3. Time of Completion : As specified in the Column-7 of the Annexure.
4. Detail Projects : As per Annexure attached
5. Other Details :

| Procurement Officer | Bid Identification No. | Approximate Estimated cost put to Tender | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Superintending Engineer, Bhubaneswar (R&B) Division No.I | e-Procurement Notice No. (07) of 2026-27. | Rs.24,83,808/- | 10.08.2026 at 11:00 A.M. | 20.08.2026 to 5:30 P.M. | 20.08.2026 up to 5.30 P.M. | 21.08.2026 at 12.30 P.M. |

The bidder must posses matching class compatible Digital Signature Certificate (DSC).
Further details and other terms and condition can be seen from DTCN in the e-Procurement website www.tendersodisha.gov.in

N.B.: Subsequent corrigendum / addendum if required shall be available in the website as indicated above.

Sd/- Er. Prabhudatta Pradhan
Superintending Engineer
BBSR (R&B) Division No.I, Bhubaneswar

Memo No.5555 / dt.3.8.26 By Email- ipr.advt@gmail.com
Copy in duplicate forwarded to the Deputy Director, Publication, Information and Public Relation (Advertisement) Department, Odisha, Bhubaneswar for information and necessary action. It is requested to please arrange for publication of above tender notice in two local Odia Dailies & One National Daily News Paper on or before Dt. 10.08.2026. The complementary copies for the same may be sent to this office for record.

Superintending Engineer
BBSR (R&B) Division No.I, Bhubaneswar

OIPR 34001/34189/1/26-27/0005

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ